# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୭/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, February 17/2025 | Page 16 | ₹ 7.00 | DHENKANAL

୫୧ଶ ଭାଗ ୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 85 | ମୂଲ୍ୟ ₹୭/-




## ହାମିଲଟନଙ୍କ ଗୋଲରେ ଇଂଲଣ୍ଡ ବିଜୟୀ

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ରବିବାର ଅଧିନାୟିକା ସୋଫି ହାମିଲଟନଙ୍କ ଶୁଟ୍ ଆଉଟ ଗୋଲ ବଳରେ ଇଂଲଣ୍ଡ ୨-୧ ଗୋଲରେ ଭାରତକୁ ପରାସ୍ତ କରିଛି।

୧୪

୦୨

## କାର୍ତ୍ତିକଙ୍କ ବିପକ୍ଷରେ ଶ୍ରୀଲୀଲା

ଅନୁରାଗ ବାସୁଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏକ ଫିଲ୍ମରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ବିପକ୍ଷରେ ଅଭିନେତ୍ରୀ ଶ୍ରୀଲୀଲା ନଜରକୁ ଆସିବେ।





ଋଷିକୁଲ୍ୟା ମୁହାଣରେ ୨୦ ହଜାର ଅଲିଭ୍‌ରିଡ୍‌ଲେ: ଗଞ୍ଜାମ ଜିଲାର ଏହି ସାମୁଦ୍ରିକ ବେଳାଭୂମିରେ ପ୍ରାୟ ୧୧ ହଜାର କଇଁଛ ଗଣ ଅଣ୍ଡାଦାନ କରିଛନ୍ତି। **(ରିପୋର୍ଟ: ପୃଷ୍ଠା-୫)**

# ଯୌତୁକ ପାଇଁ ଏଚ୍‌ଆଇଭି ସଂକ୍ରମିତ ଇଞ୍ଜେକ୍ସନ

**ସାହାରନ୍‌ପୁର(ୟୁପି),୧୬।୨**



ଏକ ଏକ୍ସୟୁଭି କାର୍ ଏବଂ ୨୫ଲକ୍ଷ ଟଙ୍କା ଯୌତୁକ ଦାବି କରି ଶ୍ୱଶୁର ଘର ଲୋକେ ଝିଅକୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏପରି କି ଦାବି ପୂରଣ ନ ହେବାରୁ ସେମାନେ ଝିଅକୁ ଏଚ୍‌ଆଇଭି ସଂକ୍ରମିତ ଛୁଞ୍ଚିରେ ଇଞ୍ଜେକ୍ସନ ଦେଇଦେଲେ। ଝିଅ ଏବେ ଏଚ୍‌ଆଇଭି ପଜିଟିଭ ସଂକ୍ରମିତ ବୋଲି ସଙ୍ଗିନ ଅଭିଯୋଗ ଆଣିଛନ୍ତି ଜଣେ ବାପା। ଏଭଳି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶ ସାହାରନ୍ ପୁର ଅଞ୍ଚଳରେ। ପୋଲିସ ଅଭିଯୋଗକୁ ପ୍ରଥମେ ଗ୍ରହଣ କରି ନ ଥିଲା। ମାତ୍ର ପରେ କୋର୍ଟଙ୍କ ନିର୍ଦ୍ଦେଶ ବଳରେ ତଦନ୍ତ କରି ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ, ଶାଶୁ, ଶ୍ୱଶୁର ଏବଂ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ କରୁଛି।

ମିଳିଥିବା ସୂଚନାନୁସାରେ, ସାହାରନ୍‌ପୁର ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ଝିଅ ରଶ୍ମି(ଛଦ୍ମନାମ)ଙ୍କ ଉତ୍ତରାଖଣ୍ଡର ହରିଦ୍ୱାରରେ ରହୁଥିବା ଅଭିଷେକ ଓରଫ ସଚିନ୍‌ଙ୍କ ସହିତ ୨୦୨୩ ଫେବୃଆରୀ ୧୫ରେ ବିବାହ ଦେଇଥିଲେ। ବିବାହ ସମୟରେ ଏକ କାର୍ ଏବଂ ୧୫ଲକ୍ଷ ଟଙ୍କା ଯୌତୁକ ଭାବେ ବର ପକ୍ଷଙ୍କୁ ଦିଆଯାଇଥିଲା। ଏହା ସତ୍ତ୍ୱେ ଶ୍ୱଶୁର ଘର ଲୋକେ ରଶ୍ମିଙ୍କ ଉପରେ ସନ୍ତୁଷ୍ଟ ନ ଥିଲେ। ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ତାଙ୍କୁ ଶାରୀରିକ ଏବଂ ମାନସିକ ଯନ୍ତ୍ରଣା ଦେଇଆସୁଥିଲେ। ଏପରି କି ବାପଘରୁ ଏକ ଏକ୍ସୟୁଭି କାର୍ ଏବଂ ୨୫ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ରଶ୍ମିଙ୍କ ଉପରେ ଚାପ ପକାଉଥିଲେ। ☞ପୃଷ୍ଠା-୪

# ନିର୍ବାଚନ କମିଶନରେ ଆମେରିକା ଟଙ୍କା

**ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେବା ପରଠୁ ଦେଶବାସୀଙ୍କ ସ୍ୱାର୍ଥ ପାଇଁ ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ନେବାରେ ଲାଗିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୱାଶିଂଟନ୍ ଗସ୍ତ କରି ଟ୍ରମ୍ପଙ୍କୁ ଭେଟିବାର କିଛି ସମୟ ପୂର୍ବରୁ ସେ ରେସିପ୍ରୋକାଲ୍ ଟାରିଫ୍ ବା ପାଲଟା ଶୁଳ୍କ ଲଗାଇଥିଲେ, ଯାହାକି ଭାରତୀୟ ଅର୍ଥନୀତି ପାଇଁ କ୍ଷତିକାରକ ହୋଇପାରେ ବୋଲି କୁହାଯାଉଛି। ଏବେ ଆମେରିକାର ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ପକ୍ଷରୁ ଭାରତର ନିର୍ବାଚନ କମିଶନ (ଇସିଆଇ)କୁ ବାର୍ଷିକ ମିଳୁଥିବା ୨୧ ନିୟୁତ ଡଲାର (୧୮୨ କୋଟି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା)ର ସହାୟତାକୁ ବିଭାଗୀୟ ମୁଖ୍ୟ ଏଲନ୍ ମସ୍କ ବନ୍ଦ କରିଦେଇଛନ୍ତି। ଭାରତରେ ମତଦାନ ବୃଦ୍ଧି ପାଇଁ ଏହି ଟଙ୍କା ଖର୍ଚ୍ଚ କରାଯାଉଥିଲା ବୋଲି କୁହାଯାଉଛି। ନିର୍ବାଚନ କମିଶନଙ୍କ ଭଳି ସାମ୍ବିଧାନିକ ସଂସ୍ଥାକୁ ଆମେରିକୀୟ ଟିକସଦାତାଙ୍କ ଆର୍ଥିକ ସହାୟତାର ଆବଶ୍ୟକତା କାହିଁକି ପଡୁଛି ବୋଲି ପ୍ରଶ୍ନ ଉଠିବା ପରେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ସଦସ୍ୟ ସଞ୍ଜୀବ ସାନ୍ୟାଲ ଏକ୍ସ'ରେ ଏହି ଟଙ୍କା କିଏ ଗ୍ରହଣ କରୁଥିଲା ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଏଥିରୁ ବୁଝିହେଉଛି ଯେ ଅବସରପ୍ରାପ୍ତ ଆଇଏଏସ୍ ଅଫିସରମାନେ କେଉଁ କାରଣରୁ ରାଜନେତାଙ୍କ ହାତବାରିସି ହୋଇ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ପଦବୀରେ ବସିବାକୁ ଚେଷ୍ଟା କରିଆସୁଛନ୍ତି।**

**ନ୍ୟୁୟର୍କ/ନୂଆଦିଲ୍ଲୀ,୧୬।୨(ପି.ଟି./ଏଜେନ୍ସି)**

ଭାରତରେ ମତଦାନ ହାର ବୃଦ୍ଧି ପାଇଁ ଆମେରିକାରୁ ଆର୍ଥିକ ସହାୟତା ମିଳୁଥିଲା। ଟଙ୍କା ମିଳୁଥିବାବେଳେ ଜଣାପଡୁ ନ ଥିଲା। କିନ୍ତୁ ବନ୍ଦ ହୋଇଯିବା ପରେ ଏହି ବିଷୟ ରବିବାର ସାମ୍ନାକୁ ଆସିଛି। ନିର୍ବାଚନ କମିଶନଙ୍କୁ ମତଦାନ ବୃଦ୍ଧି ସକାଶେ ଆମେରିକା ବାର୍ଷିକ ୨୧ ନିୟୁତ ଡଲାର ସହାୟତା ଦେଇଆସୁଥିଲା। ଖର୍ଚ୍ଚକାଟ ପାଇଁ ଏହାକୁ ବନ୍ଦ କରିବାକୁ ବିଲିୟନେୟାର ଏଲନ୍ ମସ୍କଙ୍କ ନେତୃତ୍ୱାଧୀନ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ନିଷ୍ପତ୍ତି ନେଇଛି।

ରାଷ୍ଟ୍ରପତି ଟ୍ରମ୍ପ ଗତ ମାସରେ ସ୍ପେସ୍‌ଏକ୍ସ ସିଇଓ ମସ୍କଙ୍କୁ ଡିଓଜିଇର ମୁଖ୍ୟ ନିଯୁକ୍ତ କରିଥିଲେ। ପ୍ରଶାସନରେ ଉନ୍ନତି ଆଣିବା ଏବଂ ଅଦରକାରୀ ଖର୍ଚ୍ଚ କାଟ୍ କରିବା ପାଇଁ ତାଙ୍କୁ ଦାୟିତ୍ୱ ଦିଆଯାଇଛି। ବହୁକୋଟି କରଦାତାଙ୍କ ଅର୍ଥରେ ଚାଲିଥିବା ଅନେକ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଥିବା ଡିଓଜିଇ ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ଏହି ତାଲିକାରେ ଗଣତାନ୍ତ୍ରିକ ଏବଂ ରାଜନୈତିକ ପ୍ରକ୍ରିୟାର ବିକାଶକୁ ଅଧିକ ସୁଦୃଢ଼ କରିବା ପାଇଁ ୪୮୬ ନିୟୁତ ଡଲାର ରହିଛି। ସେଥିରେ ଭାରତରେ ଭୋଟଦାନ ହାର ପାଇଁ ୨୧ ନିୟୁତ ଡଲାର ଏବଂ ମାଲଡୋଭାରେ ସମାବେଶୀ ଓ ସହଭାଗୀ ରାଜନୈତିକ ପ୍ରକ୍ରିୟା ପାଇଁ ୨୨ ନିୟୁତ ଡଲାର ଅନ୍ତର୍ଭୁକ୍ତ। ବାଂଲାଦେଶର ରାଜନୈତିକ ଦୃଶ୍ୟପଟ୍ଟକୁ ସୁଦୃଢ଼ କରିବା ପାଇଁ ଆମେରିକା ଯୋଗାଉଥିବା ୨୯ ନିୟୁତ ଡଲାର ସହାୟତା ବାତିଲ ହୋଇଥିବାବେଳେ ନେପାଳରେ ଆର୍ଥିକ ସଂଘବାଦ ପାଇଁ ମିଳୁଥିବା ୨୦ ନିୟୁତ ଡଲାର ସହାୟତା ମଧ୍ୟ ବନ୍ଦ କରିବାକୁ ଡିଓଜିଇ ନିଷ୍ପତ୍ତି ନେଇଛି। ସେହିପରି ମୋଜାମ୍ବିକ୍‌କୁ ମିଳୁଥବା ୧୦ ନିୟୁତ ଡଲାର, କାମ୍ବୋଡ଼ିଆକୁ ୨.୩ ନିୟୁତ ଡଲାର, ପ୍ରାଗ୍ ସିଭିଲ୍ ସୋସାଇଟି ସେଣ୍ଟରକୁ ୩୨ ନିୟୁତ ଡଲାର, ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ହବ୍ ପାଇଁ ୪୦ ନିୟୁତ ଡଲାର, ସର୍ବିଆରେ ସରକାରୀ କ୍ରୟରେ ଉନ୍ନତି ଆଣିବାକୁ ୧୪ ମିଲିୟନ ଡଲାର ଏବଂ ଏସିଆରେ ଶିକ୍ଷା ଫଳାଫଳରେ ଉନ୍ନତି ପାଇଁ ୪୭ ନିୟୁତ ଡଲାର ସହାୟତାକୁ ବନ୍ଦ କରିଦିଆଯାଇଛି। ସୂଚନାଯୋଗ୍ୟ ବିଶ୍ୱବ୍ୟାପୀ ୟୁଏସ୍‌ଏଆଇଡି ସହାୟତାରେ ହେଉଥିବା ମାନବୀୟ କାର୍ଯ୍ୟକ୍ରମଗୁଡ଼ିକୁ ବନ୍ଦ କରିବା ପାଇଁ ଗତ ୭ ତାରିଖରେ ଟ୍ରମ୍ପ ପ୍ରଶାସନ ଘୋଷଣା କରିଥିଲା।

ଭାରତରେ ମତଦାନ ହାର ପାଇଁ ଆମେରିକା ସହାୟତା ବନ୍ଦ କରିବା ଖବରକୁ ନେଇ ଭାଜପା ନେତା ଅମିତ୍ ମାଲବ୍ୟ କହିଛନ୍ତି, ଏହି ସହାୟତା ଭାରତର ନିର୍ବାଚନରେ ବାହ୍ୟ ହସ୍ତକ୍ଷେପ ଭଳି ଥିଲା। ଏଥିରୁ ଶାସକ ଦଳ ଉପକୃତ ହେଉ ନ ଥିବାବେଳେ କିଏ ଲାଭବାନ ହେଉଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ଡିଓଜିଇ ଭାରତକୁ ୨୧ ନିୟୁତ ଡଲାର ସହାୟତା ବାତିଲ କରିବା ଘଟଣାକୁ ନେଇ ଅର୍ଥ ମନ୍ତ୍ରଣାଳୟର ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା ସଞ୍ଜୀବ ସାନ୍ୟାଲ ପ୍ରଶ୍ନ ଉଠାଇଛନ୍ତି। ଭାରତରେ ମତଦାନ ହାର ବଢ଼ାଇବା ପାଇଁ ଖର୍ଚ୍ଚ ହେଉଥିବା ଏହି ଅର୍ଥ କିଏ ଗ୍ରହଣ କରୁଥିଲେ, ତାହା ସେ ଜାଣିବାକୁ ଚାହିଁଛନ୍ତି। ସେହିପରି ବାଂଲାଦେଶକୁ ମିଳୁଥିବା ୨୯ ନିୟୁତ ଡଲାର ସହାୟତାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ୟୁଏସ୍‌ଏଆଇଡି (ଆମେରିକାର ଅନ୍ତର୍ଜାତୀୟ ବିକାଶ ସଂସ୍ଥା) ମାନବ ଇତିହାସରେ ସବୁଠୁ ବଡ଼ ଦୁର୍ନୀତି ବୋଲି ସାନ୍ୟାଲ ସମାଲୋଚନା କରିଛନ୍ତି।

# ସମ୍ବେଦନହୀନତା, ପରିଚାଳନାଗତ ତ୍ରୁଟିରୁ ଦଳାଚକଟା: ବିରୋଧୀ

**ନୂଆଦିଲ୍ଲୀ,୧୬।୨**

**ନୂଆଦିଲ୍ଲୀ ରେଳଷ୍ଟେଶନ ମୃତ୍ୟୁସଂଖ୍ୟା ୧୮**

ନୂଆଦିଲ୍ଲୀ ରେଳଷ୍ଟେଶନରେ ଶନିବାର ରାତିରେ ଦଳାଚକଟା ଘଟି ୧୮ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ଭିଡ଼ ପରିଚାଳନାରେ ଗୁରୁତର ତ୍ରୁଟି ଏବଂ ରେଲୱେ ପକ୍ଷରୁ ଭୁଲ୍ ଘୋଷଣା ଯୋଗୁ ଦଳାଚକଟା ଘଟିଥିବା କୁହାଯାଉଛି। ପ୍ରୟାଗରାଜ ଯିବାକୁ ଥିବା ୨ଟି ଟ୍ରେନ୍‌ର ପାଖାପାଖି ସମାନ ନାମ ଯୋଗୁ ଷ୍ଟେଶନରେ ଉପସ୍ଥିତ ଅନେକ ହଜାର ମହାକୁମ୍ଭ ଶ୍ରଦ୍ଧାଳୁ ଦ୍ୱନ୍ଦ୍ୱରେ ପଡ଼ିଥିଲେ, ଯାହା ଦଳାଚକଟାର ମୁଖ୍ୟ କାରଣ ବୋଲି ପ୍ରାଥମିକ ତଦନ୍ତ ପରେ ଦିଲ୍ଲୀ ପୋଲିସ କହିଛି। ୧୪ ନମ୍ବର ପ୍ଲାଟ୍‌ଫର୍ମରେ ଯାତ୍ରୀମାନେ ପ୍ରୟାଗରାଜ ଏକ୍ସପ୍ରେସ୍‌କୁ ଅପେକ୍ଷା କରିଥିବାବେଳେ ପ୍ରୟାଗରାଜ ସ୍ପେଶାଲ ୧୬ ନମ୍ବର ପ୍ଲାଟ୍‌ଫର୍ମରେ ଆସୁଥିବା ଘୋଷଣା କରାଯାଇଥିଲା। ଫଳରେ ଯାତ୍ରୀମାନେ ତାହାକୁ ପ୍ରୟାଗରାଜ ଏକ୍ସପ୍ରେସ୍ ଭାବି ୧୬ ନମ୍ବର ପ୍ଲାଟ୍‌ଫର୍ମକୁ ଧାଇଁଥିଲେ। ଭିଡ଼ ଓ ଠେଲାପେଲା ଯୋଗୁ କେତେଜଣ ଯାତ୍ରୀ ତଳେ ପଡ଼ିଯିବାରୁ ଅନ୍ୟମାନେ ସେମାନଙ୍କ ଉପରେ ଚଢ଼ି ଚାଲିଯାଇଥିଲେ। ନୂଆଦିଲ୍ଲୀ ଷ୍ଟେଶନରୁ ପ୍ରୟାଗରାଜକୁ ୪ଟି ଟ୍ରେନ୍ ଯିବାକୁ ଥିବାବେଳେ ସେଥିରୁ ୩ଟି ବିଳମ୍ବିତ ହୋଇଥିଲା, ଯେଉଁଥିପାଇଁ ଭିଡ଼ ଅତ୍ୟଧିକ ବଢ଼ିଥିଲା। ଟ୍ରେନ୍ ଆସୁଥିବା ଘୋଷଣା ପରେ ସମସ୍ତେ ଏହାକୁ ଧରିବା ପାଇଁ ବ୍ୟଗ୍ର ହୋଇପଡ଼ିଥିଲେ ଓ ଭୁଲ୍ ପ୍ଲାଟ୍‌ଫର୍ମକୁ ଧାଇଁଥିଲେ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

ରେଳଷ୍ଟେଶନରେ ଦୁଃଖଦ ଦଳାଚକଟା ଘଟଣାରେ ୫ ଛୋଟ ପିଲାଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏକ ଉଚ୍ଚସ୍ତରୀୟ କମିଟି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ପ୍ରିନ୍ସିପାଲ ଚିଫ୍ କମର୍ସିଆଲ ମ୍ୟାନେଜର ନରସିଂ ଦେଓ ଏବଂ ପ୍ରିନ୍ସିପାଲ ଚିଫ୍ ସିକ୍ୟୁରିଟି କମିଶନର ପଙ୍କଜ ଗଙ୍ଗୱାରଙ୍କୁ ନେଇ ଉଚ୍ଚସ୍ତରୀୟ କମିଟି ଗଢ଼ାଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମନ୍ତ୍ରଣାଳୟର ୱାରରୁମ୍‌ରୁ ସିସିଟିଭି ଫୁଟେଜ୍ ଉପରେ କ୍ରମାଗତ ନଜର ରଖିଥିବା ସତ୍ତ୍ୱେ ଷ୍ଟେଶନ ଅଧିକାରୀମାନେ ଯାତ୍ରୀ ଭିଡ଼ ଆକଳନ ଓ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା କୁହାଯାଉଛି। କୁମ୍ଭମେଳା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ନୂଆଦିଲ୍ଲୀରୁ ପ୍ରୟାଗରାଜ ଯିବା ପାଇଁ ପ୍ରବଳ ଭିଡ଼ ହେଉଛି। ☞ପୃଷ୍ଠା-୪






# ଆଜି ରାଜ୍ୟ ବଜେଟ

**ଭୁବନେଶ୍ୱର,୧୬।୨ (ଅନୁରାଧା ମହାରଣା)**

୨୦୨୫-୨୬ ଆର୍ଥିକ ବର୍ଷ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ରାଜ୍ୟର ଅର୍ଥ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଥିବାବେଳେ ତାଙ୍କ ବଜେଟ ପେଡ଼ିରେ କ'ଣ ରହିଛି ତାହାକୁ ନେଇ ଅନେକ ଚର୍ଚ୍ଚା ଚାଲିଛି । ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବଜେଟର ଆକାର ପ୍ରାୟ ୩୦ ହଜାର କୋଟି ବୃଦ୍ଧି ହେବ ବୋଲି ଆକଳନ କରାଯାଉଛି। ଫଳରେ ବ୍ୟୟବରାଦ ୩ ଲକ୍ଷ କୋଟି ଟଙ୍କା ଛୁଇଁବା ସମ୍ଭାବନା ରହିଛି। ୨୦୨୫-୨୬ ଆର୍ଥିକବର୍ଷ ବଜେଟରେ ନିଯୁକ୍ତି ଓ ଉତ୍ପାଦନ ଉପରେ ମୋହନ ସରକାର ଗୁରୁତ୍ୱ ଦେଇପାରନ୍ତି। ଗାଁରେ ଆର୍ଥିକ ସ୍ରୋତ ସୃଷ୍ଟି କରିବାକୁ ସରକାର ନୂଆ ଯୋଜନା ଆଣିପାରନ୍ତି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଲୋକମତ, ଅର୍ଥନୀତି ବିଶେଷଜ୍ଞ, ପୂର୍ବତନ ଅର୍ଥମନ୍ତ୍ରୀ ଓ ଅର୍ଥ ସଚିବଙ୍କ ପରାମର୍ଶରେ ବଜେଟ ପ୍ରସ୍ତୁତ ହୋଇଛି। ଭାଜପାର ନିର୍ବାଚନୀ ସଂକଳ୍ପ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସର୍ବୋଚ୍ଚରେ ଲୋକଙ୍କ ପାଗଳାମି**

# ବିନା ବାନ୍ଧବୀରେ ଚିଡ଼ିଆଖାନା ମନା

**ଟୋକିଓ, ୧୬।୨**

ପୂର୍ବ ଜାପାନର ଟୋଚିଗି ଅଞ୍ଚଳସ୍ଥିତ ହିଲିଙ୍ଗ ପାଭିଲିଅନ ଚିଡ଼ିଆଖାନାରେ କୌଣସି ପୁରୁଷ ଏକାକୀ ଭ୍ରମଣ କରିପାରିବେ ନାହିଁ। ଚିଡ଼ିଆଖାନା ମଧ୍ୟରେ ମହିଳାଙ୍କୁ ଦୁର୍ବ୍ୟବହାର, ଅସଦାଚରଣ, ଉତ୍ପୀଡ଼ନ ଆଦି ମାମଲା ବଢୁଥିବାରୁ କର୍ତ୍ତୃପକ୍ଷ ପୁରୁଷଙ୍କ ଉପରେ ଏପରି କଟକଣା ଲଗାଇଛନ୍ତି। ଏଠାରେ ଏବେ ପୁରୁଷମାନଙ୍କୁ ଚିଡ଼ିଆଖାନା ପରିଦର୍ଶନ କରିବା ପାଇଁ ନିଜ ପରିବାର କିମ୍ବା ବାନ୍ଧବୀଙ୍କ ସହ ଆସିବାକୁ ପଡ଼ିବ।

ଜାପାନର ରାଜଧାନୀ ଟୋକିଓଠାରୁ ୧୧୫ କି.ମି. ଦୂରରେ ଅବସ୍ଥିତ ହିଲିଙ୍ଗ ପାଭିଲିଅନ ଏକ ଇଣ୍ଟରାକ୍ଟିଭ୍ ଜୁ ଭାବରେ ପରିଚିତ। ଏଠାରେ ପର୍ଯ୍ୟଟକମାନେ ପ୍ରାଣୀମାନଙ୍କର ବେଶ୍ ନିକଟତର ହେବା ସହ ସେମାନଙ୍କ ସହ ସମୟ ବିତାଇ ମାନସିକ ଶାନ୍ତି ପାଇ ପାରିଥାନ୍ତି। ଗତବର୍ଷ ମାର୍ଚ୍ଚରେ ଖୋଲା ଯାଇଥିବା ଏହି ଚିଡ଼ିଆଖାନାରେ ଲୋକମାନେ ଘୁଷୁରି, ବିଲେଇ, କୁକୁର, ମେଣ୍ଢା, ମାଙ୍କଡ଼ ଆଦି ପ୍ରାଣୀମାନଙ୍କ ସହ ସମୟ ବିତାଇ ଆତ୍ମ ସନ୍ତୋଷ ଲାଭ କରିଥାନ୍ତି। ଏହି ଚିଡ଼ିଆଖାନା ମଧ୍ୟରେ ଏକ ଡଗ୍ ପାର୍କ ମଧ୍ୟ ରହିଛି, ଯେଉଁଠାରେ ଲୋକମାନେ ବିଭିନ୍ନ ଗୃହପାଳିତ ପଶୁଙ୍କ ସହ ଖେଳି ପାରନ୍ତି। କିନ୍ତୁ କିଛି ଅସାମାଜିକ ତତ୍ତ୍ୱଙ୍କ ଯୋଗୁ, ଚିଡ଼ିଆଖାନା ମଧ୍ୟରେ ମହିଳା ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ହିଲିଙ୍ଗ ପାଭିଲିଅନ ଚିଡ଼ିଆଖାନାର ନିର୍ଦ୍ଦେଶିକା ମୀସା ମାମା କହିଛନ୍ତି। ପୁରୁଷମାନେ ଏକାକୀ ତାଙ୍କ ଚିଡ଼ିଆଖାନାକୁ ଆସିବା ନେଇ ଜାରି ହୋଇଥିବା କଟକଣା ସମ୍ବନ୍ଧରେ ଏକ୍ସ'ରେ ସୂଚନା ଦେଇ ସେ କହିଛନ୍ତି, ଗତ କିଛି ମାସ ହେବ ଚିଡ଼ିଆଖାନା ମଧ୍ୟରେ ପୁରୁଷମାନେ ତାଙ୍କ ସମେତ ଅନେକ ମହିଳା ପର୍ଯ୍ୟଟକଙ୍କୁ ଅସଦାଚରଣ କରୁଥିବାର ଘଟଣା ସାମନାକୁ ଆସିଛି। ଏହି କାରଣରୁ ଚିଡ଼ିଆଖାନାକୁ ଭ୍ରମଣ ପାଇଁ ଆସିବା ନିମନ୍ତେ ମହିଳାମାନେ ଅସୁରକ୍ଷିତ ମଣୁଛନ୍ତି। ଏପରି କାର୍ଯ୍ୟକଳାପ ଯୋଗୁ ଚିଡ଼ିଆଖାନାର ☞ପୃଷ୍ଠା-୪



## ସଂକ୍ଷେପରେ

### ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଚୟନ

ନୂଆଦିଲ୍ଲୀ,୧୬।୨

ଦିଲ୍ଲୀର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଚୟନ ଲାଗି ସୋମବାର ଅପରାହ୍ନରେ ଭାଜପା ବିଧାୟକ ଦଳ ବୈଠକ ବସିବାକୁ ଯାଉଛି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ବିଜୟୀ ହେବାରୁ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ପରେ ନେତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫ୍ରାନ୍ସ ଓ ଆମେରିକା ଗସ୍ତ ଯୋଗୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଚୟନରେ ବିଳମ୍ବ ହୋଇଛି। ଦିଲ୍ଲୀ ଭାଜପା କାର୍ଯ୍ୟାଳୟରେ ବିଧାୟକ ଦଳ ବୈଠକ ବସିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ଭାଜପା ଦିଲ୍ଲୀରେ କ୍ଷମତାକୁ ଫେରିଥିବାରୁ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଉତ୍ସବକୁ ଧୁମ୍‌ଧାମ୍‌ରେ କରିବା ପାଇଁ ଯୋଜନା କରିଛି। ୨୦୦ରୁ ଊର୍ଦ୍ଧ୍ୱ ଏମ୍‌ପି, ପୂର୍ବତନ ଏମ୍‌ପି, ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଏହି ଉତ୍ସବରେ ସାମିଲ ହେବେ।

### ବିସ୍ଫୋରକ କାରଖାନାରେ ବିସ୍ଫୋରଣ: ୨ ମୃତ

ନାଗପୁର,୧୬।୨

ମହାରାଷ୍ଟ୍ରର ନାଗପୁର ଜିଲାରେ ଥିବା ଏକ ବିସ୍ଫୋରକ ଉତ୍ପାଦନ କାରଖାନାରେ ରବିବାର ବିସ୍ଫୋରଣ ଘଟି ୨ ଜଣ ପ୍ରାଣ ହରାଇବା ସହ ଅନେକେ ଆହତ ହୋଇଛନ୍ତି। କୋଟଓ୍ୱାଲବୁଡ଼ିସ୍ଥିତ ଏସ୍‌ବିଏଲ୍‌ଏନର୍ଜିଲିମିଟେଡ୍‌କାରଖାନାରେ ଅପରାହ୍ନ ୧ଟା ୩୦ ମିନିଟ୍‌ରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ବିସ୍ଫୋରଣର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି।

ଟ୍ରମ୍ପଙ୍କ ନିଷ୍ପତ୍ତିରେ ୟୁରୋପ ଚିନ୍ତିତ

### ବିଶ୍ୱ ନେତାଙ୍କ ବୈଠକ ଡାକିଲେ ମାକ୍ରୋଁ

ପ୍ୟାରିସ୍,୧୬।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟର ପ୍ରଭାବ ସମ୍ପର୍କରେ ଆଲୋଚନା କରିବା ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ୟୁରୋପୀୟ ନେତାମାନଙ୍କ ଏକ ଜରୁରୀ ବୈଠକ ଡାକିଛନ୍ତି। ସୋମବାର ଏହି ବୈଠକ ପ୍ୟାରିସ୍‌ରେ ବସିବ ବୋଲି ଶନିବାର ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ ପୋଲାଣ୍ଡ ବହିର୍ବ୍ୟାପାର ମନ୍ତ୍ରୀ ରାଡୋସ୍ଲା ସିକୋର୍ସ୍କି ସୂଚନା ଦେଇଛନ୍ତି। ଟ୍ରମ୍ପଙ୍କ ପଦକ୍ଷେପ ଅତ୍ୟନ୍ତ ଗମ୍ଭୀର ଫେଶନ ବୋଲି ସେ କହିବା ସହ ଏହାର ମୁକାବିଲା ପାଇଁ ଆଲୋଚନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନାଟୋ ଏବଂ ୟୁରୋପୀୟ ସୁରକ୍ଷା ଉପରେ ଟ୍ରମ୍ପଙ୍କ ପ୍ରଭାବ ୟୁରୋପୀୟ ସଂଘ (ଇୟୁ) ନେତାଙ୍କ ଚିନ୍ତା ବଢ଼ାଇ ଦେଇଛି।



ଏମାନୁଏଲ୍ ମାକରଁ

# ପୁଣି ବେଡ଼ି ପକାଇ ପ୍ରବାସୀଙ୍କୁ ତଡ଼ିଲା ଆମେରିକା

## ଫେରିଲେ ଆଉ ୧୧୭ ଭାରତୀୟ




ଆମେରିକାରୁ ବେଆଇନ ଭାରତୀୟ ପ୍ରବାସୀଙ୍କୁ ତଡ଼ାଯିବା ଘଟଣାରେ ଯୁବ କଂଗ୍ରେସ କର୍ମୀମାନେ ରବିବାର ଅମୃତସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବିକ୍ଷୋଭ କରୁଛନ୍ତି।

ଚଣ୍ଡିଗଡ଼,୧୬।୨

ଆମେରିକା ଦ୍ୱିତୀୟ ପର୍ଯ୍ୟାୟରେ ବିଦା କରିଥିବା ୧୧୭ ଜଣ ବେଆଇନ ଭାରତୀୟ ପ୍ରବାସୀ ସେଠାର ସାମରିକ ବିମାନରେ ଆସି ଶନିବାର ରାତି ୧୧ଟା ୪୦ ମିନିଟରେ ପଞ୍ଜାବର ଅମୃତସର ବିମାନବନ୍ଦରରେ ପହଞ୍ଚିଥିଲେ। ପ୍ରଥମ ଥର ଭଳି ଏଥର ମଧ୍ୟ ପ୍ରବାସୀମାନଙ୍କ ହାତରେ ହ୍ୟାଣ୍ଡକଫ୍ ଏବଂ ଗୋଡ଼ରେ ବେଡ଼ି ପକାଇ ଅଣାଯାଇଥିବା ଅଭିଯୋଗ ହୋଇଛି। ଜଣେ ଶିଖ୍ ଯୁବକଙ୍କୁ ବିନା ପଗଡ଼ିରେ ଅଣାଯାଇଛି। ତେବେ ବିମାନରେ ଥିବା ମହିଳା ଏବଂ ନାବାଳକମାନଙ୍କୁ ମୁକ୍ତ ରଖାଯାଇଥିଲା।

ଫେରିଥିବା ୧୧୭ ଯାତ୍ରୀଙ୍କ ମଧ୍ୟରୁ ୬୫ ଜଣ ପଞ୍ଜାବର ହୋଇଥିବାବେଳେ ହରିୟାଣାରୁ ୩୩, ଗୁଜରାଟରୁ ୮, ଉତ୍ତରପ୍ରଦେଶରୁ ୩, ଗୋଆ, ମହାରାଷ୍ଟ୍ର, ରାଜସ୍ଥାନରୁ ୨ ଜଣ ଲେଖାଏ ଏବଂ ହିମାଚଳପ୍ରଦେଶ ଓ ଜମ୍ମୁ-କଶ୍ମୀରରୁ ଜଣେ ଲେଖାଏ ଅଛନ୍ତି। ବେଆଇନ ପ୍ରବାସୀଙ୍କ ମଧ୍ୟରେ ୪ ଜଣ ମହିଳା ଓ ୨ ଜଣ ନାବାଳକ ରହିଥିବା ଜଣାପଡ଼ିଛି। ଗତ ସପ୍ତାହରେ ପ୍ରଥମ ଦଫାରେ ଆମେରିକା ୧୦୪ ଜଣ ବେଆଇନ ଭାରତୀୟ ପ୍ରବାସୀଙ୍କୁ ବିଦା କରିଥିଲା। ସେତେବେଳେ ମହିଳାଙ୍କ ସମେତ ସମସ୍ତଙ୍କଠାରେ ବେଡ଼ି ପକାଯାଇଥିଲା। ତୃତୀୟ ଦଫାରେ ଫେରୁଥିବା ୧୫୭ ଜଣ ରବିବାର ରାତିରେ ଅମୃତସରରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ବେଆଇନ ପ୍ରବାସୀଙ୍କୁ ଆମେରିକା ପ୍ରଶାସନ ବେଡ଼ି ପକାଇ ତଡ଼ୁଥିବାରୁ ଏହାକୁ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି। ଭାରତ ସରକାର ଆମେରିକା ନିକଟରେ ଏହାର ପ୍ରତିବାଦ ଜଣାଇବାକୁ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ରବିବାର ଦାବି କରିଛନ୍ତି। ସେନା ବିମାନରେ ପ୍ରବାସୀମାନଙ୍କୁ ପଠାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

### ହତ୍ୟା ମାମଲାରେ ୨ ଗିରଫ

ଆମେରିକାରୁ ଦ୍ୱିତୀୟ ପର୍ଯ୍ୟାୟରେ ଫେରିଥିବା ୧୧୭ ଜଣ ବେଆଇନ ଭାରତୀୟ ପ୍ରବାସୀଙ୍କ ମଧ୍ୟରୁ ୨ ଜଣଙ୍କୁ ଏକ ହତ୍ୟା ମାମଲାରେ ପଞ୍ଜାବ ପୋଲିସ ଅମୃତସର ବିମାନବନ୍ଦରରୁ ଗିରଫ କରିଛି। ରାଜପୁରାର ୨ ସମ୍ପର୍କୀୟ ଭାଇ ସନ୍ଦୀପ୍ ସିଂ ଏବଂ ପ୍ରଦୀପ ସିଂଙ୍କୁ ଏକ ହତ୍ୟା ମାମଲାରେ ପଳାତକ ଅପରାଧୀ ଘୋଷଣା କରାଯାଇଥିଲା। ସେମାନଙ୍କ ନାଁରେ ୨୦୨୩ ଜୁନ୍ ୨୬ରେ ପଟିଆଲା ପୋଲିସ ମାମଲା ରୁଜୁ କରିଥିଲା। ତେବେ ସେମାନଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି ହୋଇ ନ ଥିଲା। ଅଭିଯୁକ୍ତମାନଙ୍କୁ ଆମେରିକା ପଠାଇବାରେ ସେମାନଙ୍କ ପରିବାର ୧.୨୦ କୋଟି ଟଙ୍କା ଖର୍ଚ୍ଚ କରିଥିବା କହିଛନ୍ତି।

### ଦେଶରେ କେତେକ ବଡ଼ ଦଳାଚକଟା ଘଟଣା

ନୂଆଦିଲ୍ଲୀ ରେଳଷ୍ଟେଶନରେ ଶନିବାର ରାତିରେ ଦଳାଚକଟା ଘଟି ୧୮ ଜଣ ମହାକୁମ୍ଭ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ବିଭିନ୍ନ ସମୟରେ ଦେଶରେ ଘଟିଥିବା କେତେକ ଦଳାଚକଟା ଘଟଣା ଏଠାରେ ଦିଆଗଲା।

**୨୦୨୫ ଜାନୁଆରୀ ୨୯:** ପ୍ରୟାଗରାଜରେ ମହାକୁମ୍ଭ ଅମୃତ ସ୍ନାନ ବେଳେ ଦଳାଚକଟାରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୨୪ ଜୁଲାଇ ୨:** ଉତ୍ତରପ୍ରଦେଶର ହାଥରସ୍‌ଠାରେ ଭୋଲେ ବାବାଙ୍କ ସତ୍‌ସଙ୍ଗରେ ଦଳାଚକଟା ଘଟି ୧୨୧ ଜଣ ପ୍ରାଣ ହରାଇଥିଲେ।

**୨୦୨୩ ମାର୍ଚ୍ଚ ୩୧:** ଇନ୍ଦୋରର ଏକ ମନ୍ଦିରରେ ସ୍ଲାବ୍ ଭାଙ୍ଗିପଡ଼ିବାରୁ ୩୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୫:** ମହାରାଷ୍ଟ୍ରର ମାନ୍ଧାରଦେବୀ ମନ୍ଦିରରେ ଦଳାଚକଟା ଘଟି ୩୪୦ ଜଣଙ୍କ ଜୀବନ ଯାଇଥିଲା।

**୨୦୦୮:** ରାଜସ୍ଥାନର ଚାମୁଣ୍ଡା ମନ୍ଦିରରେ ଦଳାଚକଟାରେ ୨୫୦ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୦୮:** ହିମାଚଳପ୍ରଦେଶର ନୈନା ଦେବୀ ମନ୍ଦିରରେ ୧୬୨ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିଲା।



ଦିଲ୍ଲୀ ରେଳଷ୍ଟେଶନ ଦଳାଚକଟାରେ ମୃତ ପିଙ୍କି ଦେବୀ(୩୮)ଙ୍କ ସମ୍ପର୍କୀୟମାନେ ସଙ୍ଗମ ବିହାରରେ କ୍ରନ୍ଦନରତ।

## ମାଲିରେ ସୁନା ଖଣି ଭୁଶୁଡ଼ି ୪୮ ମୃତ

ବାମାକୋ, ୧୬।୨

ଆଫ୍ରିକୀୟ ଦେଶ ମାଲିର ପୂର୍ବବର୍ତ୍ତୀ ଅଞ୍ଚଳ କୋନିଏବା ଜିଲା ବିଲାଲି କୋଟୋଠାରେ ବେଆଇନ ଭାବେ ପରିଚାଳିତ ଏକ ସୁନା ଖଣି ଭୁଶୁଡ଼ି ପଡ଼ିବାରୁ ୪୮ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଥିବା କୋନିଏବା ଜିଲା ପ୍ରଶାସନ ସୂଚନା ଦେଇଛି। ଘଟଣାସ୍ଥଳରେ ରେସ୍କ୍ୟୁ ଅପରେଶନ ଟିମ୍‌ର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଜିଲା ପ୍ରଶାସନ କହିଛି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଦୁର୍ଘଟଣାରେ କେତେଜଣ ଆହତ ହୋଇଛନ୍ତି ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଏହି ବେଆଇନ ସୁନା ଖଣି ଏକ ଚାଇନା କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲା ଏବଂ ଭୂସ୍ଖଳନ ଘଟିବା ଯୋଗୁ ଏହା ଭୁଶୁଡ଼ି ପଡ଼ିଥିବା ସ୍ଥାନୀୟ ପ୍ରଶାସନ କହିଛି। ପ୍ରକାଶ ଯେ, ଆଫ୍ରିକାର ଏକ ପ୍ରମୁଖ ସୁନା ଉତ୍ପାଦନକାରୀ ଦେଶ ଭାବେ ଜଣାଶୁଣା ମାଲିରେ ଭୂସ୍ଖଳନ ଯୋଗୁ ନିୟମିତ ଭାବେ ଏପରି ଘଟଣା ଘଟିବାର ନଜିର ରହିଛି।



ବିଲାଲି କୋଟୋସ୍ଥିତ ଦୁର୍ଘଟଣାସ୍ଥଳରୁ ରେସ୍କ୍ୟୁ ଟିମ୍ ମୃତଦେହଗୁଡିକୁ ନେଉଛନ୍ତି।

## ଲଭ୍ ଜିହାଦ ବିରୋଧରେ ମହାରାଷ୍ଟ୍ର ଆଣିବ ଆଇନ

ମୁମ୍ବାଇ,୧୬।୨

ବଳପୂର୍ବକ ଧର୍ମ ପରିବର୍ତ୍ତନ ଏବଂ ଲଭ୍ ଜିହାଦ ବିରୋଧରେ ଖୁବ୍‌ଶୀଘ୍ର ମହାରାଷ୍ଟ୍ର ସରକାର ଆଇନ ଆଣିବାକୁ ଯାଉଛନ୍ତି। ଏଥିପାଇଁ ରହିଥିବା ଦିଗଗୁଡ଼ିକୁ ଅଧ୍ୟୟନ କରିବା ଲାଗି ଶନିବାର ମହାରାଷ୍ଟ୍ର ସରକାର ରାଜ୍ୟ ଡିଜିପି ସଞ୍ଜୟ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ୭ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟିରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଅଳ୍ପ ସଂଖ୍ୟକ ବ୍ୟାପାର ବିଭାଗ, ସାମାଜିକ ସଶକ୍ତୀକରଣ ବିଭାଗ, ଆଇନ ଏବଂ ନ୍ୟାୟପାଳିକା ବିଭାଗ ସମେତ ଗୃହ ଏବଂ ସ୍ୱତନ୍ତ୍ର ସହାୟତା ବିଭାଗର ଜଣେ ଲେଖାଏ ବରିଷ୍ଠ ଅଧିକାରୀଙ୍କୁ ସାମିଲ କରାଯାଇଛି। ଏହି କମିଟି ମହାରାଷ୍ଟ୍ରର ସାମ୍ପ୍ରତିକ ସ୍ଥିତିକୁ ଅଧ୍ୟୟନ କରିବା ସହ ଲଭ୍ ଜିହାଦ ଏବଂ ବାଧ୍ୟତାମୂଳକ ଧର୍ମ ପରିବର୍ତ୍ତନ ଆଦି ଅଭିଯୋଗର ମୁକାବିଲା ଦିଗରେ ରିପୋର୍ଟ ପ୍ରଦାନ କରିବ। ତେବେ ମହାରାଷ୍ଟ୍ର ସରକାରଙ୍କ ଏହି ପଦକ୍ଷେପକୁ ବିରୋଧୀ ମହା ଅଘାଡ଼ି ମେଣ୍ଟ ସମାଲୋଚନା କରିଛି।

## ନେତ୍ରଦାନ କରିବାକୁ ସଂକଳ୍ପ ନେଲା ପୂରା ଗାଁ

ହାଇଦ୍ରାବାଦ, ୧୬।୨

ବିଶ୍ୱରେ ସବୁଠାରୁ କମ୍ ଅଙ୍ଗଦାନ ହେଉଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ। ଭାରତରେ ପ୍ରତି ଲକ୍ଷେ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ମଧ୍ୟ ଅଙ୍ଗଦାନ କରନ୍ତି ନାହିଁ। ତେବେ ତେଲଙ୍ଗାନାର ହନୁମାକୋଣ୍ଡା ଜିଲା ମୁଚେରିଲା ଗ୍ରାମରେ ଏହାର ବିପରୀତ ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମର ୫୦୦ ଜଣ ଅଧିବାସୀ ସେମାନଙ୍କ ମୃତ୍ୟୁ ପରେ ନିଜ ନେତ୍ର ଦାନ କରିବାକୁ ସଂକଳ୍ପ ନେଇଛନ୍ତି। ଗ୍ରାମବାସୀଙ୍କ ଏହି ଘୋଷଣାକୁ ଚାରିଆଡୁ ପ୍ରଶଂସା କରାଯାଇଛି।



ଗତ କିଛିବର୍ଷ ମଧ୍ୟରେ ଏହି ଗ୍ରାମରେ ମୃତ୍ୟୁ ପରେ ୭୦ ଜଣ ଗ୍ରାମବାସୀଙ୍କର ନେତ୍ର ଦାନ କରାଯାଇଛି। ରାଜ୍ୟ ଜଳସେଚନ ବିଭାଗର ବିଭାଗୀୟ ଯନ୍ତ୍ରୀ ତଥା ଗ୍ରାମବାସୀ ମଣ୍ଡଲା ରବୀନ୍ଦ୍ରନ୍ କହିଛନ୍ତି, ପ୍ରାୟ ଦଶନ୍ଧି ତଳେ ସେ ନିଜ ମା'ଙ୍କ ମୃତ୍ୟୁପରେ ତାଙ୍କ ନେତ୍ର ଦାନ କରିବାକୁ ସଂକଳ୍ପ ନେଇଥିଲେ। ଏହା ଗ୍ରାମରେ ଅଙ୍ଗ ଦାନ ଦିଗରେ ପ୍ରଥମ ପଦକ୍ଷେପ ଥିଲା। ରବୀନ୍ଦ୍ରନ କହିଛନ୍ତି, ମୃତ୍ୟୁ ପରେ ଅଙ୍ଗଗୁଡ଼ିକୁ ନଷ୍ଟ କରିବା ଉଚିତ ନୁହେଁ। ଏହି ଚିନ୍ତାଧାରା ତାଙ୍କର ସର୍ବଦା ରହିଆସିଛି। ସେ ୨୦୧୯ରେ ନିଜ ବାପାଙ୍କ ଅଙ୍ଗ ଦାନ କରିଥିଲେ। ଏହାସହ ସେ ଅନ୍ୟମାନଙ୍କୁ ମଧ୍ୟ ଅଙ୍ଗ ଦାନ କରିବା ପାଇଁ ପ୍ରୋତ୍ସାହନ କରିଥିଲେ, ଯାହାଫଳରେ ଅସହାୟ ଲୋକଙ୍କୁ ସାହାଯ୍ୟ କରାଯାଇ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଅଣାଯାଇ ପାରିବ। ରବୀନ୍ଦ୍ରନଙ୍କଠାରୁ ଅନୁପ୍ରାଣିତ ହୋଇ ଗ୍ରାମର କିଛି ଲୋକ ତାଙ୍କ ପଥକୁ ଅନୁସରଣ କରି ଅଙ୍ଗଦାନ ଓ ନେତ୍ରଦାନ କରିବାକୁ ସଂକଳ୍ପ ନେଇଥିଲେ। ଗ୍ରାମବାସୀ ମଲ୍ଲା ରେଡ୍ଡୀ କହିଛନ୍ତି, ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ଘଟିଲେ ସେମାନେ ରବୀନ୍ଦ୍ରନ୍‌ଙ୍କୁ ଜଣାଇଥାନ୍ତି। ରବୀନ୍ଦ୍ରନ୍ ଡାକ୍ତରଙ୍କ ସହ ସମ୍ପର୍କ କରି ନେତ୍ରଦାନ କରିବାରେ ସହାୟତା କରିଥାନ୍ତି। ଗ୍ରାମରେ ଅନେକ ବର୍ଷ ପୂର୍ବରୁ ତାଙ୍କର ଏହି ଅଭିଯାନ ଆରମ୍ଭ ହୋଇଥିଲା, ଯାହା ଏବେ ଦ୍ରୁତଗତିରେ ଅଗ୍ରଗତି କରୁଛି ବୋଲି ରବୀନ୍ଦ୍ରନ୍ କହିଛନ୍ତି।

## ପରୀକ୍ଷା ଦେବା ପାଇଁ ପାରାଚୁଟ୍‌ରେ ଉଡ଼ିଲେ



ସତାରା

ସାଧାରଣତଃ ପରୀକ୍ଷା କେନ୍ଦ୍ରରେ ଠିକ୍ ସମୟରେ ପହଞ୍ଚିବା ପାଇଁ ପରୀକ୍ଷାର୍ଥୀମାନେ ଘରୁ ଶୀଘ୍ର ବାହାରିଥାନ୍ତି କିମ୍ବା ପବ୍ଲିକ ଟ୍ରାନ୍ସପୋର୍ଟ ବଦଳରେ ବ୍ୟକ୍ତିଗତ ଗାଡ଼ିର ସାହାଯ୍ୟ ନେଇଥାନ୍ତି। ତେବେ ମହାରାଷ୍ଟ୍ର ସତାରା ଜିଲା ପାସାରାନି ଗ୍ରାମରେ ସମର୍ଥ ମହାନ୍‌ଗାଡେ ନାମକ ଜଣେ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ଠିକ୍ ସମୟରେ ପହଞ୍ଚିବା ପାଇଁ ପାରାଚୁଟ୍‌ର ବ୍ୟବହାର କରିଛନ୍ତି। ପରୀକ୍ଷା ଦେବା ପାଇଁ ସେ ତାଙ୍କ ପିଠିରେ ଏକ ସ୍କୁଲ ବ୍ୟାଗ୍ ଓହଳାଇ ପାରାଚୁଟ୍‌ରେ ଉଡ଼ିବା ସହ ପାରା ଗ୍ଲିଡିଂ କରୁଥିବାର ଦେଖିବାକୁ ମିଳିଛି। ଇନ୍‌ଷ୍ଟାଗ୍ରାମରେ ଇନଷ୍ଟା_ସତାରା ନାମକ ଏକ ଆକାଉଣ୍ଟରୁ ଏହି ଭିଡିଓ ଶେୟାର କରାଯାଇଛି, ଯାହା ଭାଇରାଲ ହେବାରେ ଲାଗିଛି। ଅନେକ ୟୁଜର୍ସ ଏହି ଘଟଣାରେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ବିଭିନ୍ନ ମଜାଳିଆ କମେଣ୍ଟ ଦେଇଛନ୍ତି। ପରୀକ୍ଷା କେନ୍ଦ୍ରରେ ଠିକ୍ ସମୟରେ ପହଞ୍ଚିବା ପାଇଁ ଏହା ସର୍ବୋତ୍ତମ ଉପାୟ ବୋଲି କେତେଜଣ ୟୁଜର୍ସ କହିଛନ୍ତି। ସେହିପରି ସତାରା ପରି ଛୋଟ ସହରରେ ମଧ୍ୟ ଟ୍ରାଫିକ୍ ସମସ୍ୟା ଉତ୍କଟ ଥିବା ନେଇ ଏହି ଘଟଣା ସ୍ପଷ୍ଟ କରୁଥିବା ଆଉ କେତେଜଣ ୟୁଜର୍ସ ମତ ଦେଇଛନ୍ତି।

## ଫୁରସତ୍

### କାର୍ତ୍ତିକଙ୍କ ବିପକ୍ଷରେ ଶ୍ରୀଲୀଲା

**ମୁମ୍ବାଇ:** ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ 'ଭୁଲ୍ ଭୁଲୈୟା ୩' ଫିଲ୍ମ ବକ୍ସ ଅଫିସ୍‌ରେ ଧମାଲ ମଚାଇବା ପରେ ଏବେ ତାଙ୍କ ପରବର୍ତ୍ତୀ ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନୁରାଗ ବାସୁଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏକ ଚଳଚ୍ଚିତ୍ରରେ କାର୍ତ୍ତିକ ନଜରକୁ ଆସିବେ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ଏହି ଫିଲ୍ମର ଟାଇଟଲ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇ ନ ଥିଲେ ହେଁ ଏଥିରେ କାର୍ତ୍ତିକଙ୍କ ବିପକ୍ଷରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଶ୍ରୀଲୀଲା ନଜରକୁ ଆସିବେ। ରବିବାର ଏହି ଅନ୍‌ଟାଇଟଲ୍ଡ଼ ଫିଲ୍ମର ଟିଜରକୁ ଜାରି କରାଯାଇଛି। କାର୍ତ୍ତିକ ଏହି ଟିଜରରେ ଏକ ଭିନ୍ନ ଶୈଳୀରେ ନଜରକୁ ଆସିଛନ୍ତି। ତାଙ୍କର ଗେଟ୍‌ଅପ୍ ଏବଂ ରୋମାଣ୍ଟିକ ଅନ୍ଦାଜକୁ ଦେଖିଲେ ଏହି ଚଳଚ୍ଚିତ୍ରଟି ଏକ ବଡ଼ ଫ୍ରାଞ୍ଚାଇଜ୍‌ର ପରବର୍ତ୍ତୀ ସ୍ୱିକେଲ ହୋଇପାରେ ବୋଲି ସିନେପ୍ରେମୀମାନେ ଅନୁମାନ କରୁଛନ୍ତି। ଟିଜରରେ କାର୍ତ୍ତିକଙ୍କ ବଡ଼ କେଶ ଏବଂ ଦାଢ଼ି ଥିବା ସହ ତାଙ୍କୁ ଏକ ମଞ୍ଚରେ ରକ୍‌ଷ୍ଟାର ପରି ଅଭିନୟ କରୁଥିବାର ଦେଖିବାକୁ ମିଳୁଛି। ସେହିପରି ଏହି ଟିଜରରେ ଶ୍ରୀଲୀଲାଙ୍କ ସହ କାର୍ତ୍ତିକ ରୋମାନ୍ସ ମଧ୍ୟ କରୁଛନ୍ତି। ଟିଜରର ଝଲକ୍‌ରୁ ଏହା ଚଳଚ୍ଚିତ୍ର 'ଆଶିକୀ ୩' ହୋଇଥିବା ନେଇ ଅନେକ ପ୍ରଶଂସକ ଅନୁମାନ କରିଛନ୍ତି।



## 'ବାପା ପକେଟ୍‌ମନି ଚୋରି କରିଛନ୍ତି'

### ପୋଲିସ ଡକାଇଲେ ୬ ବର୍ଷୀୟ ବାଳକ

ବେଜିଂ

ଚାଇନାର ଗାନ୍ସୁ ରାଜ୍ୟ ଲାନ୍‌ଝୁ ସହରର ଜଣେ ୬ ବର୍ଷୀୟ ବାଳକ ତାଙ୍କ ବାପାଙ୍କ ବିରୋଧରେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ଉକ୍ତ ବାଳକ ଜଣକ ପୋଲିସକୁ କଲ୍ କରି କହିଥିଲେ, ନୂଆବର୍ଷ ଛୁଟି ପାଇଁ ତାଙ୍କୁ ସମ୍ପର୍କୀୟଙ୍କଠାରୁ ମିଳିଥିବା ଅର୍ଥକୁ ତାଙ୍କ ବାପା ଚୋରି କରିଛନ୍ତି। ସେ ଜଣେ ଖରାପ ଲୋକ, ତେଣୁ ତାଙ୍କୁ ଶୀଘ୍ର ଗିରଫ କରନ୍ତୁ। ଉକ୍ତ କଲ୍ ଉଠାଇଥିବା ପୋଲିସ ଅଧିକାରୀ ଜଣକ କହିଛନ୍ତି, ଯେତେବେଳେ ବାଳକ ଜଣକ ତାଙ୍କ ଅଭିଯୋଗ ନେଇ କଲ୍ କରିଥିଲେ ସେତେବେଳେ ତାଙ୍କୁ ତାଙ୍କ ବାପା ପଛରୁ ଗାଳି କରି କହୁଥିଲେ, ''ଦୁଷ୍ଟ ବାଳକ, ମୋ ବିରୋଧରେ କେମିତି ଅଭିଯୋଗ କରି ପକେଇଲ।'' ବାଳକଙ୍କ ଅଭିଯୋଗକ୍ରମେ ଜଣେ ପୋଲିସ ଅଧିକାରୀ ତାଙ୍କ ଘରେ ପହଞ୍ଚିଥିଲେ। ପୋଲିସକୁ ଦେଖି ବାଳକ ଜଣକ ଉତ୍ସାହିତ ହୋଇ ନିଜ ବାପାଙ୍କୁ ଇଙ୍ଗିତ କରି କହିଥିଲେ, ପୋଲିସ ଅଙ୍କଲ ଏହି ଖରାପ ଲୋକଙ୍କ କଥା ବୁଝନ୍ତୁ। ବାଳକଙ୍କ ବାପା ନିଜ ପୁଅ ସମ୍ମୁଖରେ ପୋଲିସ ଅଧିକାରୀଙ୍କୁ କ୍ଷମା ମାଗିଥିଲେ। ପୋଲିସ ଉକ୍ତ ବାଳକଙ୍କୁ ବୁଝାଇଶୁଝାଇ ଚାଲିଆସିଥିଲା। ପ୍ରକାଶ ଯେ, ଚାଇନାରେ ନୂଆ ବର୍ଷ ଛୁଟି ସମୟରେ ସମ୍ପର୍କୀୟମାନେ ଛୋଟ ପିଲାମାନଙ୍କ ସଫଳ ଭବିଷ୍ୟ କାମନା କରି ପ୍ରତୀକାତ୍ମକ ଭାବେ ଏକ ନାଲି ଏନ୍‌ଭେଲପ୍ ମଧ୍ୟରେ କିଛି ଅର୍ଥ ପୂରାଇ ଭେଟି ଆକାରରେ ଦେଇଥାନ୍ତି। ତେବେ ପିଲାମାନେ ଉକ୍ତ ନାଲି ଏନ୍‌ଭେଲପ୍‌କୁ ହଜାଇଦେବା କିମ୍ବା ଭେଟିରେ ମିଳିଥିବା ଅର୍ଥର ଦୁରୁପଯୋଗ କରିବା ଆଶଙ୍କା କରି ଅଧିକାଂଶ ମାମଲାରେ ଅଭିଭାବକମାନେ ଏହାକୁ ନିଜ ପାଖରେ ରଖିଥାନ୍ତି।

# ନୟାଗଡ଼ ଏସ୍‌ପିଙ୍କ ଫେସ୍‌ବୁକ୍ ହ୍ୟାଣ୍ଡେଲ୍‌ରେ ହିନ୍ଦୀ କବିତାକୁ ନେଇ ଝଡ଼

## ପୂର୍ବତନ ଏସ୍‌ପିଙ୍କୁ ସମାଲୋଚନା

**ନୟାଗଡ଼,୧୬।୨(ଲୋକନାଥ ମିଶ୍ର)**

ନୟାଗଡ଼ ଏସ୍‌ପିଙ୍କ ପାଇଁ ଉଦ୍ଦିଷ୍ଟ ଫେସ୍‌ବୁକ୍ ହ୍ୟାଣ୍ଡେଲ୍ (ଆକାଉଣ୍ଟ)ରେ ପୂର୍ବତନ ଏସ୍‌ପି ରାହୁଲ ଜୈନ ୨୦୨୪ ଜୁନ୍ ୬ରେ ହିନ୍ଦୀରେ କବିତା ପୋଷ୍ଟ କରିବା ପରଠୁ ଝଡ଼ ସୃଷ୍ଟି ହୋଇଛି। ଜିଲା ପୋଲିସ ପ୍ରଶାସନର ଏହି ସୋସିଆଲ ମିଡିଆ ଆକାଉଣ୍ଟକୁ ଜୈନ ବ୍ୟକ୍ତିଗତ ଭାବେ ବ୍ୟବହାର କରିବା ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏନେଇ ଅନ୍ୟତମ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'(ପୂର୍ବର ଟୁଇଟର)ରେ ଜୈନଙ୍କୁ ସମାଲୋଚନା କରାଯିବା ସହ ଓଡ଼ିଶାର ମାତୃଭାଷା ଓଡ଼ିଆର ସମ୍ମାନ ବୃଦ୍ଧି ପାଇଁ ସ୍ୱର ଉଠିଛି। ଶକ୍ତିପ୍ରସାଦ ନାମକ ଜଣେ ବ୍ୟକ୍ତି ପ୍ରଥମେ 'ଏକ୍ସ'ରେ ଏହି ପ୍ରସଙ୍ଗ ଉଠାଇ ପ୍ରତିବାଦ କରିବା ପରେ ବହୁ ୟୁଜର୍ସ ଏଥିରେ ସାମିଲ ହୋଇଛନ୍ତି।

ଶକ୍ତିପ୍ରସାଦ ନିଜ 'ଏକ୍ସ' ଆକାଉଣ୍ଟରେ ଲେଖିଛନ୍ତି, ହିନ୍ଦୀ ଓଡ଼ିଶାର ଆଧିକାରିକ ଭାଷା ନୁହେଁ। ଏଣୁ ଏସ୍‌ପି ରାହୁଲ ଜୈନ ତାଙ୍କ କାବ୍ୟ କବିତା ନିଜ ବ୍ୟକ୍ତିଗତ ଆକାଉଣ୍ଟରେ ସୀମିତ ରଖନ୍ତୁ। ସରକାରୀ ଆକାଉଣ୍ଟରେ ହିନ୍ଦୀରେ ଲେଖିବା ବନ୍ଦ କରନ୍ତୁ। ପୋଲିସ ଆଇନଶୃଙ୍ଖଳା ପାଇଁ ଅଛି। ପୋଲିସ ନିଜେ ଆଇନ ଭାଙ୍ଗିଲେ ଅନ୍ୟକୁ କ'ଣ କୁହାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ସମାଲୋଚନା ପରେ ମଧ୍ୟ ଉକ୍ତ ସରକାରୀ ଆକାଉଣ୍ଟରୁ ତତ୍କାଳୀନ ଏସ୍‌ପି ଜୈନ କବିତା ଅପସାରଣ କରି ନ ଥିଲେ। ବରଂ ଶକ୍ତିପ୍ରସାଦଙ୍କ ଆକାଉଣ୍ଟକୁ ବ୍ଲକ୍ ପାଇଁ ଜଣେ ଡିଏସ୍‌ପି (ଆଇୟୁସିଏଡବ୍ଲ୍ୟୁ) ହେମନ୍ତ ରାଓ 'ଏକ୍ସ' କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ।

ଡିଏସ୍‌ପି ହେମନ୍ତ ରାଓ ପୋଲିସର ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ଏକ୍ସର ଅଧିକାରୀମାନେ ହିନ୍ଦୀ ଭାଷା ଉପରେ କୌଣସି କଟକଣା ଜାରି କରିନାହାନ୍ତି,


6. Findings of the enquiry in brief: -

Enquired into the allegation into the petitioner and ascertained that the petitioner, there is a posting by the so called person namely "ଶକ୍ତି ପ୍ରସାଦ Shakti Prasad " as shown in the twitter account". The comments seems to be creating a wrong message about the account of Nayagarh Police, in the mind of people, on points of language. Use of Hindi language in official twitter is not banned. The comments by the said account "ଶକ୍ତି ପ୍ରସାଦ Shakti Prasad" would have spread wrong impression about the posting of Nayagarh Police in the society as such types of comments might have spread as hatred on language basis as well as hampering police image of the district.

Hence there is no illegality in blocking the account noted above to prevent spreading of hatredness on language basis and lowering police image.

This is for favour of kind information please.

(Sri Hemanta Rao, OPS)
DSP, IUCAW, Nayagarh

ଶକ୍ତିପ୍ରସାଦଙ୍କ ଏକ୍ସ ଆକାଉଣ୍ଟ ବନ୍ଦ ଲାଗି ଡିଏସ୍‌ପି ଲେଖିଥିବା ଚିଠିର ନକଲ।

ଯାହାର ସୁଯୋଗ ନେଇ ଶକ୍ତିପ୍ରସାଦ ପୋଲିସ ବିରୋଧରେ ଘୃଣା ମନ୍ତବ୍ୟ ଦେଇଛନ୍ତି। ଶକ୍ତିପ୍ରସାଦଙ୍କ ମନ୍ତବ୍ୟ ପୋଲିସର ଭାବମୂର୍ତ୍ତି କ୍ଷୁଣ୍ଣ କରିଥିବାରୁ ଆକାଉଣ୍ଟକୁ ବ୍ଲକ୍ କରିବା ପାଇଁ ଏକ୍ସ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲୁ ବୋଲି ସେ ଉଲ୍ଲେଖ କରିଛନ୍ତି।

ତେବେ ପୋଲିସର କାର୍ଯ୍ୟଧାରାରେ ଶକ୍ତିପ୍ରସାଦ ଚୁପ୍ ନ ରହି ସମାଲୋଚନାକୁ ତ୍ୱରାନ୍ୱିତ କରିଛନ୍ତି। ପୋଲିସର ଏଭଳି ଆଭିମୁଖ୍ୟକୁ ସେ ବ୍ରିଟିଶ୍ ଶାସନ ସହ ତୁଳନା କରି ଲେଖିଛନ୍ତି ଯେ, ଜଣେ ହିନ୍ଦିଆ କର୍ମଚାରୀ ଦୋଷ କଲେ। ତଦନ୍ତ ନାଟକ କରି ଆଉ ଜଣେ କର୍ମଚାରୀ ଦୋଷ ଘୋଡ଼େଇଲେ। ଗଣତନ୍ତ୍ରରେ ଗଣର ତଣ୍ଟି ଚିପିଦେଲେ ସେମାନେ ଆଉ ସ୍ୱର ଉତ୍ତୋଳନ କରିବେ ନାହିଁ ବୋଲି ଭାବିବା ଭୁଲ୍। ଶକ୍ତିପ୍ରସାଦ ପୁଣି ଲେଖିଛନ୍ତି, ବାବୁମାନଙ୍କୁ ଡିଜିପି କୁହନ୍ତୁ, କବିତ୍ୱକୁ ନିଜର ବ୍ୟକ୍ତିଗତ ଆକାଉଣ୍ଟରେ ସୀମିତ ରଖିବେ। ସରକାରୀ ଟଙ୍କା ଖର୍ଚ୍ଚ କରି କବିତ୍ୱ ଦେଖେଇ ଲୋକଙ୍କୁ ବ୍ଲକ୍ କରିବା ଠିକ୍ ନୁହେଁ। ନିଜ ଭାଷା ପାଇଁ ସ୍ୱର ଉତ୍ତୋଳନ କରିବା ଘୃଣାର ମଞ୍ଜି ବୁଣେନାହିଁ। ବରଂ ଓଡ଼ିଶାରେ ହିନ୍ଦୀ ଲଦିବା ଘୃଣାର ମଞ୍ଜି ବୁଣେ। ଓଡ଼ିଶା ସରକାରଙ୍କ ଅଧୀନ ଜଣେ କର୍ମଚାରୀ ହିନ୍ଦୀରେ କାହିଁକି ଲେଖିବେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଅନ୍ୟତମ 'ଏକ୍ସ' ୟୁଜର ମଧୁସୂଦନ ପ୍ରତିକ୍ରିୟାରେ ଲେଖିଛନ୍ତି, ଆମେ ଜାଣି ନ ଥିଲୁ ଏହା ନୟାଗଡ଼ ଏସ୍‌ପିଙ୍କର ପର୍ସନାଲ ହ୍ୟାଣ୍ଡେଲ। କ୍ଷମା କରିବେ ଆଜ୍ଞା। ଭୁଲ୍‌ରେ ସତଗୁଡ଼ାକ କହିଦେଲୁ। ସତ କହିଲେ ମୁଣ୍ଡ କଟା ହୋଇଯିବ। 'ଏକ୍ସ' ୟୁଜର ଉତ୍କଳବାସୀ ଦର୍ଶାଇଛନ୍ତି, କର୍ଣାଟକ ବା ତାମିଲନାଡୁ ପୋଲିସ କେବେହେଲେ ଏଭଳି ମନ୍ତବ୍ୟ ଦେବେ ନାହିଁ। କାରଣ ସେମାନେ ନିଜ ମାତୃଭାଷାକୁ ଭଲ ପାଇଥାନ୍ତି। ଅଭିଷେକ ଦାଶ ଏକ୍ସରେ ଲେଖିଛନ୍ତି, ପୋଲିସର ଉତ୍ତର ଗ୍ରହଣୀୟ ନୁହେଁ। ନିଜର ମାତୃଭାଷା ପାଇଁ ନିଜତ୍ୱ ପ୍ରକାଶ କରିବା ଓ ଅଧିକାର ପାଇଁ ଲଢ଼େଇ କରିବା ସମାଜରେ କିପରି ଘୃଣାଭାବ ସୃଷ୍ଟି କରେ, ଭୁଲ୍‌କୁ ସଂଶୋଧନ କରିବା ବଦଳରେ ପୋଲିସ ପାଟି ଚୁପ୍ କରିବାକୁ ଉଦ୍ୟମ କରୁଛି। 'ଏକ୍ସ' ୟୁଜର ଜୟଜିତ ପାଣି ଲେଖିଛନ୍ତି, ତାମିଲମାନେ ମହାନ୍। ନିଜ ରାଜ୍ୟରେ ହିନ୍ଦିଆମାନଙ୍କୁ ଗୋଡ଼ ତଳେ ରଖିଛନ୍ତି। ମୂର୍ଖଙ୍କୁ ଉଚିତ ଶିକ୍ଷା ନ ଦେଲେ ସେମାନେ ନୟାଗଡ଼ ପୋଲିସ ଭଳି ମୁଣ୍ଡକୁ ଚଢ଼ିବେ। ସାନୁ ନାମକ 'ଏକ୍ସ' ୟୁଜର ଲେଖିଛନ୍ତି, ଆଗକୁ ରାଜ୍ୟରେ ହିନ୍ଦୀର ଗୋଲାମୀ ପାଇଁ ପ୍ରସ୍ତୁତି ଆରମ୍ଭ। ଅନ୍ୟତମ ୟୁଜର ରଘୁନାଥ ଦର୍ଶାଇଛନ୍ତି, ଓଡ଼ିଶାରେ ଓଡ଼ିଆ ପାଇଁ ସ୍ୱର ଉତ୍ତୋଳନ କଲେ ଏଇ ଅବସ୍ଥା। ଆମେ କ'ଣ ସେଇ ଓଡ଼ିଆ ଖାରବେଳଙ୍କ ଜାତିର ଦାୟାଦ ବୋଲି ପ୍ରଶ୍ନ କରିଛନ୍ତି। ଏହିପରି ଅନେକେ 'ଏକ୍ସ'ରେ ଓଡ଼ିଆ ଭାଷାକୁ ସମର୍ଥନ କରି ନିଜ ନିଜର ମତ ଉପସ୍ଥାପନ କରିଛନ୍ତି।


SP Nayagarh
6 Jun 2024 ·

*मैं खाकी हूँ*

दिन हूँ, रात हूँ,
सांझ वाली बाती हूं,
मैं खाकी हूँ
आंधी में, तूफ़ान में,
होली में, रमजान में,
देश के सम्मान में,
अडिग कर्तव्यों की,
अविचल परिपाटी हूँ,
मैं खाकी हूँ
तैयार हूँ मैं हमेशा ही,
तेज धूप और बारिश,
हँस के सह जाने को,
सारे त्योहार सड़कों पे,
'भीड़' के साथ 'मनाने' को,
पत्थर और गोली भी खाने को,
मैं बनी एक दूजी माटी हूँ,
मैं खाकी हूँ
विघ्न विकट सब सह कर भी,
सुशोभित सज्जित भाती हूँ,

ନୟାଗଡ଼ର ତତ୍କାଳୀନ ଏସ୍‌ପି ରାହୁଲ ଜୈନ ନୟାଗଡ଼ ଏସ୍‌ପିଙ୍କ ନିମନ୍ତେ ଉଦ୍ଦିଷ୍ଟ ଫେସବୁକ୍‌ର ସରକାରୀ ହ୍ୟାଣ୍ଡେଲ୍‌ରେ ହିନ୍ଦୀରେ କବିତା ପୋଷ୍ଟ କରିଥିଲେ।

# କାର, ଟ୍ରକ୍ ଧକ୍କା: ଡିଏସ୍‌ପିଙ୍କ ସମେତ ୨ ମୃତ



**ଯାଜପୁର/ପାଣିକୋଇଲି(ହର୍ଷବର୍ଦ୍ଧନ ବେହେରା/ବିକାଶ ଚନ୍ଦ୍ର ମଲିକ),୧୬।୨**

ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନ ୨୦ନଂ. ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ରବିବାର ଅପରାହ୍ଣ ପ୍ରାୟ ୩ଟା ସମୟରେ ଏକ କାର୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବାଲେଶ୍ୱର ଜିଲା ପୋଲିସର ଡିଏସ୍‌ପି ବଳରାମ ନାୟକ ଏବଂ ତାଙ୍କ ସମ୍ପର୍କୀୟ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ମୃତ୍ୟୁ ଘଟିଛି। ବଳରାମ ପାଣିକୋଇଲି ଏସ୍‌ପି ଅଫିସ୍‌ର ଏକ ବିଦାୟ ସମ୍ବର୍ଦ୍ଧନା ସଭାରେ ଯୋଗ ଦେବାକୁ ଆସୁଥିଲେ।

ସୂଚନା ଅନୁଯାୟୀ, ପାଣିକୋଇଲି ପଟୁ ଯାଜପୁରରୋଡ଼ ଅଭିମୁଖେ ଏକ ଟ୍ରକ (ନଂ.ଓଡି ୦୪ ଏମ୍‌୯୩୭୨) ଭୁଲ ରାସ୍ତାରେ ଯାଉଥିବା ବେଳେ ଯାଜପୁରରୋଡ଼ ପଟୁ ଏକ କାର୍(ନଂ.ଓଡି୦୯ଷ ୮୨୬୬)ପାଣିକୋଇଲି ଅଭିମୁଖେ ଆସୁଥିଲା। ଏହି ସମୟରେ ଟ୍ରକ୍‌ଟି ଦ୍ରୁତଗତିରେ ଆସି କାରକୁ ସମ୍ମୁଖପଟୁ ଧକ୍କା ଦେଇଥିଲା। ଫଳରେ କାରରେ ଥିବା ବଳରାମ ଓ ତାଙ୍କ ସମ୍ପର୍କୀୟ ପୂର୍ଣ୍ଣଚନ୍ଦ୍ର କାର ଭିତରେ ଚାପିହୋଇ ରହିଯାଇଥିଲେ। ଖବର ପାଇ ପାଣିକୋଇଲି ପୋଲିସ ଏବଂ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ୍‌ର ସଦସ୍ୟମାନେ ପହଞ୍ଚି ବହୁ କଷ୍ଟରେ ଉଭୟଙ୍କୁ କାର ଭିତରୁ ବାହାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପାଣିକୋଇଲି ପୋଲିସ ଉଭୟ ଟ୍ରକ୍ ଓ କାରକୁ ଜବତ କରି ଅଧିକ ତଦନ୍ତ ଚଳାଇଛି। ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଡିଏସ୍‌ପି ବଳରାମଙ୍କ ଘର କେନ୍ଦୁଝର। ସେ ଘରୁ ଫେରୁଥିବାବେଳେ ଏଭଳି ଦୁଃଖଦ ଘଟଣା ଘଟିଛି।

# ମୋବାଇଲ ଦେବାକୁ ମା' ମନାକରିବାରୁ ନାବାଳକଙ୍କ ଆତ୍ମହତ୍ୟା

**ରେଢ଼ାଖୋଲ ୧୬।୨ (ଅଚ୍ୟୁତାନନ୍ଦ ପୁରୋହିତ)**

ମୋବାଇଲ ନେବାକୁ ମା' ମନା କରିବାରୁ ନାବାଳକ ପୁଅ ଆତ୍ମହତ୍ୟା କରିଛନ୍ତି। ଏହିଭଳି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ରେଢାଖୋଲ ସହର ଆମ୍ବେଡକର ନଗରରେ। ମୃତ ଛାତ୍ର ଆର୍ୟ୍ୟନ ମୁଖୀ(୧୧) ଘର ନିକଟ ଏକ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ଟିକିନୁ ମୁଖୀଙ୍କ ପୁଅ ଆର୍ୟ୍ୟନ ରବିବାର ସକାଳେ ତାଙ୍କ ମା'ଙ୍କୁ ମୋବାଇଲ ଦେଖିବାକୁ ମାଗିଥିଲେ। ହେଲେ ସେ ଦେବାକୁ ମନା କରିଦେଇଥିଲେ। ଏଥିରେ ସେ ଭାଙ୍ଗିପଡିଥିଲେ। ପରେ ସେ ତାଙ୍କ ବାଡିପଟକୁ ଯାଇ ସେଠାରେ ଥିବା ଏକ ଗଛରେ ରଶି ଲଗାଇ ଝୁଲି ପଡ଼ିଥିଲେ। କିଛି ସମୟ ପରେ ପରିବାର ଲୋକେ ଏହା ଦେଖି ତାଙ୍କୁ ରେଢାଖୋଲ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଢାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ଣରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ଏ ନେଇ ରେଢ଼ାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।





Toll Free Number: 1800 266 0018

INDIA'S FIRST 5 YEAR WARRANTY* *Conditions apply

$AVAILABLE ON Flipkart amazon

BANKING PARTNER HDFC BANK BOBCARD RBL BANK

Hero MotoCorp Ltd. Regd. Office: The Grand Plaza, Plot No. 2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **Based on the data available in the public forum for products in 125cc Motorcycle segment. ***The discount is applicable on minimum transaction of Rs. 1,00,000, subject to the credit card company's T&Cs. $Flipkart and Amazon offers are subject to the sole discretion & T&Cs of respective organisations.

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289922184, Lakshmi Automotives, Gajapati Nagar, Ph: 9289923187, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Jagatsinghpur: SUNNY AUTOBIKES , Ph: 8455004731. Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658, Rourkela: Dua Motors ,Ph- 6372753989, Jeypore: Supreme Sales, Ph- 8144822656. Associate Dealers:Rahama:Sarala Automobiles-9937018532, Nimapara:Basudev Automobiles-9861020724, Pipili:Shri Ram Motors-9437110789 , Khamakhyanagar:Reliance Automobiles-9938435743, Chendipada:Tara Motors-8018339414 Balugaon: Mahamayee Motors-9437004624 Khurdha:Dinesh Trading Co.-9778097876 Sakhigopal:Sai Motors-9439765820 Begunia:Rashmi Automobiles-9178316145 Laxmipur:Tarini Motors-7205862853 Rajgangpur:Kedia & Kedia-9437152881 Brajrajnagar:Bina Motors-9861078290 Belpahar:Varsha Motors-9437058417 Deogarh:Jindal Motors-9437056659 Bamra:Choudhury Motors-9938274720 Baliapal:Baba Motors-8093603116 Soro:Twinkle Motors-9861594852 Kendrapara:Baishnabi Motors-9437089454/9853471301 Barbil:Wheels Motors-9776931870 Pattamundai:Mishra Auto-9853843713 Basta:Shivam Motors-7735958754 Rairangpur:Maa Sakambari Motors-7008581719 Khuakia:Binayak Automobiles-9090444379 Jajpur Town:Ayush Automobiles-9556189870 Mayurbhanj:Jk Motors-9040909925 Semiliguda:K P Enterprises-9437233464 Parlakhemundi:Preetam Enterprises-9438685535 Nabarangpur:Arun Sales & Service-9437174795 Bhanjanagar:Rebati Motors-9438279794/9937015509 Narsinghpur:Ambika Motocorp-9861811411 Gunpur:M/s Sai Sharan Automobiles-9437234012 Malkangiri:Kanishka Automobiles-9437181980 Kotpad:Shai Automobiles-7205593156 Umerkote:Bharat Sales-9937455659/9777765563 Junagarh:Shree Bimala Motors-9668287479 Rajakhariar:Jagdamba Auto Combines-9937002262 Boudh:Bansal Auto-9437062948 Nuapada:Maruti Auto-9178014999 Padampur:Debesh Motors-9437253970 Barpalli:Durga Motors-9861265979 Titlagarh:Sneha Motors-9853925879 Mayurbhanj:Mahaveer Motors-7326872255/9853290346 Baliguda:Sai Automobiles-9827843657 Patrapur:Ronak Motors-9030985084 Balipatna:M/S Jagannath Motors-7064309702 Kalimela:Laxminiyati Motors-9861002055 Chandpur:Apsara-9861418161 Subdega:Jdj Automobiles-8018714096 Bissam cuttack:Patnaik Motors-7008615208 BasudevPur:Bidyalalita Automobile-9827487072 Telkoi:Panchamukhi Motors-9717004926 Tikabali:M/S Maa Rudrakali Automobiles-7846961367 Kamrda:Siddhivinayak Motors-7208675074 JAGDALPUR:KIRAN SALES-9827654949 Kesinga:Annapurna Automobile-7978787287, M.Rampur:Aruna Automobiles-8114331356

FCB INTERFACE/3230/FEB25/ENG

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ମାନବାଧିକାର କମିଶନଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ତୋଶାଳି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସୋସାଇଟି ଅଫ୍ ସର୍ଭିସ ଅଫ୍ ନାର୍କୋଟିକ୍ସ ଆନୋନମସ୍ ପକ୍ଷରୁ ଲୋକ ସମ୍ପର୍କ ସଭା, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସିପିଆଇ(ଏମ୍), ଭୁବନେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ପଥପ୍ରାନ୍ତ ସଭା, ସ୍ଥାନ: ଆନନ୍ଦ ବଜାର, ସମୟ: ଅପରାହ୍ନ ୫ଟା।
- ଉତ୍ତର ପୁରୁଷ ନାଟକ ଉତ୍ସବ ଅବସରରେ ନାଟକ 'ସାଗର ମନ୍ଥନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୦।

## ବାଲେଶ୍ୱର
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ଚତୁର୍ଥ ଦିବସ,ସ୍ଥାନ: ଝାଡ଼େଶ୍ୱର ମନ୍ଦିର ପରିସର, ନୂଆବଜାର,ବାଲେଶ୍ୱର,ସମୟ: ଦିବସ ବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ୭୮ତମ ସାର୍ବଜନୀନ ବାଣିଶ୍ରୀ ମେଳାର ଷଷ୍ଠ ସନ୍ଧ୍ୟା,ସ୍ଥାନ:ବଗଦା, ଦୁବଲାଗଡ଼ି, ବାଲେଶ୍ୱର,ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ମହୋତ୍ସବ 'ଭଦ୍ରାୟଣୀ'ର ଉଦ୍‌ଯାପନୀ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ରାତି ୧୦ଟା।

## କେନ୍ଦୁଝର
- ବାବା ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ହାଟଡ଼ିହୀ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଶ୍ରୀ ଶ୍ରୀ ଅନନ୍ତ ଗୋପାଳ ମନ୍ଦିରର 'ରତ୍ନ ମୁଦ' ଉତ୍ସବ, ବେଦପାଠ, ସ୍ଥାନ: ବଂଚୋ, ଛେନାପଦି, ସମୟ: ସକାଳ ୮ ଟା।
- କ୍ରିକେଟ୍ ଟୁର୍ନାମେଣ୍ଟ ସେମିଫାଇନାଲ ମ୍ୟାଚ ଉତ୍ସବ, ସ୍ଥାନ: ବିଦ୍ୟାଧରପୁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ସନାତନ ଧର୍ମର ଗୋ ଏବଂ ଗୋଶାଳା ପୂଜା, ସ୍ଥାନ: ହାବଲେଶ୍ୱର ଶିଶୁ ବାଟିକା, ହାଟଡ଼ିହୀ, ସମୟ : ମଧ୍ୟହ୍ନ ୧୨ ଟା ୩୦।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ବିଷ୍ଣୁପୁର, ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ
- ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ଯଜ୍ଞାନୁଷ୍ଠାନର କଳସ ଯାତ୍ରା, ସ୍ଥାନ: ମୁର୍ମୁ ଛକ କୁଚେଇବୁଢୀ, ରାଇରଙ୍ଗପୁର, ସମୟ: ସକାଳ ୮ଟା।
- କ୍ରିକେଟ ମ୍ୟାଚ୍, ସ୍ଥାନ: ବାରିପଦା ଷ୍ଟାଡିୟମ୍ ପଡ଼ିଆ, ସମୟ: ସକାଳ ୯ଟା।
- ଉପଖଣ୍ଡ ସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ଜିଲା ଲେଖକ ଓ ଲେଖିକା ସାମ୍ମୁଖ୍ୟର କବିତା ପାଠୋତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାର, ସମୟ: ସନ୍ଧ୍ୟା ୬.୧୫ ମିନିଟ୍।

## କନ୍ଧମାଳ
- ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନିହଲପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ, ଗଁଦିଆ ବ୍ଲକ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉଦଯାପନ ସମାରୋହ, ସ୍ଥାନ ; ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୬ଟା।

## ଯାଜପୁର
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋରେଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସ ସରୋବର ମହୋତ୍ସବର ୧୦ମ ଦିବସ, ସ୍ଥାନ : ବ୍ୟାସ ସରୋବର ମେଳା ପଡିଆ, ସମୟ: ଅପରାହ୍ନ ୫ଟା।
- ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ଆନୁଆଳ ପଞ୍ଚାୟତର କାନପୁର ଗ୍ରାମ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା ।
- ମା'ଅନ୍ଧାର ବାଉତୀ ଠାକୁରାଣୀଙ୍କ ହୋମଯଜ୍ଞ ମହୋତ୍ସବର ପୂର୍ଣ୍ଣାହୁତି, ସ୍ଥାନ:ଓଡ଼ଗାଁ ବ୍ଲକର କଦଳୀବନ୍ଧ ରଗଡି ସାହି, ସମୟ:ମଧ୍ୟାହ୍ନ୧୨ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର , ସ୍ଥାନ:ଗଣିଆ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଅନ୍ତର୍ଜାତୀୟ ଖୋକୋ ଖେଳାଳି ମାଗାଇ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ରାୟଗଡା ରେଳ ଷ୍ଟେଶନ, ସମୟ: ସକାଳ ୮ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଜଳ ବିଭାଜିକା ଯାତ୍ରା-୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ଗରୁଡ଼ ପଦର, ତୁମ୍ଭା ଗ୍ରାମ, କୋଲନରା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭ କାର୍ଯ୍ୟକ୍ରମ, ସ୍ଥାନ: ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣ, ରାୟଗଡା,
- ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର
- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା, ସ୍ଥାନ: କୋଷାଗୁମୁଡା ବ୍ଲକ୍ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧ଟା ୩୦ ।

## କୋରାପୁଟ
- ପଞ୍ଚାୟତ ସ୍ତରୀୟ ଜନଶୁଣାଣି, ସ୍ଥାନ: ପାକ ଖୋଲା, ସେମିଳିଗୁଡା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୋଟପାଡ଼ ଛତର୍ଲା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି, ସ୍ଥାନ: ପୋଡାପଦର ପଞ୍ଚାୟତ କାର୍ଯ୍ୟାଳୟ, ନାରାୟଣପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ : ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଯୁକ୍ତି ମେଳା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ତିଲେଇମାଲ, ସମୟ: ସକାଳ ୭ ଟାରୁ ।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ, ସ୍ଥାନ: ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଲୋଇସିଂହା ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ବୁର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ,ସମୟ ; ପୂର୍ବାହ୍ନ ୧୦ଟା ।
- ୫ ତମ ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ, ସ୍ଥାନ:ଲାଠୋର ଖେଳ ପଡିଆ, ଖପ୍ରାଖୋଲ ବ୍ଲକ,ସମୟ: ପୂର୍ବାହ୍ନ ୧୧ ଟା ।

## କଳାହାଣ୍ଡି
- ଏମ୍.ରାମପୁରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଏମ୍.ରାମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ନର୍ଲା ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ, ଖିଲେଇ ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଦେବତାଙ୍କ ଜୀବନ୍ୟାସ, ନବ ଯୌବନ ଦର୍ଶନ, ବିଗ୍ରହ ସ୍ଥାପନ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ରୁ ଆରମ୍ଭ।
- ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର, ଦେବଗଡ଼, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
-

## ସୁବର୍ଣ୍ଣପୁର
- ଚବିଶ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ଭାଲଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୬ଟା।
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶୃଙ୍ଗଦର୍ହ ରାଧା ବାହ୍ଲବ ମଠ, ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଏମ୍‌ଏନ୍‌ସିସି କ୍ରିକେଟ ଚାମ୍ପିୟନ ଟ୍ରଫି କ୍ରିକେଟର ତୃତୀୟ ଦିବସ, ସ୍ଥାନ: କାନପୁର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା କ୍ରିକେଟ୍ କ୍ଲବ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କୋମନା, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ତରବୋଡ ଆଞ୍ଚଳିକ ଯାଦବ ସମାଜ ଭବନ ସମ୍ମୁଖ ଯଜ୍ଞବେଦୀ, ସମୟ: ପୂର୍ବାହ୍ନ ୧୦ଟା ୩୧।
- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଶ୍ରୀସୁଦାମା ଚରିତ୍ର କଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭାଇସାତାଲ ଗାଁ, ସମୟ: ଅପରାହ୍ନ ୧ଟା।

## ଝାରସୁଗୁଡ଼ା
- ଶିବ ମନ୍ଦିରରେ ରୁଦ୍ରାଭିଷେକ, ସ୍ଥାନ: ପଞ୍ଚଗାଁ ଶିବ ମନ୍ଦିର, ସମୟ: ସକାଳ ୭ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଲଇକେରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କନ୍ୟା ଭ୍ରୂଣ ହତ୍ୟାକୁ ନେଇ ଆଇନଗତ କର୍ମଶାଳା, ସ୍ଥାନ: ଭିକମପାଲି କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ କଳହ କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। ଅଟକି ରହିଯାଇଥିବା କାମ ଯଥାଶୀଘ୍ର ଶେଷକରିବା ସକାଶେ ଚିନ୍ତା କରିପାରନ୍ତି। କୃତ୍ତିକା ନକ୍ଷତ୍ର ସକାଶେ ସଭାସମିତି, ସାଂସ୍କୃତିକ କାର୍ଯ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବାଦାନୁବାଦ କାରଣରୁ ବ୍ୟବସାୟରେ କେତେକ ସମସ୍ୟା ଦେଖାଦେଇପାରେ।

**ବୃଷ** ପରିସ୍ଥିତିରେ ପଡ଼ି ଅର୍ଥ ସାହାଯ୍ୟ ପାଇଁ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। କାମର ଚାପ ବଢ଼ିବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ନିକଟରୁ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ରୋହିଣୀ ନକ୍ଷତ୍ର ଭୁଲ୍ ବୁଝାମଣାରୁ ଘରୋଇ କଳହକୁ ନେଇ ମନରେ ଅଶାନ୍ତି ଲାଗିରହିବ।

**ମିଥୁନ** ଆଜି ବ୍ୟୟ ବୃଦ୍ଧି ଯୋଗୁ ପରିବାରରେ ଯୁକ୍ତିତର୍କ ଲାଗିପାରେ। କିନ୍ତୁ ପୁନର୍ବସୁ ନକ୍ଷତ୍ର ଘର କାମରେ କିମ୍ବା ନୂତନ କର୍ମାରମ୍ଭରେ ସଫଳତା ହାସଲ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଫଳପ୍ରଦ ଆଲୋଚନାରୁ ସନ୍ତୋଷ ପାଇବେ। ବିଶିଷ୍ଟ ବ୍ୟକ୍ତିଙ୍କ ଆହ୍ୱାନରେ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି।

**କର୍କଟ** ଭାବପ୍ରବଣତା କାରଣରୁ ଅଧିକାଂଶ ସମୟ କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବ। ଅଶ୍ଳେଷା ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା, ମାଙ୍ଗଳିକ କାମ ତଥା ବନ୍ଧୁମିଳନରୁ ଖୁସି ରହିବେ। ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହୋଇପାରନ୍ତି।

**ସିଂହ** ପରିସ୍ଥିତିରେ ପଡ଼ି ନିକଟ ସମ୍ପର୍କୀୟଙ୍କ ସକାଶେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆଜିର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। କେତେକ କ୍ଷେତ୍ରରେ ସ୍ନାୟବିକ ଦୁର୍ବଳତା ବିସ୍ମରଣର କାରଣ ହେବ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ଖୋଜୁଥିବା ଜିନିଷ ହଠାତ୍ ପାଇ ଖୁସି ହୋଇପାରନ୍ତି।

**କନ୍ୟା** ପାରିବାରିକ ସମସ୍ୟା ପାଇଁ ମନରେ ଭାବପ୍ରବଣତା ସୃଷ୍ଟି ହେବ। ଚିତ୍ରା ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବା ସମ୍ଭାବନା ରହିଛି। ନୀତି, ନିୟମରେ କାମକରି ସମାଲୋଚିତ ହେବା ସୂଚନାକୁ ଏଡ଼ିହେବ ନାହିଁ।

**ତୁଳା** ପାରିବାରିକ ଜୀବନରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ସ୍ୱାତୀ ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାର ଆପୋସ ଓ ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହେବ। ଆତ୍ମୀୟସ୍ୱଜନ ସୁବିଧାବାଦୀ ଗୁଣରେ ଶୋଷଣ କରିପାରନ୍ତି।

**ବିଛା** ଆଜି ଖୁସି ମନରେ କାମ କରିବେ ଓ ଯାହା ଚିନ୍ତା କରିଥିବେ କାର୍ଯ୍ୟରେ ପରିଣତ ହେବ। ବନ୍ଧୁଙ୍କ ସାହାଯ୍ୟ ଲାଭକରି ଆର୍ଥିକ ସମସ୍ୟା ଦୂରହେବ। ଅନୁରାଧା ନକ୍ଷତ୍ର କଠୋର ବାକ୍ୟାଳାପ କାରଣରୁ ନିଜଲୋକଙ୍କଠାରୁ ଆସ୍ଥା ହରାଇବେ। ଅବଶ୍ୟ କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ବିଭିନ୍ନ ସମସ୍ୟା ବିଜଡ଼ିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ସୃଷ୍ଟିହେବ। ମୂଳା ନକ୍ଷତ୍ର ପାଇଁ ବନ୍ଧୁଙ୍କ ଜରିଆରେ ବାକି ପଡ଼ିଥିବା ଟଙ୍କା ଆଦାୟ ଲାଗି ଅନୁକୂଳ ସୁଯୋଗ ସୃଷ୍ଟିହେବ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ପ୍ରତିବନ୍ଧକ ଦୂରହୋଇଯିବା ହେତୁ ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ।

**ମକର** ଆଜି ସତର୍କତା ଅଭାବରୁ ନିଜ ଲୋକମାନେ ଶତ୍ରୁତା କରି ବସିବେ। ଅନ୍ୟମାନଙ୍କ କଥା ରକ୍ଷାକରିବାକୁ ଇଚ୍ଛା ନ ଥାଇ ମଧ୍ୟ ବନ୍ଧୁଦ୍ୱାରକୁ ଯିବାକୁ ପଡ଼ିପାରେ। ଶ୍ରବଣା ନକ୍ଷତ୍ର ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବା ସାଙ୍ଗକୁ ପାରିବାରିକ ସଦ୍‌ଭାବ ଫେରିପାଇବେ। ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ନିଜ ଲୋକଙ୍କଠାରୁ ସମ୍ପର୍କ ହରାଇପାରନ୍ତି।

**କୁମ୍ଭ** ଦୀର୍ଘ ସମୟରୁ ପ୍ରତୀକ୍ଷାକରି ପରିଶେଷରେ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଶତଭିଷା ନକ୍ଷତ୍ର ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। କେତେକ ମିଥ୍ୟାଭିଯୋଗକୁ କେନ୍ଦ୍ରକରି କିମ୍ବା ପୁତ୍ରକନ୍ୟାଙ୍କ ହେତୁକ ଅନେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** ସମୟାନୁବର୍ତ୍ତିତା କାରଣରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବେ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ରେବତୀ ନକ୍ଷତ୍ର ସକାଶେ ପାରିବାରିକ, ପ୍ରଶାସନ, ଯାନବାହନ, ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ ।

ଆଜି ଫେବୃଆରୀ ୧୭ ତାରିଖ, ଫାଲ୍‌ଗୁନ କୃଷ୍ଣ ୫ମୀ ସୋମବାର। ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହପ୍ରବେଶ, ବିଦ୍ୟାରମ୍ଭ, ଦେବତା ଗଠନ ଓ ପ୍ରତିଷ୍ଠା ପାଇଁ ଶୁଭଦିନ । ସକାଳ ଘ.୦୬।୧୮ ଗତେ, ଘ.୦୭।୪୩ ମଧ୍ୟେ, ଘ.୧୦।୫୨ ଗତେ, ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୭।୪୩ ମି. ଗତେ, ଘ.୦୯।୦୯ ମଧ୍ୟେ ରାହୁକାଳ।

# ବନ୍ଧାପଡ଼ିଛନ୍ତି ନାବାଳିକା, ଉଦ୍ଧାର କରିବାକୁ ମା'ବାପାଙ୍କ ନିବେଦନ

**କଲମପୁର, ୧୬।୨(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ଥାନା ଅଞ୍ଚଳରେ ଅଭାବ ଅନାଟନର ଶିକାର ହୋଇ ଗୋଟିଏ ପରିବାରର ଜଣୈକା ନାବାଳିକା ଦାଦନ ସର୍ଦ୍ଦାର ନିକଟରେ ବନ୍ଧା ପଡ଼ିଥିବା ଭଳି ଘଟଣା ସାମ୍ନାକୁ ଆସିଛି। ବନ୍ଧାପଡ଼ିଥିବା ନାବାଳିକାଙ୍କୁ ଉଦ୍ଧାର କରିବାକୁ ମା'ବାପା ନିବେଦନ କରି ରବିବାର କଲମପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁସାରେ କଲମପୁର ଥାନା ଅନ୍ତର୍ଗତ ମିନଗୁର ମଣ୍ଡିପଡାରେ ବାସ କରିଛନ୍ତି ବଟକୃଷ୍ଣ ଗୋପାଳଙ୍କ ପରିବାର। ପରିବାର କହିଲେ ସ୍ତ୍ରୀ, ୫ଝିଅ ଓ ଏକମାତ୍ର ପୁଅଙ୍କ ସମେତ ୮୫ବର୍ଷିୟା ବୃଦ୍ଧା ମା'। ଏହି ପରିବାରର ୬ସନ୍ତାନଙ୍କ ମଧ୍ୟରୁ ୨ଜଣ କଥା କହିପାରୁଥିବାବେଳେ ଅନ୍ୟ ସମସ୍ତେ ମୂକ ଦିବ୍ୟାଙ୍ଗ। ଝାଟିମାଟି କୁଡିଆ ଘରେ ୯ପ୍ରାଣୀ କୁଟୁମ୍ବ କୌଣସି ପ୍ରକାରେ ରହି ଆସୁଛନ୍ତି। ସରକାରଙ୍କ ତରଫରୁ ଘର ଖଣ୍ଡେ ଆସିଲା, ସେହି ଘର ନିର୍ମାଣ ପାଇଁ ପରିବାରର ସମସ୍ତେ ଲାଗିପଡିଲେ। ଘରର ଏକମାତ୍ର ରୋଜଗାରିଆ ଭାବେ ବଟକୃଷ୍ଣ ପରିବାର ପ୍ରତିପୋଷଣ କରି ଆସୁଥିବାବେଳେ ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାରୁ ଖାଦ୍ୟପେୟର ଅଭାବ ଦେଖାଦେଇଥିଲା। ଏପଟେ ଘର ଅଧପନ୍ତରିଆ ରହିଥିବାବେଳେ ସବୁକୁ ଛାଡି ସେ ଦାଦନ ଯାଇଥିଲେ। ଜଣେ ଦାଦନ ସର୍ଦ୍ଦାରଙ୍କ ସହିତ ଯୋଗାଯୋଗ କରି ସ୍ତ୍ରୀ ଓ ୨ଝିଅଙ୍କୁ ନେଇ ବଟକୃଷ୍ଣ ଯାଇଥିଲେ। ଦାଦନ ସର୍ଦ୍ଦାର ଆନ୍ଧ୍ର ପ୍ରଦେଶର ରାମଗୁଣ୍ଡାକୁ ନେଇ ଅନ୍ୟ ଜଣେ ସମ୍ପର୍କୀୟ ଲୋକଙ୍କୁ ଏମାନଙ୍କୁ ଜିମା ଦେଇଥିଲେ। ସେହି ସମ୍ପର୍କୀୟ ଲୋକ ଏମାନଙ୍କୁ ଭଡା ଘର ଯୋଗାଇବା ସହିତ ଘରକାମରେ ନିୟୋଜିତ କରିଥିଲେ। କିଛି ଦିନ କାମ କରିବା ପରେ ଖାଦ୍ୟପେୟ ତଥା ଟଙ୍କାର ଅଭାବ ଦେଖାଦେବାରୁ ଦାଦନ ସର୍ଦ୍ଦାରଙ୍କୁ କହିଲେ। ସେ ଟଙ୍କା ପଇସା କି ଖାଦ୍ୟ ବ୍ୟବସ୍ଥା ନ କରି ଓଲଟା ଗାଳିଗୁଲଜ ଓ ମାରଧର କରିବାରେ ଲାଗିଲେ। ନିର୍ଯାତନା ଅସହ୍ୟ ହେବାରୁ ବଟକୃଷ୍ଣଙ୍କ ପରିବାର ଘରକୁ ଫେରି ଯିବାକୁ ଅଡି ବସିଲେ। ଜିନିଷପତ୍ର ସଜାଡି ଘରକୁ ଆସିବାକୁ ସଜବାଜ ହେଉଥିବା ଖବରପାଇ ଦାଦନ ସର୍ଦ୍ଦାରଙ୍କ ସମ୍ପର୍କୀୟ ପହଞ୍ଚି ବିଳାସିନୀଙ୍କୁ ଧକ୍କା ଦେଇ ନାବାଳିକା ଝିଅଙ୍କୁ ନେଇଯାଇଥିଲେ। ବଟକୃଷ୍ଣଙ୍କ ପରିବାର ସେଠାରେ ଥିବା ପୋଲିସ ଷ୍ଟେଶନକୁ ଯାଇ ଏ ବିଷୟରେ ଅଭିଯୋଗ କରିଥିଲେ। ହେଲେ ରାମଗୁଣ୍ଡା ପୋଲିସ କିଛି ପଦକ୍ଷେପ ନେଲା ନାହିଁ। ଭୋକ ଉପାସରେ ୧୫ ଦିନ ଝିଅର ଫେରିବା ବାଟକୁ ଚାହିଁ ଅପେକ୍ଷା କଲେ, ମାତ୍ର ଝିଅ ଫେରିଲା ନାହିଁ। ଶେଷରେ ଭାଙ୍ଗିପଡି ଏହି ଦାଦନ ପରିବାର ଗାଁକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ବିଷୟରେ ଝିଅର ବାପ ମା' କଲମପୁର ଥାନାରେ ଅଭିଯୋଗ କରିଛନ୍ତି। ଝିଅକୁ ଉଦ୍ଧାର କରାଯିବାର ଆବଶ୍ୟକ ବୋଲି ମିନଗୁର ନାଏବ ସରପଞ୍ଚ ରାମଚନ୍ଦ୍ର ସାହୁ କହିଛନ୍ତି।



ବନ୍ଧାପଡ଼ିଥିବା ନାବାଳିକାଙ୍କ ପରିବାର ।

# କାର୍ଯ୍ୟାନୁଷ୍ଠାନ ପାଇଁ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଚିଠି

**ପୁରୀ,୧୬।୨(ଅଜିତ୍ କୁମାର ମହାନ୍ତି)**

## ଶ୍ରୀମନ୍ଦିର ଭକ୍ତନିବାସ ଠକେଇ ଘଟଣା

ଶ୍ରୀମନ୍ଦିର ପ୍ରଶାସନର ଭକ୍ତନିବାସଗୁଡ଼ିକ ନାମରେ ନକଲି ୱେବସାଇଟ୍ ଖୋଲି ଖଳପ୍ରକୃତିର ଲୋକେ ଅନ୍‌ଲାଇନ ମାଧ୍ୟମରେ ଭକ୍ତ ଓ ପର୍ଯ୍ୟଟକଙ୍କୁ ଠକୁଥିଲେ। ଅନେକ ଭକ୍ତ ଓ ପର୍ଯ୍ୟଟକ ଭକ୍ତନିବାସ ପାଇଁ ପଞ୍ଜୀକରଣ କରି ପୁରୀ ଆସିବା ପରେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଉଥିଲେ। ଫଳରେ ସେମାନେ ସମସ୍ୟା ଭୋଗୁଥିଲେ। ଏହି ଘଟଣା ଶ୍ରୀମନ୍ଦିର ପ୍ରଶାସନ ନିମନ୍ତେ ଚିନ୍ତାର କାରଣ ପାଲଟିଥିଲା। ତେଣୁ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ସମ୍ପୃକ୍ତ ଠକମାନଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କ୍ରାଇମ୍‌ବ୍ରାଞ୍ଚକୁ ଚିଠି ଲେଖାଯାଇଛି।

ଏନେଇ ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନର ଭକ୍ତନିବାସଗୁଡ଼ିକ ନାମରେ ନକଲି ୱେବସାଇଟ୍ ଖୋଲି ଠକେଇ ଘଟଣା ନଜରକୁ ଆସିବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିରର ନିଜସ୍ୱ ୱେବସାଇଟ୍ www.srija-gannath.in ଏବଂ www.sa-tyapurijagannath.in ମାଧ୍ୟମରେ ଭକ୍ତନିବାସଗୁଡିକର ବୁକିଂ ହୋଇଆସୁଛି। କିନ୍ତୁ ଅନେକ ଖଳବ୍ୟକ୍ତି ନକଲି ୱେବସାଇଟ୍ ତିଆରିକରି ଭକ୍ତନିବାସ ନାମରେ ଲୋକଙ୍କୁ ଠକେଇ କରିଥିବାର ପ୍ରମାଣ ପାଇଛି ଶ୍ରୀମନ୍ଦିର ପ୍ରଶାସନ। ଏପରିକି ଏକ ନକଲି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ଏହି ଠକେଇ ପାଇଁ ଦେଣନେଣ ହୋଇଛି। ତେଣୁ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଚିଠିରେ କ୍ରାଇମବ୍ରାଞ୍ଚକୁ ଅନୁରୋଧ କରାଯାଇଛି। ଏହାସହିତ ପୂର୍ବରୁ ବିଭିନ୍ନ ଥାନାରେ ଦାଖଲ ହୋଇଥିବା ଏଫ୍‌ଆଇଆର୍‌ଗୁଡ଼ିକର ତଥ୍ୟ ସଂଲଗ୍ନ କରାଯାଇଛି ବୋଲି ଡ. ପାଢୀ ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଯୌତୁକ ପାଇଁ ...

ଯେତେବେଳେ ରଶ୍ମିଙ୍କ ବାପା ଏତେ ଅଧିକ ଡିମାଣ୍ଡ ଦେବାକୁ ମନା କଲେ, ଶାଶୁଘର ଲୋକ ରଶ୍ମିଙ୍କୁ ଘରୁ ବାହାର କରିଦେଇଥିଲେ। ପରେ ହରିଦ୍ୱାରର ଜଶ୍ୱୱାଲା ଗ୍ରାମ ପଞ୍ଚାୟତର ନିଷ୍ପତ୍ତି କ୍ରମେ ରଶ୍ମିଙ୍କୁ ଶାଶୁଘର ଲୋକ ଗ୍ରହଣ କରିଥିଲେ। ହେଲେ ଏହାର କିଛି ଦିନ ପରଠାରୁ ପୁଣି ନିର୍ଯାତନା ଆରମ୍ଭ ହୋଇଥିଲା। ଏପରି କି ଝିଅକୁ ମାରିଦେବାକୁ ଷଡ଼ଯନ୍ତ୍ର କରି ଶ୍ୱଶୁରଘର ଲୋକେ ଏଚ୍‌ଆଇଭି ସଂକ୍ରମିତ ଛୁଞ୍ଚିରେ ଇଞ୍ଜେକ୍‌ଶନ ଦେଇଥିଲେ ବୋଲି ରଶ୍ମିଙ୍କ ବାପା ଅଭିଯୋଗ କରିଥିଲେ। ଯେତେବେଳେ ରଶ୍ମିଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଲା, ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେଇଥିଲେ। ସେଠାରେ ପରୀକ୍ଷା କରିବା ପରେ ରଶ୍ମି ଏଚ୍‌ଆଇଭି ପଜିଟିଭ୍ ଥିବା ଜଣାପଡ଼ିଥିଲା। ଏହା ଶୁଣି ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ଅଭିଷେକଙ୍କ ରକ୍ତ ପରୀକ୍ଷା କରାଯାଇଥିଲା, ହେଲେ ତାଙ୍କର ରିପୋର୍ଟ ନେଗେଟିଭ ଆସିଥିଲା। ଏନେଇ ରଶ୍ମିଙ୍କ ବାପା ଝିଅର ଶ୍ୱଶୁର ଘର ଲୋକଙ୍କ ନାମରେ ପ୍ରଥମେ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ପରେ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ କୋଟୱାଲି ଥାନାରେ ଅଭିଷେକ ଏବଂ ତାଙ୍କ ମା'ବାପା ଏବଂ ସମ୍ପର୍କୀୟଙ୍କ ନାମରେ ଯୌତୁକ ନିର୍ଯାତନା, ହତ୍ୟା ଉଦ୍ୟମ ଆଦି ଦଫାରେ ଏକ ମାମଲା ରୁଜୁ କରାଯାଇଛି।

## ବିନା ବାନ୍ଧବୀରେ...

ପରିବେଶ ନଷ୍ଟ ହେବାରେ ଲାଗିଛି। ମୀସା ଆହୁରି କହିଛନ୍ତି, ହିଲିଙ୍ଗ ପାଭିଲିଅନ ଚିଡ଼ିଆଖାନାକୁ ସାଧାରଣତଃ ପୁରୁଷମାନେ ସେମାନଙ୍କ ପରିବାର କିମ୍ବା ମହିଳା ବନ୍ଧୁଙ୍କ ସହ ଆସିଥାନ୍ତି। ତେବେ କେତେଜଣ ପୁରୁଷ ଏକାକୀ କିମ୍ବା ଦଳଗତ ଭାବେ ଚିଡ଼ିଆଖାନା ମଧ୍ୟକୁ ଆସି ବିଶୃଙ୍ଖଳା ଘଟାଉଛନ୍ତି, ଯାହାଫଳରେ ଚିଡ଼ିଆଖାନାରେ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର ଘଟଣା ବଢ଼ିଚାଲିଛି। ଅଳ୍ପକିଛି ପୁରୁଷଙ୍କ ପାଇଁ ପୂରା ଚିଡ଼ିଆଖାନାର ମାହୋଲ ଖରାପ ହେଉଛି। ଲୋକଙ୍କୁ ପ୍ରାଣୀମାନଙ୍କ ନିକଟତର କରି ସେମାନଙ୍କୁ ମାନସିକ ଶାନ୍ତି ଯୋଗାଇବା ହିଲିଙ୍ଗ ପାଭିଲିଅନ ଚିଡ଼ିଆଖାନାର ଉଦ୍ଦେଶ୍ୟ ରହିଥିଲା। କିନ୍ତୁ କିଛି ଲୋକଙ୍କର ଭୁଲ୍ ଆଚରଣ ପୂରା ବ୍ୟବସ୍ଥାକୁ ପ୍ରଭାବିତ କରିଛି। ପ୍ରଥମେ ଚିଡ଼ିଆଖାନା ପ୍ରଶାସନ ଏହି ଘଟଣାଗୁଡ଼ିକୁ ବିଶେଷ ଧ୍ୟାନ ନ ଦେଇ ନଜର ଅନ୍ଦାଜ କରୁଥିଲା। କିନ୍ତୁ ପରେ ସ୍ଥିତି ବିଗିଡ଼ିବାରୁ ମହିଳା ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଚିଡ଼ିଆଖାନା ପ୍ରଶାସନକୁ ଏପରି କଡ଼ା ନିଷ୍ପତ୍ତି ନେବାକୁ ପଡ଼ିଛି ବୋଲି ମୀସା କହିଛନ୍ତି। ମୀସାଙ୍କ ଏହି ଟୁଇଟ୍ ସୋସିଆଲ ମିଡିଆରେ ବିତର୍କ ସୃଷ୍ଟି କରିଛି।

## ସମ୍ବେଦନହୀନତା, ...

ଷ୍ଟେଶନରେ ଗୋଟିଏ ଘଣ୍ଟାରେ ୧,୫୦୦ ଟିକେଟ ବିକ୍ରି ହୋଇଥିଲା, ଯାହା ଭିଡ଼ର ପ୍ରାକ୍ ସୂଚନା ଦେଉଥିଲା। ଏହା ସତ୍ତ୍ୱେ ରେଳୱେ ଅଧିକାରୀମାନେ ପ୍ରତିକାରମୂଳକ ପଦକ୍ଷେପ ନେଇ ନ ଥିଲେ। ଶେଷ ମୁହୂର୍ତ୍ତରେ ସ୍ପେଶାଲ ଟ୍ରେନ୍‌କୁ ନେଇ ଘୋଷଣା ଯାତ୍ରୀଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ଯାତ୍ରୀଙ୍କ ନିରାପତ୍ତାକୁ ନେଇ ମନ୍ତ୍ରଣାଳୟ ସ୍ତରରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଦଳାଚକଟାକୁ ନେଇ ବିରୋଧୀ ଦଳଗୁଡ଼ିକ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସମ୍ବେଦନହୀନତା ଏବଂ ଭିଡ଼ ପରିଚାଳନାରେ ବିଫଳତାରୁ ଦଳାଚକଟା ଘଟିଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳଗୁଡ଼ିକୁ ଘଟଣାକୁ ରାଜନୈତିକ ରଙ୍ଗ ଦେଉଥିବା ଭାଜପା କହିଛି। ଦଳାଚକଟାରେ ଏତେସଂଖ୍ୟାରେ ଲୋକ ମୃତାହତ ହେବା ଦୁଃଖଦାୟକ। ପ୍ରୟାଗରାଜ ଯାତ୍ରୀ ଭିଡ଼ ପରିଚାଳନା ନିମନ୍ତେ ଉନ୍ନତ ବ୍ୟବସ୍ଥା କରିବା ପାଇଁ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ କହିଛନ୍ତି। ଦଳାଚକଟା ମୃତ୍ୟୁସଂଖ୍ୟାକୁ ନେଇ କେନ୍ଦ୍ର ସରକାର ସତ୍ୟ ଲୁଚାଉଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି। ଦଳାଚକଟା ସମୟର ଭିଡିଓ ଚିତ୍ର ଅତ୍ୟନ୍ତ ହୃଦୟ ବିଦାରକ। ତେବେ ନରେନ୍ଦ୍ର ମୋଦିଙ୍କ ସରକାର ସତ୍ୟ ଲୁଚାଇବା ଅତ୍ୟନ୍ତ ଲଜ୍ଜାଜନକ ଓ ନିନ୍ଦନୀୟ ବୋଲି ସେ କହିଛନ୍ତି। ଏଭଳି ଦଳାଚକଟା ପାଇଁ କିଏ ଉତ୍ତରଦାୟୀ ବୋଲି ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ପ୍ରଶ୍ନ କରିଛନ୍ତି। ସେହିପରି ପୂର୍ବତନ ରେଳମନ୍ତ୍ରୀ ତଥା ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବ ରେଳୱେର କୁପରିଚାଳନାକୁ ଦୋଷ ଦେବା ସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିଜକୁ ଦାୟୀ କରନ୍ତୁ ବୋଲି ଦାବି କରିଛନ୍ତି। କେନ୍ଦ୍ର ଏବଂ ଉତ୍ତରପ୍ରଦେଶର ଭାଜପା ସରକାର ମହାକୁମ୍ଭ ଯାତ୍ରୀଙ୍କ ନିରାପତ୍ତାକୁ ନେଇ ଆଦୌ ଚିନ୍ତିତ ନୁହନ୍ତି ବୋଲି ଦିଲ୍ଲୀର କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ଆତିଶୀ ଅଭିଯୋଗ କରିଛନ୍ତି। ଦଳାଚକଟାକୁ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ହୃଦୟ ବିଦାରକ କହିବା ସହ ଭାଜପା ସରକାର ମୃତ୍ୟୁସଂଖ୍ୟା ନ ଲୁଚାଇବାକୁ କହିଛନ୍ତି।

## ଆଜି ରାଜ୍ୟ ...

ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଗୁରୁତ୍ୱ ଦେଇ ବଜେଟରେ ଅର୍ଥ ବ୍ୟୟବରାଦ ହୋଇଥିବା ଆଶା କରାଯାଉଛି। କୃଷକଙ୍କ ଆୟ ବୃଦ୍ଧି ଏବଂ ମହିଳା ସଶକ୍ତୀକରଣ ଉପରେ ମୋହନ ସରକାର ଗୁରୁତ୍ୱ ଦେଉଥିବାରୁ ଏଥିପାଇଁ ବଜେଟରେ ବିଶେଷ ଧ୍ୟାନ ଦିଆଯାଇଥାଇପାରେ ବୋଲି କୁହାଯାଉଛି।

# ଟ୍ରେନ୍‌ରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

ବୈପାରୀଗୁଡ଼ା,୧୬ା୨ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତ କୁରୁକୁଟି ଗ୍ରାମର ଜଣେ ଶ୍ରମିକ ଦାଦନ ଖଟିବାକୁ ମହାରାଷ୍ଟ୍ର ଯାଉଥିବା ବେଳେ ଟ୍ରେନ୍‌ରୁ ଖସି ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବିନୋଦ ଖଡା(୪୬)। ସେ ମହାରାଷ୍ଟ୍ର କଲୋନା ଭାଲାସ୍ଥିତ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଗତ କିଛି ଦିନ ତଳେ ଘରକୁ ଆସି ୧୪ ତାରିଖରେ ସେଠାକୁ ଯାଉଥିଲେ। ୧୫ ତାରିଖରେ ପୁଣେ ପୋଲିସ୍ ପରିବାର ଲୋକଙ୍କୁ ବିନୋଦଙ୍କ ମୃତ୍ୟୁ ହୋଇଥିବା ଖବର ଦେଇଥିଲେ। ଏହି ଖବର ପାଇବା ପରେ ସମ୍ପର୍କୀୟମାନେ ମୃତଦେହ ଆଣିବାକୁ ପୁଣେ ଯାଇଥିବା ଜଣାପଡ଼ିଛି। ଏ ନେଇ ପରିବାର ଲୋକେ ରବିବାର ବୈପାରୀଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

# ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଗଣଅଣ୍ଡାଦାନ ଆରମ୍ଭ

## ୧୧ ହଜାର କଇଁଛ ଅଣ୍ଡାଦେଲେ

ବ୍ରହ୍ମପୁର,୧୬ା୨ (ଅଶୋକ କୁମାର ସାହୁ)

ପ୍ରତ୍ୟେକ ବର୍ଷ ଗଞ୍ଜାମ ଜିଲାର ରଷିକୁଲ୍ୟା ମୁହାଣ ସମୁଦ୍ର ବେଳାଭୂମିକୁ ବିରଳ ଅଲିଭ୍‌ରିଡ୍‌ଲେ କଇଁଛ ଗଣଅଣ୍ଡାଦାନ କରିବାକୁ ଆସନ୍ତି। ଡିସେମ୍ବରରୁ ଆରମ୍ଭ ହେଉଥିବା ସେମାନଙ୍କ ପ୍ରଜନନ ଋତୁ ଜାନୁଆରୀ ମାସରେ ସରିବା ପରେ ସେମାନେ ଉତ୍ତାପ ପାଇଁ ସମୁଦ୍ର ବେଳାଭୂମିଠାରୁ ୧ କି.ମି. ଭିତରେ ଭାସମାନ ଅବସ୍ଥାରେ ଥିଲେ। ତେବେ ଫେବୃଆରୀ ଦ୍ୱିତୀୟ ସପ୍ତାହ ପରେ ଶନିବାର ବିଳମ୍ବିତ ରାତିରୁ ପ୍ରଥମ କରି ଅଲିଭ୍‌ରିଡ୍‌ଲେ କଇଁଛ ଗଞ୍ଜାମ ବ୍ଲକର ଗୋଖରକୁଦାଠାରୁ ବଟେଶ୍ୱର ପ୍ରାୟ ୪ କି.ମି. ଡାଇନାମିକ ବିଚ୍‌ରେ ଗଣଅଣ୍ଡାଦାନ କରିଛନ୍ତି। ପ୍ରାୟ ୧୧ ହଜାର କଇଁଛ ଅଣ୍ଡା ଦେଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ପୁରୁଣାବନ୍ଧରୁ ଅଳେଶ୍ୱର ୬ କି.ମି. ଓ ଗୋଖରକୁଦାଠାରୁ ଅଗସ୍ତି ନୂଆଗାଁ ପ୍ରାୟ ୪ କି.ମି. ବେଳାଭୂମିରେ କଇଁଛମାନେ ଅଣ୍ଡା ଦେଉଥିବା ଜାଣି ବନ ବିଭାଗ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବେଳାଭୂମି ସଫେଇ କରାଯାଇଥିଲା। କଇଁଛଙ୍କ ସୁରକ୍ଷା ପାଇଁ ତାରବାଡ଼ ମଧ ଲଗାଯାଇଥିଲା। ୨୦୨୨ରେ ୫ ଲକ୍ଷ ୫୦ ହଜାର କଇଁଛ ଅଣ୍ଡା ଦେଇଥିବାବେଳେ ୨୦୨୩ରେ ୬ ଲକ୍ଷ ୩୭ ହଜାର ଓ ୨୦୨୪ରେ ଜଳବାୟୁ ପରିବର୍ତ୍ତନ ଯୋଗୁ ମାତ୍ର ୩ ହଜାର କଇଁଛ ଅଣ୍ଡାଦାନ କରିଥିବା ରଷିକୁଲ୍ୟା କଇଁଛ ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ର ନାଥ ସାହୁ କହିଛନ୍ତି।

ପ୍ରାୟ ୨୦ ହଜାର ଅଲିଭ୍‌ରିଡ୍‌ଲେ କଇଁଛ ରବିବାର ସନ୍ଧ୍ୟାରେ ବେଳାଭୂମିରେ ଅଣ୍ଡା ଦେବାକୁ ବିଚରଣ କରୁଥିବା ସାହୁ କହିଛନ୍ତି। ବନ ବିଭାଗ ପକ୍ଷରୁ ପ୍ରତି ୧୦୦ ମିଟରକୁ ଗୋଟିଏ ସେଗ୍‌ମେଣ୍ଟ କରାଯାଇଛି। ପ୍ରତି ସେଗ୍‌ମେଣ୍ଟରେ ଜଣେ ବନ ବିଭାଗ କର୍ମଚାରୀ ଓ ଜଣେ ସ୍ୱେଚ୍ଛାସେବୀ କଇଁଛ ଗଣତି ପ୍ରକ୍ରିୟାରେ ନିୟୋଜିତ ହୋଇଛନ୍ତି। କଇଁଛମାନେ ଗାତ ଖୋଳି ସେହି ଗାତରେ ଅଣ୍ଡା ଦେଇଥାନ୍ତି। ପ୍ରତି କଇଁଛ ୧୦୦ରୁ ୧୬୦ ଅଣ୍ଡା ଦେବା ପରେ ସେହି ଗାତକୁ ବାଲିରେ ପୋତି ସମୁଦ୍ରକୁ ଫେରିଯାଆନ୍ତି। ସେମାନଙ୍କ ଅଣ୍ଡାରୁ ଛୁଆ ଫୁଟିବାକୁ ପ୍ରାୟ ୫୦ ଦିନ ସମୟ ଲାଗୁଥିବାରୁ ବନ ବିଭାଗ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଛୁଆ ଫୁଟିବା ପରେ ସେମାନେ ଧୀରେ ଧୀରେ ସମୁଦ୍ରକୁ ଫେରନ୍ତି। ଏହା ପ୍ରକୃତିର ନିୟମ ବୋଲି ସ୍ଥାନୀୟ ଲୋକେ କହନ୍ତି।

ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସମୟରେ ସେହି ଅଞ୍ଚଳରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ କଇଁଛମାନେ ଅଣ୍ଡା ଦେବାକୁ ଆସିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ବେଳାଭୂମି ସ୍ୱଚ୍ଛ ନ ଥିଲେ କଇଁଛମାନେ ଅଣ୍ଡା ଦେବାକୁ ଆସନ୍ତି ନାହିଁ। ଅଣ୍ଡା ଫୁଟିବା ପରେ ଯେଉଁ ଖୋଳପା ରହେ, ତାହା ମାଟିରେ ମିଶିବା ପାଇଁ ଦୀର୍ଘ ବର୍ଷ ଲାଗି ଯାଉଥିବାରୁ ପ୍ରତିବର୍ଷ ବେଳାଭୂମି ସଫେଇ ଉପରେ ବନ ବିଭାଗ ଗୁରୁତ୍ୱ ଦେଉଛି ବୋଲି ବ୍ରହ୍ମପୁର ବନଖଣ୍ଡର ଖଲ୍ଲିକୋଟ ରେଞ୍ଜର ଏସିଏଫ୍ ଦିବ୍ୟ ଶଙ୍କର ବେହେରା କହିଛନ୍ତି। ଅଲିଭ୍‌ରିଡ୍‌ଲେ କଇଁଛ ଓ ଅଣ୍ଡାର ସୁରକ୍ଷା ପାଇଁ ସମସ୍ତେ ସଜାଗ ରହିଛୁ ବୋଲି ସେ ପ୍ରକାଶ କରିଛନ୍ତି।



ଗଣଅଣ୍ଡାଦାନ କରିବାକୁ ବେଳାଭୂମିକୁ ଆସିଥିବା ଅଲିଭ୍‌ରିଡ୍‌ଲେ କଇଁଛ।

# ପୋଖରୀରେ ବୁଡ଼ି ୨ ନାବାଳକ ମୃତ

ବାସୁଦେବପୁର,୧୬ା୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ଗୁଆଗାଁ ଗ୍ରାମରେ ରବିବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ୨ ମୃତକ ହେଲେ ୧୮ ନଂ. ୱାର୍ଡ ଗୁଆଗାଁ ଗ୍ରାମର ସତ୍ୟବାନ ବେହେରାଙ୍କ ପୁଅ ଜ୍ୟୋତିର୍ମୟ(୧୩) ଓ ୧୭ ନଂ. ୱାର୍ଡ ରାଧାବଲ୍ଲଭପୁର ଗ୍ରାମର କାହ୍ନୁ ବେହେରାଙ୍କ ପୁଅ ରାଜେନ୍ଦ୍ର(୧୭)। ଜ୍ୟୋତିର୍ମୟ ରାଧାବଲ୍ଲଭପୁର ୟୁଜିଏମ୍‌ଇ ସ୍କୁଲର ୮ମ ଶ୍ରେଣୀ ଛାତ୍ର ହୋଇଥିବା ବେଳେ ରାଜେନ୍ଦ୍ର ମନ୍ଦାରୀ କଲେଜର ଯୁକ୍ତ ୨ ଛାତ୍ର ଥିଲେ।

ସୂଚନା ଅନୁଯାୟୀ, ଦୁଇଜଣ ଗୁଆଗାଁ ଗ୍ରାମରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ପୋଖରୀ ମଝିକୁ ଖସିଯାଇ ସେମାନେ ବୁଡ଼ି ଯାଇଥିଲେ। ଅନ୍ୟ ଜଣେ ଯୁବକ ଏ ସମ୍ପର୍କରେ ଜାଣି ଖବର ଦେବା ପରେ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ପୋଖରୀରେ ଖୋଜାଖୋଜି କରି ଦୁଇଜଣଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ବାସୁଦେବପୁର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା।

# ୪ କି.ମି ଭାରରେ ବୁହା ହେଲେ ଗର୍ଭବତୀ



ବୋରିଗୁମ୍ମା,୧୬ା୨ (ବିଜୟ ସାହୁ)

ଗ୍ରାମାଞ୍ଚଳର ବିକାଶ ପାଇଁ ବହୁ ଯୋଜନା କରାଯାଉଥିବା ବେଳେ କେତେକ ଅଞ୍ଚଳ ବର୍ତ୍ତମାନ ସୁଦ୍ଧା ଏଥିରୁ ବଞ୍ଚିତ ହୋଇଛି। କୋରାପୁଟ ଜିଲା ବାଣ୍ଟିଗୁଡା ପଞ୍ଚାୟତ ସେମିଳିଅଟାଳ ଗାଁକୁ ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ରବିବାର ୪ କି.ମି. ଦୂର ଭାରରେ ବୋହି ମାଳିଗୁଡ଼ା ପର୍ଯ୍ୟନ୍ତ ନିଆଯାଇଥିବା ଦେଖିବାକୁ ମିଳିଛି। ପରେ ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୋରିଗୁମ୍ମା ଚିକିତ୍ସାଳୟକୁ ନିଆଯାଇଥିଲା। ସେମିଳିଅଟାଳ ଗ୍ରାମର ଡମ୍ବୁ ମୁଦୁଲିଙ୍କ ସ୍ତ୍ରୀ ଦଇମତି ରବିବାର ସକାଳୁ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ବାଧହୋଇ ୪ଜଣ ବ୍ୟକ୍ତି ଗର୍ଭବତୀଙ୍କୁ ଭାର କରି ମାଳିଗୁଡା ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଉକ୍ତ ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସୁବିଧା କରିବାକୁ ଦଇମତିଙ୍କ ସ୍ୱାମୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

# ନନ୍ଦନକାନନ ବୁଲିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ପର୍କୀୟଙ୍କ ସହ ନନ୍ଦନକାନନ ଭ୍ରମଣ କରୁଛନ୍ତି।

ବାରଙ୍ଗ,୧୬ା୨ (ଲିଙ୍ଗରାଜ ରାଉତ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ଝିଅ ଓ ସମ୍ପର୍କୀୟଙ୍କ ସହ ରବିବାର ଅପରାହ୍ନ ୪ଟା ସମୟରେ ନନ୍ଦନକାନନ ପରିଭ୍ରମଣ କରି ଫେରିଛନ୍ତି। ନନ୍ଦନକାନନରେ ପହଞ୍ଚିବା ପରେ ତାଙ୍କୁ ନନ୍ଦନକାନନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ତାଙ୍କର ବୁଲିବା ପାଇଁ ନନ୍ଦନକାନନ ପକ୍ଷରୁ ଏକ ବ୍ୟାଟେରିଚାଳିତ ଗାଡ଼ିର ବ୍ୟବସ୍ଥା କରାଯାଇଥିଲା। ସେ ବିଭିନ୍ନ ପଶୁପକ୍ଷୀଙ୍କ ଖୁଆଡ଼କୁ ବୁଲି ଦେଖିଥିଲେ। ସୁରକ୍ଷା ଦୃଷ୍ଟିରୁ ନନ୍ଦନକାନନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ନନ୍ଦନକାନନ ପଦାଧିକାରୀମାନେ ପରିଭ୍ରମଣ ସମୟରେ ଉପସ୍ଥିତ ଥିଲେ।

# ଦନ୍ତା ଆକ୍ରମଣରେ ୪ ଛେଳି ମୃତ

ଭଞ୍ଜନଗର,୧୬ା୨ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ ରେଞ୍ଜର ଡଉମୁଣ୍ଡିଆରେ ଦନ୍ତାହାତୀ ଉପଦ୍ରବ ଦେଖିବାକୁ ମିଳିଛି। ରବିବାର ସକାଳୁ ଏକ ଦନ୍ତା ଆକ୍ରମଣରେ ବୁଧିଆ ଗୌଡ ଓ ଦଣ୍ଡାସି ପାତ୍ରଙ୍କ ଘରେ ବନ୍ଧା ହୋଇଥିବା ୪ଟି ଛେଳିର ମୃତ୍ୟୁ ଘଟିଛି। ଖବରପାଇ ବନପାଳ ଅନୁପ ବିଷୋୟୀ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ନିୟମ ଅନୁସାରେ ସହାୟତା ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଭିଏଏସ୍ ଡା. ନିଶିକାନ୍ତ ବଳ ଘଟଣା ସ୍ଥଳରେ ପହଞ୍ଚି ଛେଳିଗୁଡ଼ିକର ବ୍ୟବଚ୍ଛେଦ କରିଥିଲେ। ସୂଚନାଯୋଗ୍ୟ, ଦନ୍ତା ହାତୀଟି ଆଜକୁ ୪ ମାସରୁ ଉର୍ଦ୍ଧ୍ୱ ହେଲା ଉକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଛି। ଏହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ତେବେ ବନ କର୍ମଚାରୀ ହାତୀକୁ ନିୟନ୍ତ୍ରଣକୁ ଆଣିବାରେ ବିଫଳ ହୋଇଛନ୍ତି।

# କାର୍ ଧକ୍କାରେ ୩ ବାଇକ୍ ଆରୋହୀ ମୃତ

ଜଳେଶ୍ୱର,୧୬ା୨ (ନବୀନ ସାହୁ/ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ସହର ଦେଇ ଯାଇଥିବା ଜଗନ୍ନାଥ ସଡ଼କର ଚନ୍ଦନା ନିକଟ ଧୂବୁଲାଖାଇଠାରେ ଶନିବାର ରାତି ୯ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାର୍ ଧକ୍କାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଶ୍ଚିମବଙ୍ଗ ଦାନ୍ତୁନ ଥାନା ଅନ୍ତର୍ଗତ ବେଚଦା ଗ୍ରାମର ରାହୁଲ ଦେ, ଗୋବରଘାଟା ପଞ୍ଚାୟତ ହାଟପଦା ଗ୍ରାମର ଗୁହିଆ ମୁର୍ମୁ ଓ ଭାନୁ ମୁର୍ମୁ। ଅନ୍ୟ ଜଣେ ଯୁବକ ଦୀପୁ ବାନାର୍ଜୀଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ପଠାଯାଇଛି। ସୂଚନା ଅନୁଯାୟୀ, ଦୁଇଟି ବାଇକ୍‌ରେ ୪ ଜଣ ଯୁବକ ଅଗ୍ରୱାଲା ଛକ ଅଭିମୁଖେ ଯାଉଥିବା ବେଳେ ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ସଡ଼କ ପଥ ନିର୍ଜନ ଓ ଅନ୍ଧାରୁଆ ଥିବାରୁ ଯୁବକମାନେ ରାସ୍ତା କଡ଼କୁ ଛିଟିକି ପଡ଼ି ଛଟପଟ ହେଉଥିଲେ। ସାମାଜିକକର୍ମୀ ଚନ୍ଦନ କରଙ୍କ ନେତୃତ୍ୱରେ କେତେଜଣ ଯୁବକ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ରାହୁଲ ଓ ଗୁହିଆଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ ବାଇକ୍ ଆରୋହୀ ଭାନୁ ଓ ଦୀପୁଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବାଲେଶ୍ୱର ମେଡିକାଲ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭାନୁଙ୍କ ମୃତ୍ୟୁ ଘଟିଥିଲା। ପରେ ଦୀପୁଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଜଳେଶ୍ୱର ପୋଲିସ ପହଞ୍ଚି ୨ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ଅନ୍ଧାରୁଆ ଉକ୍ତ ରାସ୍ତାରେ ଆଲୋକୀକରଣ ପାଇଁ ଗୋବରଘାଟା ପଞ୍ଚାୟତ ସରପଞ୍ଚ ମିନତୀ କର, ସାମାଜିକ କର୍ମୀ ଚନ୍ଦନ କର, ସୂର୍ଯ୍ୟାନନ୍ଦ ପାଳ, ବିଶ୍ୱଜିତ ପାଳ ଓ ପ୍ରଫେସର୍ ରତ୍ନାକର ରାୟ ପ୍ରମୁଖ ଦାବି କରିଛନ୍ତି।

# ଫାଇଲେରିଆ ଔଷଧ ଖାଇ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ବେଲପଡା,୧୬ା୨ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅଧୀନ ମଧୁପୁର ଗାଁର ଅଞ୍ଜଳି ନାଏକ(୩୦)ଙ୍କ ରବିବାର ସକାଳେ ବେଲପଡା ଡାକ୍ତରଖାନାରେ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ତେବେ ଫାଇଲେରିଆ ଔଷଧ ଖାଇ ତାଙ୍କର ମୃତ୍ୟୁ ଘଟିଥିବା ମୃତ ମହିଳାଙ୍କ ସ୍ୱାମୀ ସୁଧୀର ନାଏକ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଡାକ୍ତରଖାନାରେ ପ୍ରାୟ ୨ ଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିବା ଖବର ମିଳିଛି। ଅଭିଯୋଗ ଅନୁଯାୟୀ, ଗତ ଶନିବାର ଗାଁର ଆଶା କର୍ମୀ ଅଞ୍ଜଳିଙ୍କ ଘରକୁ ଯାଇ ତାଙ୍କୁ ଫାଇଲେରିଆ ଔଷଧ ଖାଇବାକୁ ଦେଇଥିଲେ। ତେବେ ବିଳମ୍ବିତ ରାତିରେ ତାଙ୍କର ବାନ୍ତି ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ପରିବାର ଲୋକେ ସକାଳେ ତାଙ୍କୁ ଚିକିତ୍ସା ପାଇଁ ବେଲପଡା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପର୍କୀୟ ଓ ଗ୍ରାମବାସୀ ଡାକ୍ତରଖାନାରେ ପାଟିତୁଣ୍ଡ କରିଥିଲେ। ଖବରପାଇ



ନିଜର ୬ ମାସର ଶିଶୁକନ୍ୟା ଓ ଅଢେଇ ବର୍ଷର ପୁତ୍ର ସହ ଅଞ୍ଜଳିଙ୍କ ସ୍ୱାମୀ ସୁଧୀର।



ଅଞ୍ଜଳିଙ୍କ ଫାଇଲ ଫଟୋ

## ଡାକ୍ତରଖାନାରେ ଉତ୍ତେଜନା

ବେଲପଡା ଥାନା ଅଧିକାରୀ ଅନନ୍ତ ପଧାନ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ବେଲପଡ଼ା ଡାକ୍ତରଖାନାର ମେଡିକାଲ ଅଫିସର ରବୀନ୍ଦ୍ର ମେହେର କହିଛନ୍ତି ଫାଇଲେରିଆ ଔଷଧ ଗତ ୧୪ ତାରିଖରେ ଉକ୍ତ ଗାଁରେ ବଣ୍ଟନ କରାଯାଇଥିଲା। ଔଷଧ ଖାଇବା ପରେ କାହାର ମୁଣ୍ଡ ବୁଲାଇବା କିମ୍ବା ବାନ୍ତି ହେବା ଦେଖିବାକୁ ମିଳିଥାଏ। କିନ୍ତୁ ସମ୍ପୃକ୍ତ ମହିଳାଙ୍କ ୩୬ ଘଣ୍ଟା ପରେ ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଛନ୍ତି। କିନ୍ତୁ ପରିବାର ଲୋକେ ୧୫ ତାରିଖ ଦ୍ୱିପ୍ରହରରେ ଔଷଧ ଦିଆଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତହସିଲଦାର ଜ୍ଞାନ ରଞ୍ଜନ ମାଝି ପହଞ୍ଚି ମୃତ ମହିଳାଙ୍କ ସ୍ୱାମୀଙ୍କୁ ରେଡକ୍ରସ୍ ତରଫରୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ମୃତା ମହିଳାଙ୍କ ଏକ ଅଢେଇ ବର୍ଷର ପୁଅ ଓ ୬ ମାସର ଝିଅ ଅଛନ୍ତି। ସ୍ୱାମୀ ସ୍ତ୍ରୀ ପର ଘରେ ମୂଲ ଲାଗି ଚଳୁଥିବା ବେଳେ ବର୍ତ୍ତମାନ ସ୍ୱାମୀ ସୁଧୀର ସ୍ତ୍ରୀର ମୃତ୍ୟୁ ପରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଉକ୍ତ ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହ ପିଲାଙ୍କ ଲାଳନପାଳନର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। –ଶ୍ରୀମା



# ସର୍ବୋଚ୍ଚରେ ଲୋକଙ୍କ ପାଗଳାମି

କିଛିମାସ ହେବ ମନେହେଉଛି ଯେପରି ଭାରତ ଏକ ଦଳାଚକଟା ଦେଶରେ ପରିଣତ ହେଲାଣି। ଆମେ ଜଗନ୍ନାଥ ମନ୍ଦିର ଦଳାଚକଟାକୁ ଦେଖି ବ୍ୟସ୍ତ ହେଉଥିବା ବେଳେ ତାହାଠାରୁ କାହିଁ ଅଧିକ ହାଥରାସ ଏବଂ ପ୍ରୟାଗରାଜଠାରେ ମାସେବ୍ୟାପୀ ଚାଲିଥିବା ମହାକୁମ୍ଭ ଏବଂ ନୂଆଦିଲ୍ଲୀ ରେଳ ଷ୍ଟେଶନଠାରେ ଦଳାଚକଟା ଦର୍ଶାଉଛି ଯେ, ସରକାର ଯେତିକି ଅବ୍ୟବସ୍ଥିତ ତାହାଠାରୁ କାହିଁ ଅଧିକ ଅମାନ୍ୟ ଓ ପାଗଳ ହୋଇଗଲେଣି ଭାରତର ସାଧାରଣ ନାଗରିକ।

ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟାବହୁଳ ରାଷ୍ଟ୍ର ଭାବେ ପରିଚିତି ହାସଲ କରିଛି। ଏ ଦେଶ ବହୁବିଧ ସଂସ୍କୃତି, ପରମ୍ପରା ଓ ବିଶ୍ୱାସ ବହନ କରୁଥିବାରୁ ବିଭିନ୍ନ କାର୍ଯ୍ୟକ୍ରମରେ ଲୋକଙ୍କ ଗହଳି ବଢ଼ିଚାଲିଛି । ତେଣୁ ଭିଡ଼ ବା ଗହଳି ପରିଚାଳନା କରିବା ସରକାର କିମ୍ବା ଏକ ବ୍ୟବସ୍ଥା ପାଇଁ ସର୍ବଦା ଆହ୍ୱାନପୂର୍ଣ୍ଣ ହୋଇଥାଏ। ନିକଟ ଅତୀତକୁ ଦେଖିଲେ ୨୦୧୩ରେ ଆହ୍ଲାବାଦର ମହାକୁମ୍ଭ ମେଳାରେ ଦଳାଚକଟା ଘଟି ୩୬ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। କିନ୍ତୁ ବେସରକାରୀ ଭାବେ ଜଣାପଡ଼ିଥିଲା ସରକାରୀ ତଥ୍ୟଠାରୁ ତାହା କାହିଁରେ କେତେ ଅଧିକ । ୨୦୨୩ ମାର୍ଚ୍ଚ ୩୧ରେ ଇନ୍ଦୋର ସହରର ଏକ ମନ୍ଦିରରେ ରାମନବମୀ ପାଳନ ବେଳେ ଏକ ପୁରୁଣା କୂଅ ଉପରେ ଥିବା ସ୍ଲାବ୍ ଭାଙ୍ଗିପଡ଼ିବାରୁ ୩୬ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୪ ଜୁଲାଇ ୨ରେ ହାଥରାସର ଏକ ଧର୍ମୀୟ କାର୍ଯ୍ୟକ୍ରମରେ ୨୧୬ ଜଣଙ୍କ ମୃତ୍ୟୁ ଘଟିଥିଲେ ମଧ ସେହି ଘଟଣାକୁ ଚାପି ଦିଆଯାଇଥିଲା। ଉତ୍ତରପ୍ରଦେଶର ପ୍ରୟାଗରାଜରେ ଏବେ ଚାଲିଥିବା ମହାକୁମ୍ଭ ମେଳାରେ ପ୍ରାୟ ୫୦ କୋଟି ଲୋକ ବୁଡ଼ ପକାଇ ସାରିଲେଣି ବୋଲି କୁହାଯାଉଛି। ଆହୁରି ଅଧିକ କିଭଳି ସେଠାରେ ବୁଡ଼ ପକାଇବେ ସେଥିପାଇଁ ପ୍ରଚାରକୁ ଜୋରଦାର କରାଯାଇଛି। କାରଣ ଏହି ଧାର୍ମିକ ଚିନ୍ତାଧାରା ପଶିଲେ ରାଜନୀତି କରିବା ସହଜ ହେଇଥାଏ। ଇତିମଧ୍ୟରେ ପ୍ରୟାଗରାଜରେ କେତେ ଜଣଙ୍କ ମୃତ୍ୟୁ ଘଟିଲାଣି ଓ ସମ୍ପୃକ୍ତ ଅଞ୍ଚଳରେ ନିଆଁ ଲାଗିବାଠାରୁ ଆରମ୍ଭ କରି ସେଠାକୁ ଯାଉଥିବା ଯାତ୍ରୀଙ୍କର ଦୁର୍ଘଟଣାରେ ପ୍ରାଣହାନି ନେଇ ସ୍ପଷ୍ଟ ତଥ୍ୟ ସରକାରୀ ଭାବେ ଦିଆଯାଉ ନାହିଁ। ଗତ ଜାନୁଆରୀ ୨୯ରେ ସଙ୍ଗମ ଅଞ୍ଚଳରେ ଦଳାଚକଟାରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦ ଜଣ ଆହତ ହୋଇଥିଲେ। ସେତେବେଳେ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଥିଲେ ମଧ ସରକାର ସଂଖ୍ୟାକୁ ଲୁଚାଇ ଦେଇଥିଲେ। ସଦ୍ୟ ଅଘଟଣ ଦେଖିଲେ ୧୫ ଫେବୃଆରୀରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଟ୍ରେନ୍‌ରେ ଚଢ଼ିବା ପାଇଁ ମହାକୁମ୍ଭ ଯାତ୍ରୀଙ୍କ ପ୍ରବଳ ଭିଡ଼ ହେବାରୁ ୫ ଜଣ ଶିଶୁଙ୍କ ସମେତ ୧୮ ଜଣଙ୍କ ପ୍ରାଣହାନି ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ମହାକୁମ୍ଭ ଯିବାକୁ ଥିବା ଦୁଇଟି ଟ୍ରେନ୍ ଆସିବାରେ ବିଳମ୍ବ ହେବାରୁ ଷ୍ଟେଶନରେ ଯାତ୍ରୀଙ୍କ ଅସମ୍ଭାଳ ଭିଡ଼ ହୋଇଥିଲା। ଏହି ସମୟରେ ପ୍ଲାଟଫର୍ମ ନମ୍ବର ବଦଳିବା ନେଇ ଭୁଲ୍ ଘୋଷଣା ହୋଇଯିବାରୁ ଯାତ୍ରୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଫଳରେ ଅନେକେ ଅଣନିଃଶ୍ୱାସୀ ହୋଇଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ପ୍ରାରମ୍ଭିକ ସମୟରେ ଏହି ବିଷୟକୁ ଗୁଜବ ବୋଲି କୁହାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ମୃତକଙ୍କ ବିଷୟରେ ଘୋଷଣା କରାଯାଇଥିଲା।

ଭିଡ଼ ପରିଚାଳନା କ୍ଷେତ୍ରରେ ଭାରତର ଖରାପ ରେକର୍ଡ ରହିଆସିଛି। ଅତୀତର ଦଳାଚକଟା ଘଟଣାଗୁଡ଼ିକର ତାଲିକା ପ୍ରସ୍ତୁତ କଲେ ତାହା ଲମ୍ବି ଚାଲିବ। ସମ୍ଭାବ୍ୟ ଗହଳିକୁ ଲକ୍ଷ୍ୟ କରି ଆଗୁଆ ଯୋଜନା କରା ନ ଯିବା, ପ୍ରଯୁକ୍ତି ଜ୍ଞାନକୌଶଳକୁ ଠିକ୍ ଭାବେ ଉପଯୋଗ ନ କରିବା, ସ୍ଥାନୀୟ ପ୍ରଶାସନ କିମ୍ବା କାର୍ଯ୍ୟକ୍ରମ ଆୟୋଜନ କରୁଥିବା ସଂସ୍ଥା ଦାୟିତ୍ୱସମ୍ପନ୍ନ ହେଉ ନ ଥିବାରୁ ଏଭଳି ଅଘଟଣ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ମହାକୁମ୍ଭ ଭଳି ଏତେବଡ଼ ଭିଡ଼କୁ ନିରୁତ୍ସାହିତ କରାଯିବାର ଥିଲା। ଭାରତ ହଲପ୍ ଦେଇ କହୁଛି ଯେ, ଏହାର ଜନସଂଖ୍ୟା ବୃଦ୍ଧି ବିରାଟ ମାନବ ସମ୍ବଳର ପରିଚୟ ସୃଷ୍ଟି କରିଛି। ସେହିପରି ବିଶ୍ୱର ୫ମ ବୃହତ୍ ଅର୍ଥନୀତି ହେବା ସହ ଭାରତ ପ୍ରଯୁକ୍ତି କ୍ଷେତ୍ରରେ ଅନ୍ୟ ବିକଶିତ ରାଷ୍ଟ୍ର ସହ ସମକକ୍ଷ ହେଲାଣି ବୋଲି ଡିଣ୍ଡିମ ପିଟୁଛି। ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ଏହା ପହଞ୍ଚିବା ଲାଗି କରୁଥିବା ଉଦ୍ୟମକୁ ଖୁଣି ହେବ ନାହିଁ। ତେବେ ଦେଶର ରାଜଧାନୀ ନୂଆଦିଲ୍ଲୀର ରେଲୱେ ଷ୍ଟେଶନ ନିଶ୍ଚିତ ଭାବେ ଅତ୍ୟାଧୁନିକ ହୋଇଥିବାରୁ ସେଠାରେ ଅନେକ ସିସିଟିଭି କ୍ୟାମେରା ଲାଗିଛି। ଏହି ଅଘଟଣ ପରେ ଗଣମାଧ୍ୟମ ସମ୍ମୁଖରେ କେତେକ ଯାତ୍ରୀ ଭୋଗିଥିବା ଦୁର୍ଦ୍ଦଶାକୁ ବର୍ଣ୍ଣନା କରିଛନ୍ତି। ସେମାନଙ୍କ କଥାକୁ ଦେଖିଲେ ବୁଝାପଡ଼ିଯାଇଛି ଯେ, ନୂଆଦିଲ୍ଲୀ ରେଲୱେ ଷ୍ଟେଶନରେ ଭିଡ଼ ନିୟନ୍ତ୍ରଣ ଲାଗି ସେଭଳି ପଦକ୍ଷେପ ନିଆଯାଇ ନ ଥିଲା। ଅଣନିଃଶ୍ୱାସୀ ହୋଇଯାଇଥିବା ଯାତ୍ରୀଙ୍କୁ ତୁରନ୍ତ ଡାକ୍ତରୀ ଚିକିତ୍ସା ମଧ୍ୟ ମିଳିପାରି ନ ଥିଲା।

ସବୁବେଳେ ଗୋଟିଏ କଥା ଦେଖାଯାଉଛି ଯେ, ଯେଉଁଠାରେ ଯେଉଁ ଧରଣର ଦୁର୍ଘଟଣା ଯୋଗୁ ଲୋକଙ୍କ ପ୍ରାଣହାନି ଘଟୁଛି, ସରକାର, ସ୍ଥାନୀୟ ପ୍ରଶାସନ କିମ୍ବା ରେଳପଥ ଆଦି ସଂସ୍ଥା ମୃତକଙ୍କ ପରିବାର ବର୍ଗ ଓ ଆହତଙ୍କ ପାଇଁ ଅର୍ଥ ସହାୟତା ଘୋଷଣା କରୁଛନ୍ତି। ବୋଧହୁଏ ଧରି ନିଆଯାଇଛି ଲୋକଙ୍କ ମୂଲ୍ୟବାନ ଜୀବନହାନିକୁ ଆର୍ଥିକ ସହାୟତା ଜରିଆରେ ପୂରଣ କରିହେବ। ଏଠାରେ ମନେରଖିବାକୁ ହେବ ଯେ, ଏହି କ୍ଷତିପୂରଣ କରଦାତାଙ୍କଠାରୁ ଆଦାୟ କରାଯାଇଥାଏ। ସେଥିରେ ମଧ କର୍ତ୍ତୃପକ୍ଷ କାର୍ପଣ୍ୟତା ପ୍ରଦର୍ଶନ କରିଥାଆନ୍ତି। ଏଥିସହିତ ମନେହୁଏ ଯେପରି ମଣିଷର ଜୀବନ ବିଶେଷକରି ଏକ ପରିବାରର ମୁଖ୍ୟଙ୍କ ମୃତ୍ୟୁ ଘଟିଲେ ତାହାକୁ ମାତ୍ର କେଇ ଲକ୍ଷ ଟଙ୍କାରେ ପୂରଣ କରାଯାଇପାରିବ।

ଯେଉଁଭଳି ଭାବେ କୌଣସି କାର୍ଯ୍ୟକ୍ରମ ଆୟୋଜନ କରି ସରକାର ବାହାବା ନେବାକୁ ଚାହୁଁଛନ୍ତି, ସେହିଭଳି ଅଘଟଣ ଘଟିଲେ ତା'ର ଦୋଷ ନେବା ପାଇଁ ମଧ ଶକ୍ତି ଗଢ଼ିବା ଦରକାର। ହେଲେ ଆୟୋଜନକାରୀ କିମ୍ବା ନିର୍ଦ୍ଦିଷ୍ଟ ସଂସ୍ଥାଗୁଡ଼ିକ ଅସ୍ୱାଭାବିକ ଘଟଣା ଉପୁଜିଲେ ନିଜ ମୁଣ୍ଡ ଉପରକୁ ଦୋଷ ନେଇ ଦାୟୀ ହେବାକୁ କୁଣ୍ଠିତ ହେଉଛନ୍ତି। ଏହା ଏକ ଖରାପ ପରମ୍ପରା ସୃଷ୍ଟି କରୁଛି। ସ୍ୱଚ୍ଛତା କାର୍ଯ୍ୟରେ ଆସିଲେ ଲୋକେ ସଚେତନ ହେବେ। 'ସର୍ବନିମ୍ନ ସରକାର, ସର୍ବାଧିକ ଶାସନ'ର ସ୍ଲୋଗାନ ଶୁଣିବାକୁ ଭଲ ଲାଗୁଥିଲା। ହେଲେ କାର୍ଯ୍ୟରେ 'ସର୍ବନିମ୍ନ ଶାସନ, ସର୍ବାଧିକ ପ୍ରଚାର' ବଢ଼ିଯାଉଥିବାରୁ ତୃଣମୂଳସ୍ତରରେ କ'ଣ ଘଟୁଛି ତାହା ଉପରେ ବ୍ୟବସ୍ଥାର ନଜର ରହୁ ନ ଥିବା ଭଳି ଏବେ ହୃଦ୍‌ବୋଧ ହେଲାଣି। ଏଭଳି ପରିପ୍ରେକ୍ଷୀରେ କୁହାଯାଇପାରେ ସରକାର କିମ୍ବା ବ୍ୟବସ୍ଥା ଅସ୍ୱାଭାବିକ ସ୍ଥିତି ପାଇଁ ଯେତିକି ଦାୟୀ, ଲୋକଙ୍କ ପାଗଳାମି ମଧ ସର୍ବୋଚ୍ଚରେ ପହଞ୍ଚିଛି।

# ଈଶ୍ୱର ଧର୍ମମତ ଓ ରାଷ୍ଟ୍ର



ଲଳିତ କୁମାର ପାତ୍ର

ବିଶ୍ୱ ଜନ ସମସ୍ୟା ମଧ୍ୟରେ ସଂଘର୍ଷ ଓ ବିସ୍ଥାପନ ଘଟଣା ବଡ଼ କରୁଣଦାୟକ। ବହୁ ହଜାର ଲୋକ ସଂଘର୍ଷରେ ନିହତ ହେବା ବି ଦେଖାଯାଏ। ବହୁ ଲୋକ ବିନା ଦୋଷରେ ମୃତ୍ୟୁର ଶିକାର ହୁଅନ୍ତି। ବହୁ ଲୋକ ବିଭ୍ରାନ୍ତି କାରଣରୁ ଖରାପ ଘଟଣାରେ ଜଡ଼ିତ ହୋଇ ନରହତ୍ୟା କରନ୍ତି ବା ହତ୍ୟାର ଶିକାର ହୁଅନ୍ତି। ଏହି ଘଟଣାରେ ଅନେକେ ଅକାଳରେ ଚାଲିଯାଆନ୍ତି। ଅନେକେ ବିସ୍ଥାପିତ ହୋଇ ଦୟନୀୟ ଜୀବନଯାପନ କରନ୍ତି। ଯେଉଁ ଦେଶ ଆତଙ୍କବାଦ ବିରୋଧରେ କହୁଛି ସେହି ଦେଶ ଆତଙ୍କବାଦ, ମେଳିତନ୍ତ୍ର ଓ ଅରାଜକତାକୁ ପ୍ରୋତ୍ସାହିତ କରୁଛି। ଉପରୋକ୍ତ ଜନ ଦୁର୍ଦ୍ଦଶାର ବିଭିନ୍ନ କାରଣ ମଧ୍ୟରୁ ଧର୍ମ ବିଦ୍ୱେଷ ଅନ୍ୟତମ। ଈଶ୍ୱର ବା ରହସ୍ୟମୟ ଶକ୍ତିକୁ ଆଧାରକରି ବିଶ୍ୱରେ ଅନେକ ଧର୍ମମତବାଦ ସୃଷ୍ଟି ହୋଇଛି। ଦେଖାଯାଏ ଏହି ଧର୍ମ ସମ୍ପ୍ରଦାୟ ମଧ୍ୟରୁ କେତେଜଣ ଈଶ୍ୱରଙ୍କ ଅପେକ୍ଷା ଧର୍ମମତବାଦକୁ ମୁଖ୍ୟ ଆଧାର କରିଥାନ୍ତି। ଭାଗବତରେ ଲେଖା ଅଛି 'ମନୁଷ୍ୟ ବୁଦ୍ଧି ଆଚରିଲେ ବ୍ରହ୍ମକୁ ଚିହ୍ନି ନପାରିଲେ'। କିନ୍ତୁ ଯେଉଁମାନେ ଈଶ୍ୱର ବିଶ୍ୱାସୀ ସେମାନେ ଈଶ୍ୱରଙ୍କୁ ଖୋଜନ୍ତି, ରହସ୍ୟମୟ ଶକ୍ତିକୁ ଅନୁଭବ କରନ୍ତି, ସେହି ଶକ୍ତି ପ୍ରତି ଅନୁରକ୍ତ ହୁଅନ୍ତି। ଏକ ଉଦାହରଣ ହେଉଛି ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନୀ ସେନା ସୀମାନ୍ତରେ ଥିବା ଜୟସାଲେମର ଜିଲାର ତିନୋତ ମାତା ମନ୍ଦିରକୁ ବହୁଥର ବୋମା ମାଡ଼କରି କିଛି କରିପାରି ନ ଥିଲେ। ଏପରି ରହସ୍ୟମୟତାକୁ ଅନୁଭବକରି ପାକିସ୍ତାନର ବ୍ରିଗେଡିୟର ଶାହାନୱାଜ ଖାଁ ଯୁଦ୍ଧ ପରେ ମା' ଙ୍କୁ ଦର୍ଶନକରି ଚାନ୍ଦିର ତରାଶ ଅର୍ପଣ କରିଥିଲେ । ଏ ମନ୍ଦିରରେ କୌଣସି ବ୍ରାହ୍ମଣ ପୂଜକ ନ ଥାନ୍ତି; ଜାତି ଧର୍ମ ନିର୍ବିଶେଷରେ ସୈନ୍ୟମାନେ ହିଁ ପୂଜା କରନ୍ତି। କେବଳ ଏହି ହିନ୍ଦୁ ମନ୍ଦିର ନୁହେଁ ଅନ୍ୟ ଧର୍ମରେ ମଧ୍ୟ ଏହିଭଳି କେତେକ ଘଟଣା ରହସ୍ୟମୟ ଶକ୍ତି ଓ ବିଧିବିଧାନ ଜଡ଼ିତ ଧର୍ମମତବାଦ ମଧ୍ୟରେ ପାର୍ଥକ୍ୟ ଦର୍ଶାଏ। ଅନ୍ୟ ପକ୍ଷରେ ଧର୍ମକଥା କହୁଥିବା ଅନେକ ବ୍ୟକ୍ତି ଈଶ୍ୱରାନୁଗତ ହେବା ପରିବର୍ତ୍ତେ ଅନ୍ଧଭାବରେ ଧର୍ମଗତ ବିଧିବିଧାନ ଅନୁଗତ ହୋଇଥାନ୍ତି। ଏଥିପାଇଁ କାର୍ଲମାର୍କସ କହିଥିଲେ, ଧର୍ମ ଏକ ଅଫିମ ନିଶା। ଏହି ନିଶାଗ୍ରସ୍ତ ଲୋକମାନେ ମୂର୍ଖ ଦୁର୍ଯ୍ୟୋଧନ ଭଳି ଚାହାନ୍ତି ସବୁ ନିଜର ହେଉ। କାହାକୁ ସୂଚ୍ୟାଗ୍ରେ ଭୂମି ଦେବି ନାହିଁ। କେବଳ ମୋ ସମ୍ପ୍ରଦାୟ ରହିବ। କୁରୁକ୍ଷେତ୍ର ଭଳି ନରସଂହାର ରଚନା କରନ୍ତି। ଇତିହାସରୁ ଦେଖାଯାଇଛି ସେଣ୍ଟ ଅଗଷ୍ଟାଇନ୍‌ଙ୍କ ରଚିତ 'ଈଶ୍ୱର ନଗର' ପୁସ୍ତକ ବର୍ଣ୍ଣିତ ଅଣଖ୍ରୀଷ୍ଟିଆନମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇ ସେମାନଙ୍କ ମଧ୍ୟରେ ଜ୍ଞାନାଲୋକ ବିସ୍ତାରକରିବା ପ୍ରତ୍ୟେକ ଆଦର୍ଶ ସମ୍ରାଟଙ୍କ କର୍ତ୍ତବ୍ୟ କଥାକୁ କାର୍ଯ୍ୟକାରୀ କରିବା ସମ୍ରାଟ



ଚାର୍ଲମେନ୍‌ଙ୍କ ରାଜନୈତିକ ଆଦର୍ଶ ଥିଲା। ସେ ନିଜ ସାମ୍ରାଜ୍ୟର ଅଣଖ୍ରୀଷ୍ଟିଆନମାନଙ୍କୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ବାଧ୍ୟ କରୁଥିଲେ ଓ ଅନିଚ୍ଛୁକ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ। ସେହିପରି ଇସ୍‌ଲାମ ଧର୍ମର ନିୟମ ଅନୁଯାୟୀ ଉକ୍ତ ଧର୍ମର ଶାସକମାନେ ଅଣମୁସଲମାନଙ୍କୁ ଇସ୍‌ଲାମ ଧର୍ମ ଗ୍ରହଣ ପାଇଁ ବାଧ୍ୟ କରୁଥିଲେ ଓ ଅନିଚ୍ଛୁକ ବ୍ୟକ୍ତିଙ୍କୁ ହତ୍ୟା କରୁଥିଲେ। କିନ୍ତୁ ଚେଙ୍ଗିଜ ଖାଁ ଓ ହୁଲାଗୁ ଖାଁ ଅନେକ ଲକ୍ଷ ମୁସଲମାନଙ୍କୁ ହତ୍ୟା କରିବା ମୂଳରେ କୌଣସି ଧର୍ମଗତ ବିଦ୍ୱେଷ ନ ଥିଲା। ପ୍ରାଚୀନ ଦିଗ୍‌ବିଜୟ ନୀତି ଅନୁଯାୟୀ ସେମାନେ ମୁସଲମାନ ସାମ୍ରାଜ୍ୟଗୁଡ଼ିକୁ ଧ୍ୱଂସ କରିଥିଲେ ଓ ବିଦ୍ରୋହ କରୁଥିବା ମୁସଲମାନ ଲୋକଙ୍କୁ ହତ୍ୟା କରୁଥିଲେ। ଦେଖିବା କଥା ଖ୍ରୀଷ୍ଟଧର୍ମ ସୃଷ୍ଟି ପୂର୍ବରୁ ଗ୍ରୀକ୍ ଓ ରୋମ୍ ସଭ୍ୟତା କେତେ ଉନ୍ନତ ଥିଲା। ଗ୍ରୀସ୍‌ର ସୋଫିଷ୍ଟମାନେ ଜ୍ଞାନର ପ୍ରସାର କରୁଥିଲେ ଓ ସେମାନେ ଅଣ ଖ୍ରୀଷ୍ଟିଆନ ଆର୍ଯ୍ୟ ଜାତିର ଥିଲେ। ସେଣ୍ଟ ଅଗଷ୍ଟାଇନ୍ ଖ୍ରୀଷ୍ଟଧର୍ମର ପ୍ରସାର ଦ୍ୱାରା ଜ୍ଞାନର ପ୍ରସାର କରିବା ଓ ଇସ୍‌ଲାମ ଧର୍ମର ପ୍ରସାର ଦ୍ୱାରା ଈଶ୍ୱର ବିଶ୍ୱାସୀ ସୃଷ୍ଟିକରିବା ଯୁକ୍ତିଯୁକ୍ତ ମନେହେଉ ନାହିଁ। ଖ୍ରୀଷ୍ଟିଆନ ହେଲେ ଜ୍ଞାନୀ ହୋଇଯିବ ଖ୍ରୀଷ୍ଟିଆନ ନ ହେଲେ ଜ୍ଞାନୀ ହେବ ନାହିଁ ବା ମୁସଲମାନ ହେଲେ ମୁକ୍ତି ପାଇଯିବ ନ ହେଲେ ମୁକ୍ତି ପାଇବ ନାହିଁ ଏହାକୁ କେହି ପ୍ରମାଣ କରିପାରିବେ କି? ଏହା କେବଳ ଅନ୍ଧ ଆଦର୍ଶ; ଏପରି ଆଦର୍ଶରେ ଜୋରଜବରଦସ୍ତି କରିବା ଓ ନରସଂହାର କରିବା ଏକ ଅନ୍ଧବିଶ୍ୱାସ ଓ କୁସଂସ୍କାର। ଅନେକ ଧର୍ମରେ ଏଭଳି ଅନ୍ଧବିଶ୍ୱାସ ଓ କୁସଂସ୍କାର ରହିଛି। ଯେପରି ବ୍ରାହ୍ମଣ ଓ କ୍ଷତ୍ରିୟ ଜାତି ଯଥାକ୍ରମେ ବ୍ରହ୍ମାଙ୍କ ମୁହଁ ଓ ବାହୁରୁ ଜନ୍ମ ,ତେଣୁ ଉଚ୍ଚଜାତି। ତେବେ ପ୍ରଥମେ କିଏ ବ୍ରହ୍ମାଙ୍କ ମୁହଁ ଓ ବାହୁରୁ ସୃଷ୍ଟି ହୋଇଥିଲେ? ଏପରି କେହି ନାହିଁ। ଭାଗବତ ଏକାଦଶସ୍କନ୍ଧ ଦ୍ୱିତୀୟ ଅଧ୍ୟାୟରେ ଅଛି ଋଷଭଙ୍କ ୮୧ ପୁତ୍ର ବେଦ ଅଭ୍ୟାସକରି ବ୍ରାହ୍ମଣ ବୋଲାଇଲେ; ଦ୍ରୁପଦ ଭୀଷ୍ମକ ଆଦି ରାଜା ବ୍ରାହ୍ମଣ ଥିଲେ। ସେମାନଙ୍କ ପୁତ୍ରମାନେ କ୍ଷତ୍ରିୟରୂପେ ପରିଚିତ। ଇତିହାସରେ ବ୍ରାହ୍ମଣ ହରିଶ୍ଚନ୍ଦ୍ର ଭିନିମଲରେ ଗୁର୍ଜର ପ୍ରତିହାର ରାଜ୍ୟ ପ୍ରତିଷ୍ଠା କରିଥିଲେ ଓ ତାଙ୍କ ପିଲାମାନେ ରାଜପୁତ ଅର୍ଥାତ୍ କ୍ଷତ୍ରିୟ ହେଲେ। ଠିକ୍ ସେମିତି ନିଛ ବିବେଚିତ ଜାତି ମଧ୍ୟ ବ୍ରାହ୍ମଣ ହୋଇଛନ୍ତି। ଏଣୁ ଜାତି ପରିବର୍ତ୍ତନଶୀଳ। ଏପରି ବିଶ୍ୱାସ ଯୁଗ ଯୁଗ ଧରି ଶୋଷଣ ଅତ୍ୟାଚାର କରାଇ ଆସିଛି।

ଏପରି ଧର୍ମ ଅନ୍ଧବିଶ୍ୱାଜନିତ ଜନପୀଡ଼ନ ଏବେ ଉଗ୍ରହେବା ସଭ୍ୟତା ବିରୋଧୀ, ଅମାନବିକ, ଅନ୍ୟାୟ ଓ ଅଗ୍ରହଣୀୟ। ପଶୁପ୍ରେମୀମାନେ ପଶୁଙ୍କୁ ଭଲ ପାଆନ୍ତି, କିନ୍ତୁ ବଣର ହିଂସ୍ର ବାଘକୁ ଏମାନେ କୋଳ କରିପାରିବେ କି? ଠିକ୍ ସେମିତି ଧର୍ମ ଅନ୍ଧବିଶ୍ୱାସୀ ପାଗଳଙ୍କୁ ପ୍ରତିରୋଧ ଆବଶ୍ୟକ। ରାଷ୍ଟ୍ର ସଶସ୍ତ୍ର କାର୍ଯ୍ୟାନୁଷ୍ଠାନର ପ୍ରତୀକ। ସଶସ୍ତ୍ର କାର୍ଯ୍ୟ ପାଇଁ ରାଷ୍ଟ୍ର ତିଷ୍ଠି ରହିଥାଏ। ଏହି କାରଣରୁ ରାଜନୀତି ବିଜ୍ଞାନରେ ସ୍ୱାଧୀନ ରାଷ୍ଟ୍ର ଓ ସଂରକ୍ଷିତ ରାଷ୍ଟ୍ରର ଅବତାରଣା ରହିଛି। କିନ୍ତୁ ରାଷ୍ଟ୍ରନୀତିରେ ଉପଯୁକ୍ତ ବ୍ୟବସ୍ଥା ଯେପରି ଚାକିରି ବା ରାଜନୀତିରେ ପ୍ରବେଶ ପାଇଁ ଚରିତ୍ର ସମୀକ୍ଷା କରିବା ନ ଥିବାରୁ ଉପରୋକ୍ତ ଶ୍ରେଣୀର ଲୋକେ ଶାସନକୁ ଆସିଯିବାରୁ ରାଷ୍ଟ୍ରର ଭୂମିକା ନିରପେକ୍ଷ ରହୁନାହିଁ। ଉପରୋକ୍ତ ଲୋକେ ମଧ୍ୟ ନୂତନ ରାଜନୈତିକ ଶକ୍ତି ରୂପେ ଉଭା ହୋଇଯାଉଛନ୍ତି। ଫଳତଃ ଅନେକ ସମୟରେ ରାଷ୍ଟ୍ର ଏକ ନିର୍ଦ୍ଦିଷ୍ଟ ଧର୍ମଭିତ୍ତିକ ହୋଇଯାଉଛି। ସେଠି ସାମ୍ୟ, ମୈତ୍ରୀ ଓ ମୁକ୍ତି ରହୁନାହିଁ। ନିଜ ନିଜ ମଧ୍ୟରେ କଳହ, ରକ୍ତପାତ ଓ ଧ୍ୱଂସଲୀଳା ହେବା ସାଧାରଣ କଥା ହୋଇଛି। ସାମ୍ପ୍ରଦାୟିକତା କିପରି ବିଭ୍ରାନ୍ତିଜନିତ ଘଟଣା ଘଟାଏ 'ତିନି ସିପାହି' ଉପନ୍ୟାସରେ ଲେଖକ ଦର୍ଶାଇଛନ୍ତି। ଯେଉଁଥିରେ ଜଣେ ନାରୀ ଗୁପ୍ତଚର ଜଣେ ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀଙ୍କୁ ବିଭ୍ରାନ୍ତକରାଇ ଅନ୍ୟ ଜଣକୁ ହତ୍ୟା କରାଇଛି। ଏଥିରୁ ଜଣାପଡୁଛି ଧାର୍ମିକ ବିଭ୍ରାନ୍ତି କେତେ ସମ୍ବେଦନଶୀଳ। ବିଶେଷକରି ଗଣତନ୍ତ୍ରରେ ଏହାର ପ୍ରାଦୁର୍ଭାବ ଉତ୍କଟ। କଥାରେ ଅଛି ପ୍ରଜାମେଳିକୁ ରାଜା ସରି ନୁହେଁ। ଲୋକେ ଯଦି ଏପରି ବିଭ୍ରାନ୍ତ ହୁଅନ୍ତି ତେବେ ରାଷ୍ଟ୍ରର ଅବସ୍ଥା କ'ଣ ହେବ ! ରାଷ୍ଟ୍ର ନ୍ୟାୟ ନା ଅନ୍ୟାୟରେ ଚାଲିବ। ଏଣୁ ବିଚାର୍ଯ୍ୟ ଯେ ରାଷ୍ଟ୍ର ରହସ୍ୟମୟ ଶକ୍ତି ଯୋଗୁ ସୃଷ୍ଟି ହୋଇଥାଏ। ଅନ୍ଧବିଶ୍ୱାସୀମାନେ କହିପାରିବେ କି ଇତିହାସରେ ଦୁର୍ବଳ ନେପାଳ ଓ ଆଫଗାନିସ୍ତାନ ଭଳି ରାଷ୍ଟ୍ର ତିଷ୍ଠି ରହିଲା ଅଥଚ ଶକ୍ତିଶାଳୀ ଶିଖ୍ ରାଷ୍ଟ୍ର ଲୋପ ପାଇଲା କାହିଁକି? ବିଶାଳ ସୈନ୍ୟ ସଙ୍ଗଠନ, କମାଣ ବାହିନୀ ଓ ବହୁ ସୁଦକ୍ଷ ସେନାପତି ଥାଇ ଆଉରଙ୍ଗଜେବ ଓ ମୋଗଲମାନେ ମାତ୍ର ୨ ଜଣ ମରହଟ୍ଟା ସେନାପତି ଶାନ୍ତାଜୀ ଘୋରପେଡ଼ େଓ ଧନଜୀ ଯାଦବଙ୍କୁ କାହିଁକି ପାରିଲେ ନାହିଁ? ଏ ହେଉଛି ରହସ୍ୟ। ଏଣୁ ଧର୍ମବିଧାନ ପ୍ରତି ଅନୁଗତ ନ ରହି ରହସ୍ୟମୟ ଶକ୍ତି ବା ଈଶ୍ୱରଙ୍କ ସୃଷ୍ଟ ରାଷ୍ଟ୍ର ପ୍ରତି ଅନୁଗତ ହୋଇ ସାମ୍ୟବାଦ ବ୍ୟବସ୍ଥା ସୃଷ୍ଟି କରାଗଲେ ସମସ୍ତଙ୍କର ମଙ୍ଗଳ ହେବ।

ଗଙ୍ଗେଶ୍ୱରଗଡ଼,କଟକ
ମୋ:୯୯୩୭୪୪୮୫୩୧

# ଡର ପ୍ରସଙ୍ଗ



ରାଧାଶ୍ୟାମ ରାଉଳ

ଦୈନନ୍ଦିନ ଜୀବନରେ ଉଣାଅଧିକେ ଡର ରହୁଛି, ଆମ ସମସ୍ତଙ୍କ ଭିତରେ। ବସିଲେ ଡର, ଚାଲିଲେ ଡର, ପାଟି ଖୋଲିଲେ ଡର, ନୀରବ ରହିଲେ ଡର! ସୃଷ୍ଟିର ନିୟମ କହୁଛି, ଜୀବନ ସହଜ ସରଳ ସୁସଂଗତ ଢଙ୍ଗରେ ଗତିକରିବା କଥା। ଜୀବନକୁ କେନ୍ଦ୍ର କରି ପାରିପାର୍ଶ୍ୱିକ ଅବସ୍ଥା ମଧ ନିର୍ଦ୍ଦିଷ୍ଟ ରୀତିନୀତି ଦ୍ୱାରା ପରିଚାଳିତ ହେବା କଥା। ଆଉ ଏଥିରେ ଯଦି ବ୍ୟତିକ୍ରମ ଘଟୁଛି, ତାହାହେଲେ ଡରର ସୂତ୍ରପାତ୍ର ହେଉଛି।

'ବାପରାଣ ଢେଙ୍କିଗିଳ' ନ୍ୟାୟରେ ବେଳେବେଳେ ଆମେ ଅନ୍ୟମାନଙ୍କ ଚାପ, ପ୍ରଭାବ, କ୍ଷମତା, ପଦବୀ, ପରାକ୍ରମର ଉତ୍ପୀଡ଼ନ ହେତୁ ଡରିବାକୁ ବାଧ ହେଉ। ନୀତି, ଆଦର୍ଶ, ମୂଲ୍ୟବୋଧକୁ ନେଇ ବର୍ତ୍ତମାନ ସମୟରେ ବଞ୍ଚିରହିବା ବଡ଼ କଷ୍ଟକର ବ୍ୟାପାର। ସେମିତି ଦୁର୍ନୀତି, ଅନୀତି, ଭ୍ରଷ୍ଟାଚାର, ଅସାଧୁ କାରବାର ବିରୋଧରେ ସ୍ୱରୋତ୍ତୋଳନ କରିବା ମଧ ବଡ଼ ବିପଦ। ସଚ୍ଚା, ସତ୍ୟନିଷ୍ଠ, କର୍ମଠ, ନୀତିନିଷ୍ଠ ହେବା ଅର୍ଥ ଖଣ୍ଡାଧାରରେ ଚାଲିବା। ଆମେ ଯେଉଁ କ୍ଷେତ୍ରରେ ଥାଉ ନା କାହିଁକି,ଆମକୁ ବାଧ କରାଯାଉଛି, ଦୁର୍ନୀତିରେ ଲିପ୍ତ ହେବାକୁ କିମ୍ବା ଦୁର୍ନୀତିକୁ ପ୍ରଶ୍ରୟ ଦେବାକୁ, ଅନୀତିକର କାର୍ଯ୍ୟ କରିବାକୁ। ଯଦ୍ୱାରା ମାନସିକ ଚାପର ବଶବର୍ତ୍ତୀ ହୋଇ ଡରର ବଳୟ ଭିତରେ ଆମେ ବନ୍ଦୀ ହୋଇଯାଉଛୁ।

ଘରେ ହେଉ କି ସମାଜରେ, କର୍ମକ୍ଷେତ୍ରରେ ହେଉ କି ସଉକ, ସାଧନା କ୍ଷେତ୍ରରେ, ସାଙ୍ଗସାଥୀ, ଆତ୍ମୀୟସ୍ୱଜନ, ପ୍ରିୟପରିଜନ ଆଦି ସମ୍ପର୍କର କ୍ଷେତ୍ରରେ ହେଉ କି ଚର୍ଚ୍ଚା, ଆଲୋଚନା, ଗମାତ, ଗୁଲିଖଟିର କ୍ଷେତ୍ରରେ ହେଉ ଏବେ ସବୁଠି ପରିଲକ୍ଷିତ ହେଉଛି ତ୍ରୁଟି, ବିଚ୍ୟୁତି, ବିଲକ୍ଷଣ, ବିଶୃଙ୍ଖଳା, ବିରୋଧାଭାସ! ଅତଏବ ଏଇ ଦୃଷ୍ଟିରୁ କେହିନା କେହି ଅନ୍ୟମାନଙ୍କୁ ଡରାଉଛନ୍ତି ବା କେହିନା କେହି ଅନ୍ୟମାନଙ୍କୁ ଡରୁଛନ୍ତି। ଅଫିସରେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ନିଜ କର୍ତ୍ତବ୍ୟ ଶୃଙ୍ଖଳିତଭାବେ ସମ୍ପାଦନ କରୁଥିଲେ ମଧ ଅହଙ୍କାରୀ ପ୍ରକୃତିର ବସ୍‌ଙ୍କର କ୍ରୋଧ, ରୋଷର ଶିକାର ହୋଇ ଡରିଥାନ୍ତି। ଅପରପକ୍ଷେ, କର୍ମକୋଢ଼ି,ବେପରୁଆ,ଠକ କର୍ମଚାରୀମାନଙ୍କର ବୃଥା ବାହାଦୁରି, ବାହୁସ୍ଫୋଟରେ ଡରୁଛନ୍ତି ବସ୍! ସବୁକ୍ଷେତ୍ରରେ ପ୍ରାୟ ଏମିତି ସଙ୍ଗିନ ପରିସ୍ଥିତି! 'ତେଲିଆ ମୁଣ୍ଡରେ ତେଲ', 'ମନ୍ଦକବି ଯଶପ୍ରାର୍ଥୀ','ଗାଲୁଆଙ୍କ ବାରବାଟି ଚାଷ', 'ତୁ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡା କାଠ'ର ଅସମାହିତ ଓ ଅଭାବନୀୟ ପରିଣତି!

'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ' ନ୍ୟାୟରେ ଅନେକ କ୍ଷେତ୍ରରେ ଆମେ ନିଜେ ନିଜ ଡରର ସୃଜକ। ନିଜ ଇଚ୍ଛାରେ ବା ନିଜ ଜ୍ଞାତସାରରେ ଭୁଲ କାମ କରି ତା'ର ପରିଣାମ ପ୍ରତି ବେପରୁଆ ହୋଇଥାଉ। ଏହା ଆମର ଅପରିଣାମଦର୍ଶିତା। ଏଇ ଅପରିଣାମଦର୍ଶିତା ପରବର୍ତ୍ତୀ ସମୟରେ ଆମକୁ ବିପଦଗ୍ରସ୍ତ କରାଏ। ଆଉ ବିପଦଗ୍ରସ୍ତ ହେଲେ ନିଜଭିତରେ ଡର ଜାତ ହେବା ନିଶ୍ଚିତ।

କେତେକ କ୍ଷେତ୍ରରେ ଆମର କୌଣସି ଭୁଲ ନ ଥାଇ ଅକାରଣେ ଛନ୍ଦି ହୋଇଯାଉ ଡରର ଇନ୍ଦ୍ରଜାଲରେ। ସାହିର ଦାଦା ଆସି ଜୁଲମ କରିବେ, ''ହଇହୋ ବାବୁ, କ'ଣ ଆମକୁ ନୂଆ ଦେଖୁଛ? ପାଟିତୁଣ୍ଡ, ଯୁକ୍ତିତର୍କ ନ କରି ଚଟାପଟ ଚାନ୍ଦା ଦେଇଦିଅ। ନୋହିଲେ ସିଧା ଉପରକୁ ଉଠେଇଦେବୁ, ହାଁ !'' କୁଜିନେତା ଆସି କହିବେ, ''ଆମ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେଇ ବିପୁଳ ସଂଖ୍ୟାରେ ଜିତାଅ। ନଚେତ୍ କଥା ଖରାପ ହେବ, ଘଟଣା ଦୁର୍ଘଟଣା ରୂପ ନେବ!'' ଭେଣ୍ଡା ପୁଅ ବୟସ୍କ ବାପାଙ୍କୁ ଧମକ ଦେଉଛି,''ମୋତେ ଟଙ୍କା ଦିଅ, ବିଜ୍‌ନେସ କରିବି, ବାଇକ କିଣିବି, ମସ୍ତି, ବୋବାଲ କରିବି। ନଚେତ୍ ଭଙ୍ଗାଭଙ୍ଗି କରି ସବୁ ଚୂରମାର୍ କରିଦେବି। '' ପତିଙ୍କୁ ପତ୍ନୀଙ୍କର ଚେତାବନୀ,''ବିନା ପ୍ରତିବାଦରେ ମୋର ଯାବତୀୟ ଫରମାସି ପୂରଣ କର, ନୋହିଲେ ପତ୍ନୀ ନିର୍ଯାତନା ମାମଲାରେ ତୁମକୁ ଫସେଇଦେବି!'' ବିପରୀତ କ୍ରମ ମଧ ସତ୍ୟ ହେଉଛି । ଅର୍ଥାତ୍ ପତିଙ୍କର ପତ୍ନୀଙ୍କୁ ମଧ ରହୁଛି ସେମିତି କିଛି ଧମକ ବା ଚେତାବନୀ। ଏମିତି ଡର ପ୍ରକ୍ରିୟା ସଚରାଚର ଚାଲିଛି। ତେଣୁ ଡରିବା ଏକ ସ୍ୱାଭାବିକ ଆବେଗ। କୌଣସି କାରଣ ନ ଥାଇ ବି ହଠାତ୍ ଜଣେ ଡରିଯାଇପାରେ!

ଡରିବା ଆଜିର କନସେପ୍ଟ ବା ଧାରଣା ନୁହେଁ। ଇତିହାସ ହେଉ କି ପୁରାଣଶାସ୍ତ୍ର, ପ୍ରାୟ ସବୁଠି ପ୍ରମାଣ ରହିଛି; ସମ୍ରାଟ, ରାଜା, ବାଦଶାହ, ନବାବ, ସୁଲତାନମାନେ କେଉଁଠି ନା କେଉଁଠି କାହାକୁ ନା କାହାକୁ ଡରୁଥିଲେ। ପରାକ୍ରମୀ,ଦୁର୍ଦ୍ଧର୍ଷ, ଦିଗବିଜୟୀ, ଶତ୍ରୁହନ୍ତା ହୋଇ ବି ମୂଷା, ଝୁଚୁନ୍ଦ୍ରା, ବିଲେଇ, ଝିଟିପିଟି,ଅସରପା ପରି ଇତର ପ୍ରାଣୀକୁ ଦେଖି ମଧ ସେମାନେ ଡରି ଯାଉଥିଲେ। ତେଣୁ ଡରିବା ସାଧାରଣ କଥା, ସହଜାତ ପ୍ରବୃତ୍ତି। ଫରକ ଏତିକି ଯେ ପୂର୍ବରୁ ଡରର ଡରତ୍ୱ ଉପରେ କାହାରି ପ୍ରଶ୍ନ ଇ ନ ଥିଲା। ଡରର ସ୍ୱତନ୍ତ୍ର ପଦମର୍ଯ୍ୟାଦା ଥିଲା। ନିଜର ଗୁରୁତ୍ୱକୁ ନେଇ ଗରୀୟାନ୍ ଥିଲା ଡର! ହେଲେ ଏବେ ପରା ଡରରେ ଯାବତୀୟ ଭେଜାଲ। ପୂର୍ବେ ଡର ଉତ୍ପନ୍ନ ହେବାମାତ୍ରେ ଯଥେଷ୍ଟ ସତର୍କତା ରହୁଥିଲା ନିଜଭିତରେ। ଡରର ଘେରଭିତରୁ ଖସିଯିବାର ପନ୍ଥା ବାହାର କରିବା ସମ୍ଭବ ହେଉଥିଲା।



ହେଲେ ଏବେ ଡରର ସ୍ୱରୂପ ସର୍ବବ୍ୟାପ୍ତ ଏବଂ ସମ୍ପୂର୍ଣ୍ଣ ବିନାଶକାରୀ! ପୂର୍ବେ ଉଭୟ ଡରିବା ଲୋକ ଆଉ ଡରାଇବା ଲୋକଙ୍କ ମଧ୍ୟରେ ସମ୍ପର୍କ ଠିକ୍‌ଠାକ୍ ରହୁଥିଲା। ତେଣୁ ଡରାଣ ପ୍ରକ୍ରିୟାରେ କୌଣସି ପ୍ରକାରର ଅନିୟମିତତା ପରିଲକ୍ଷିତ ହେଉ ନ ଥିଲା। ଅଥଚ ଏବେ ସବୁ ଓଲଟା! ଶିକ୍ଷକ ଡରୁଛନ୍ତି ଛାତ୍ରଙ୍କୁ, ଗୁରୁ ଡରୁଛନ୍ତି ଶିଷ୍ୟଙ୍କୁ, ମା'ବାପା ଡରୁଛନ୍ତି ପୁଅ ଝିଅଙ୍କୁ, ଜନତା ଡରୁଛନ୍ତି ନେତାଙ୍କୁ, ଜ୍ଞାନୀ ଅଜ୍ଞାନଙ୍କୁ, ଗଣତନ୍ତ୍ରପ୍ରେମୀ ଡରୁଛନ୍ତି ଅଗଣତାନ୍ତ୍ରିକ ତତ୍ତ୍ୱଙ୍କୁ, ପଣ୍ଡିତ ଡରୁଛନ୍ତି ମୂର୍ଖଙ୍କୁ, ସାଧୁ ଡରୁଛନ୍ତି ଖଳଙ୍କୁ, ସାହିତ୍ୟିକ ଡରୁଛନ୍ତି ଅଣସାହିତ୍ୟିକ ତଥା ଦଲାଲ ସଙ୍ଗଠକଙ୍କୁ!

ତେବେ ଡରିଯାଇ ପଛଘୁଞ୍ଚା ଦେବା, କାତର, କାକୁସ୍ଥ ହୋଇ ପରିସ୍ଥିତି କିମ୍ବା ପ୍ରତିପକ୍ଷ ପାଖରେ ଆତ୍ମସମର୍ପଣ କରିବା ଉଚିତ ନୁହେଁ। ଯେକୌଣସି ଆହ୍ୱାନ,ସମସ୍ୟା, ପ୍ରତିବନ୍ଧକ,ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବା ସମୟରେ ପ୍ରଥମେ ତ ଡରିଯିବା ସ୍ୱାଭାବିକ କଥା। ତା'ପରେ କିନ୍ତୁ ଶକ୍ତି, ସାହସ, ବୁଦ୍ଧି, ବିବେକ, ଜ୍ଞାନ, ଧୈର୍ଯ୍ୟର ସହ ସେସବୁକୁ ଦୃଢ଼ଭାବରେ ମୁକାବିଲା କରିବା ଉଚିତ। ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭାଗବତରେ ଲେଖାଅଛି,'ବୁଦ୍ଧି ବିବେକ ଜ୍ଞାନ ବଳେ। କିବା ଅସାଧ ମହୀତଳେ !' କିଂ ଅଧିକଂ ?!

'ଇନ୍ଦ୍ରଧନୁ', ବୀମାବିହାର
ମର୍କତନଗର, କଟକ
ମୋ:୮୯୧୭୪୭୯୬୪୦

## ଏଇ ଭାରତରେ

ଅର୍ଥର ଲାଳସା ବେଳେବେଳେ ମଣିଷକୁ ଏଭଳି ଅନ୍ଧ କରିଦିଏ ଯେ, ସେ ନିଜ ବିବେକ ହରାଇବସେ। ସେଥିପାଇଁ ତ ଟଙ୍କା ଲୋଭରେ ମୃତ ପିତାଙ୍କୁ କାଗଜପତ୍ରରେ ୧୬ ବର୍ଷ ଧରି ଜୀବିତ ରଖି ପାରିଛନ୍ତି ଜଣେ ପୁତ୍ର। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ବରେଲିରେ। ଏହି ଅଞ୍ଚଳର ସୋହନଲାଲ୍ ଶର୍ମା ଜଣେ ସରକାରୀ କର୍ମଚାରୀ ଥିଲେ। ଅବସର ପରେ ସେ ପେନସନ୍ ମଧ ପାଉଥିଲେ। ୨୦୦୮ରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ମୃତ୍ୟୁ ପରେ ତାଙ୍କ ପୁଅ ଉମେଶ କୁମାରଙ୍କ ମୁଣ୍ଡକୁ ଏକ ଧୂର୍ତ୍ତ ଚିନ୍ତା ଆସିଥିଲା। ଏଥିପାଇଁ ସେ ବାପାଙ୍କ ମରିବା ଖବର ସରକାରଙ୍କୁ ଜଣାଇ ନ ଥିଲେ। ତା'ପରେ ବାପାଙ୍କ ପେନସନ୍ ଟଙ୍କା ଲୁଟ୍ କରିବା ପାଇଁ ଆରମ୍ଭ ହେଲା ଯୋଜନା। ଏଥିପାଇଁ ସେ ନିଜେ ପାଲଟିଗଲେ ସୋହନଲାଲ୍। ପ୍ରତିବର୍ଷ ଲାଇଭ୍ ସାର୍ଟିଫିକେଟ୍ ଦେଇ ଟଙ୍କା ଉଠାଇବା ଆରମ୍ଭ କରିଥିଲେ। ଏହି କାମରେ ତାଙ୍କୁ ସହାୟତା କରୁଥିଲେ ବହୁ ସରକାରୀ ଅଧିକାରୀ। ଏଥିପାଇଁ ସେ ପ୍ରତି ମାସରେ ପେନସନ୍ ଟଙ୍କାରୁ ସେମାନଙ୍କୁ ମଧ ଏକ ନିର୍ଦ୍ଦିଷ୍ଟ ଭାଗ ଦେଇ ଆସୁଥିଲା। ଏହିଭଳି ୧୬ ବର୍ଷ ଧରି ସେ ପ୍ରାୟ କୋଟିଏ ଟଙ୍କା ଉଠାଇ ନେଇଛନ୍ତି। ନିକଟରେ ସେଠାରେ ଜଣେ ସଚ୍ଚୋଟ ଅଫିସରଙ୍କ ନିଯୁକ୍ତି ପରେ ଏହି ଘଟଣାର ପର୍ଦ୍ଦାଫାଶ ହୋଇଛି। ଖବର ଜଣାପଡ଼ିବା ପରେ ଏଥିରେ ସମ୍ପୃକ୍ତ ଥିବା ସମସ୍ତ ଅଧିକାରୀଙ୍କ ବିରୋଧରେ ମାମଲା ଆରମ୍ଭ କରାଯାଇ ଟଙ୍କା ଆଦାୟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଫେବୃଆରୀ ୧୯୭୬

- ବମ୍ବେଠାରୁ ଶ୍ରୀଲଙ୍କାର ଶାରଝା ମଧ୍ୟରେ ବିମାନ ଚଳାଚଳ କରିବା ପାଇଁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ବି. କାରୁପ୍‌ପିଆ ସୁପ୍‌ପାନର ତାମିଲନାଡୁର ଏକୀଭୂତ ବା ପୁନଃ ମିଶ୍ରିତ କଂଗ୍ରେସ ଦଳର ସଭାପତି ନିଯୁକ୍ତ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 8 | 4 | | 9 | | | | |
| | | 3 | | 7 | 4 | | | 6 |
| | | 9 | 1 | | | | | |
| 7 | | 5 | 9 | 3 | | 4 | | |
| | | | | | | | 9 | |
| | | | | | 2 | 1 | | |
| | 2 | | 7 | | | | | |
| 4 | | | 5 | | | | | |
| | | 1 | | | | 3 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 8 | 5 | 7 | 2 | 9 | 3 | 4 |
| 5 | 9 | 3 | 1 | 4 | 8 | 7 | 2 | 6 |
| 2 | 4 | 7 | 6 | 9 | 3 | 8 | 5 | 1 |
| 3 | 1 | 4 | 7 | 2 | 6 | 5 | 8 | 9 |
| 7 | 8 | 6 | 9 | 1 | 5 | 3 | 4 | 2 |
| 9 | 2 | 5 | 3 | 8 | 4 | 1 | 6 | 7 |
| 6 | 5 | 9 | 4 | 3 | 1 | 2 | 7 | 8 |
| 8 | 3 | 1 | 2 | 6 | 7 | 4 | 9 | 5 |
| 4 | 7 | 2 | 8 | 5 | 9 | 6 | 1 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିକାଶ ନାମରେ ବିନାଶ ହେଉଛି

ମହାଶୟ,

ସ୍ୱାଧୀନତା ପୂର୍ବରୁ ବିଦେଶୀ ଶାସକଗଣ ଭାରତୀୟଙ୍କୁ ଶୋଷଣ କରୁଥିଲେ ଓ ଦେଶର ଧନସମ୍ପଦକୁ ଲୁଣ୍ଠନ କରି ନେଇଯାଉଥିଲେ। ସ୍ୱାଧୀନତା ପରେ ଦେଶର କ୍ଷମତାପାଗଳ ନେତା, ମନ୍ତ୍ରୀ, ଅମଲାଗଣ ରାଜନୈତିକ ଓ ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି ଦେଶର ସର୍ବନାଶ କରିଚାଲିଛନ୍ତି। ଦଳୀୟ ଶାସନ ବ୍ୟବସ୍ଥାରେ ଗାଁଗହଳି ଓ ସହରାଞ୍ଚଳର ଦୁର୍ନୀତିଗ୍ରସ୍ତ ନେତାଙ୍କଠାରୁ ଆରମ୍ଭକରି କଣ୍ଟ୍ରାକ୍ଟର, ଖଣିମାଫିଆ ଓ କମ୍ପାନୀମାଲିକ ପ୍ରମୁଖ ନିଜ ସମ୍ପତ୍ତିକୁ ବୃଦ୍ଧି କରିଚାଲିଛନ୍ତି। ମୂଲ୍ୟବାନ ଖଣିଜ ସମ୍ପଦର ଲୁଣ୍ଠନ ଓ ରପ୍ତାନି ଚାଲିଛି। ଅନେକ ଧନୀ ଲୋକଙ୍କୁ ପ୍ରତିବର୍ଷ ଲକ୍ଷ ଲକ୍ଷ କୋଟି ଟଙ୍କାର ମାଗଣା ସାମଗ୍ରୀ, ସବ୍‌ସିଡି ଓ ଟିକସ ରିହାତି ପ୍ରଦାନ କରାଯାଉଛି। ଅବକାରୀ ରାଜସ୍ୱ ପାଇଁ ଜନକଲ୍ୟାଣକାରୀ ସରକାର ମଦ, ଗଞ୍ଜେଇ, ଅଫିମ ଭଳି ନିଶାଦ୍ରବ୍ୟ ବିକ୍ରିର ଲାଇସେନ୍ସ ପ୍ରଦାନ କରି ଲୋକଙ୍କର ସର୍ବନାଶ କରୁଛନ୍ତି। ସରକାରୀ କାମସବୁ ଅତ୍ୟନ୍ତ ନିମ୍ନମାନର ହେଉଛି। ଅପରିଣାମଦର୍ଶୀ ନେତ୍ରୀନେତା ଓ ଅମଲାଙ୍କ ପାଇଁ ଭାରତବାସୀଙ୍କର ସର୍ବନାଶ ହୋଇଚାଲିଛି। ଏମାନେ ନ ସୁଧୁରିଲେ ସାଧାରଣ ଲୋକଙ୍କ ବଞ୍ଚିବା ମୁସ୍କିଲ ହୋଇଯିବ।

– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପୀରହାଟ, ଭଦ୍ରକ

## ଚିରନ୍ତନୀ

ଫାଟି ପଡ଼ିଥିଲା ନାଲି ଅନ୍ତର କା'ର
ସେ ବ୍ୟଥା ପରଶେ ତ୍ରିଭୁବନ ନାରଖାର
ଲୋହିତ ସେ ବ୍ୟଥା ଭାସଇ ପବନେ,
ଅରୁଣ ରାଗିଣୀ ଗଗନେ ଗଗନେ,
ସେ ବ୍ୟଥା ଏ ପ୍ରାଣେ ଉଠାଇଛି ହାହାକାର
ସକଳ ଅଙ୍ଗେ ରକତ–ଚୁମ୍ବ ତା'ର।
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବ୍ୟବସାୟୀମାନେ ସମାଜର ମୁଖ୍ୟ ଅଙ୍ଗ

## ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ଢେଙ୍କାନାଳ, ୧୬।୨ (ରତନ ନାୟାର)



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ସନ୍ଧ୍ୟା ସାଢେ ୬ଟାରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମାରୋହକୁ ଉଦଘାଟନ କରି କହିଲେ ଯେ, ବ୍ୟବସାୟୀମାନେ ସମାଜର ମୁଖ୍ୟ ଅଙ୍ଗ । ସେମାନଙ୍କ ଦ୍ୱାରା ରାଜ୍ୟ ଓ ଦେଶ ସମୃଦ୍ଧ ହୁଏ । ବ୍ୟବସାୟ କ୍ଷେତ୍ରରେ ଓଡିଶାର ଏକ ସ୍ୱର୍ଣ୍ଣିମ ଇତିହାସ ରହିଛି। ପ୍ରାଚୀନ କାଳରେ ଆମର ବ୍ୟବସାୟୀମାନେ ସମୁଦ୍ର ପଥରେ ନୌକାରେ ଜାଭା, ବାଲି, ସୁମାତ୍ରା ଯାଇ ବ୍ୟବସାୟ କରି ଫେରୁଥିଲେ । ଯାହାର ନିଦର୍ଶନ ଆମର କଟକର ଐତିହ୍ୟ ବାଲିଯାତ୍ରାରେ ଆଜି ପର୍ଯ୍ୟନ୍ତ ଦେଖୁଛୁ । ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କି ୨୩ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିବା ସହିତ ୧୭ଲକ୍ଷ କୋଟି ଟଙ୍କାର ଏମ୍‌ଓୟୁ ସାଇନ ହୋଇଛି । ପ୍ରତି ଜିଲାରେ ଶିଳ୍ପ ହେବ । ଢେଙ୍କାନାଳ ଜିଲାର ନେଉଳପୋଇଠାରେ ୱାରୀ କମ୍ପାନୀର କାର୍ଯ୍ୟ ଆରମ୍ଭ ହୋଇଛି, ଯେଉଁଥିରେ ୨୦ରୁ ୨୫ହଜାର ଲୋକ ନିଯୁକ୍ତି ପାଇବେ । ସେହିପରି ତାଳବରକୋଟରେ କଲ୍ୟାଣୀ ଶିଳ୍ପ ପ୍ରତିଷ୍ଠା ହେବ । ଢେଙ୍କାନାଳ ସହରରେ ବ୍ୟବସାୟ ବଢିବ । ଆମ ସରକାର ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପିଛା ୨୧୦୦ଟଙ୍କା ଦେଲେ । ପୂର୍ବ ସରକାର ୧୨ବର୍ଷ ମଧ୍ୟରେ ୧୦୦ଟଙ୍କା ମଧ୍ୟ ବୋନସ ଦେଲେନି । ୨୦୩୬ ସୁଦ୍ଧା ଓଡିଶା ବିକଶିତ ହେବ । ସୁଭଦ୍ରା ଯୋଜନା ଓ ଚାଷୀମାନଙ୍କୁ ୩୧୦୦ ଟଙ୍କା ପ୍ରଦାନ ସମାଜରେ ଭଲ ପ୍ରଭାବ ପକାଇଛି । ଢେଙ୍କାନାଳରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୨୦ଏକର ଜାଗା ନିଆଯାଇଛି । କ୍ୟାବିନେଟ୍‌ରେ ନିଷ୍ପତି ସରିଛି ବୋଲି ମନ୍ତ୍ରୀ କହିଥିଲେ । ସମ୍ମାନିତ ଅତିଥି ଭାବେ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଲେ ଯେ, ଢେଙ୍କାନାଳରେ ମେଡିକାଲ କଲେଜ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇସାରିଛନ୍ତି । କିଛିଲୋକ ଏ ସମ୍ପର୍କରେ କିଛି ନଜାଣି ୫୦ଲୋକଙ୍କୁ ଧରି ଜାତୀୟ ରାଜପଥ ଅବରୋଧ କରିବା ହାସ୍ୟାସ୍ପଦ । 'ବାଣିଜ୍ୟେ ବସତି ଲକ୍ଷ୍ମୀ' ଏହା ଭାରତର ପ୍ରସିଦ୍ଧ ମହାକାବ୍ୟ । ଢେଙ୍କାନାଳର ଶିଳ୍ପ ବାଣିଜ୍ଯ ପ୍ରତିଷ୍ଠାନର କର୍ମକର୍ତ୍ତା ଓ ବ୍ୟବସାୟୀମାନେ ଯାହା ସମସ୍ୟା ସମାଧାନ ସମ୍ପର୍କରେ ମୋତେ ନିର୍ଦ୍ଦେଶ ଦେବେ, ମୁଁ ପାରୁପର୍ଯ୍ୟନ୍ତ ସହଯୋଗ କରିବି । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ରଥ କହିଲେ ଯେ, ଢେଙ୍କାନାଳରୁ ଢାଙ୍କୁଣି ଖୋଲିଲା । ଓଡ଼ିଶାରେ ବ୍ୟବସାୟୀ ମହାସଂଘ ପ୍ରତିଷ୍ଠା ହେଲା । ଏଥିପାଇଁ ଢେଙ୍କାନାଳବାସୀଙ୍କୁ ବହୁତ ବହୁତ ଧନ୍ୟବାଦ ବୋଲି ସେ କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ସିଏଆଇଟି ନୂଆଦିଲ୍ଲୀର ଅଧ୍ୟକ୍ଷ ବ୍ରିଜମୋହନ ଅଗ୍ରୱାଲ, ଓଡିଶା ବାଣିଜ୍ୟ ମହାସଂଘର ସମ୍ପାଦକ ସୁଧାକର ପଣ୍ଡା, ସେଣ୍ଟ୍ରାଲ ଜିଏସ୍‌ଟି ଓଡିଶାର ଉପ ଆୟୁକ୍ତ ପ୍ରୀତି ରଞ୍ଜନ ନାଥ ଯୋଗଦେଇ ଉଦବୋଧନ ଦେଇଥିଲେ। ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ଅଧ୍ୟକ୍ଷ ବିନୋଦ ଅଗ୍ରୱାଲ କହିଲେ ଯେ, ଓଡିଶାର ପ୍ରମୁଖ ଅନୁଷ୍ଠାନ ଭାବେ ଆମେ ୫୦ବର୍ଷ ପୂର୍ତ୍ତି ପାଳନ କରିଥିବାରୁ ଏଥିରେ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରୁଛୁ। ଆମେମାନେ ଆଜିକୁ ପ୍ରାୟ ୧୦ବର୍ଷ ଧରି ମଧ୍ୟ ସେବାମୂଳକ କାର୍ଯ୍ୟକୁ ଆମର ଅଙ୍ଗ ବୋଲି ଧରିନେଇଛୁ। ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନ ଢେଙ୍କାନାଳର ସଭାପତି ରାଜେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ସମ୍ପାଦକ ଲୋକନାଥ ମହାପାତ୍ର ବିବରଣୀ ପାଠ କରିଥିଲେ । ଏହି ଅବସରରେ ଢେଙ୍କାନାଳ ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜକିଶୋର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମାନସ, ପ୍ରିତମ, ଯାଜ୍ଞସେନୀ ଓ ମହମ୍ମଦ ନାସିର ସଙ୍ଗୀତ ପରିବେଷଣ କରିଥିଲେ ।

## 'ସାହିତ୍ୟକୁ ସବୁବେଳେ ଭଲପାଇବା ଶିଖ'



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ।

ବଇଣ୍ଡା, ୧୬।୨ (ପରିକ୍ଷିତ ସାହୁ)

ସାହିତ୍ୟ ବିନା ଓଡ଼ିଆ ଲିଖନ ଅସମ୍ଭବ। ସବୁକ୍ଷେତ୍ରରେ ସାହିତ୍ୟ ଆବଶ୍ୟକତା ରହିଛି। ଓଡ଼ିଶାରେ ଏଭଳି କବି ଅଛନ୍ତି ଯେଉଁମାନେ ସାହିତ୍ୟ ପାଇଁ ବାହାର ରାଜ୍ୟରେ ତାଙ୍କ ପରିଚୟ ସୃଷ୍ଟି କରିପାରିଛନ୍ତି । ତେଣୁ ସବୁବେଳେ ସାହିତ୍ୟକୁ ଭଲ ପାଇବା ଶିଖ ବୋଲି ରବିବାର କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପ ନିକଟରେ ଅନୁଷ୍ଠିତ ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସଂସଦର ସଭାପତି କବି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡ଼. ସଞ୍ଜୟ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ଡ଼. ଇନ୍ଦିରା ଦାସ, ଡ଼. କୁଳମଣି ନାୟକ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଡ଼. ରାମଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ । ବଇଣ୍ଡା ଶିଶୁ ମନ୍ଦିର ଛାତ୍ରୀମାନେ ସଂଗୀତ ଗାନ କରିଥିଲେ । ସଂସଦ ପକ୍ଷରୁ ଡ଼. ସଞ୍ଜୟ କୁମାର ପଣ୍ଡାଙ୍କୁ ତ୍ରିଧାରା ନାଗରିକ ସମ୍ମାନରେ ସମ୍ବର୍ଦ୍ଧନା କରାଯାଇଥିଲା। ତ୍ରିଧାରା ସମାଜ ସେବାରେ ବିବେକାନନ୍ଦ ବିଶ୍ୱାଳ, ମଧୁ କୋକିଳ ସ୍ମୃତିରେ ସୁଶ୍ରୀ ସାଇ ଯିଜ୍ଞାସା ବାରିକ, ଶିକ୍ଷାଜ୍ୟୋତି ଗୋବିନ୍ଦ ସ୍ମୃତିରେ ଆର. ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ କ୍ଷୀରେନ୍ଦ୍ର ମୋହନ ଦେହୁରୀ ସଂଯୋଜନା କରିଥିବାବେଳେ ମନୋଜ କୁମାର ମହାପାତ୍ର, ନିତ୍ୟାନନ୍ଦ ବାରିକ, ବିନିତା ପ୍ରଧାନ, ରଞ୍ଜିତା ମିଶ୍ର, ଗଣପତି ସ୍ୱାଇଁ ସହଯୋଗ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ

ସନ୍ତ୍ରିଛକ, ୧୬।୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକ ବୁଢାପଙ୍କ ଗଡସାହିରେ ଶନିବାର ଭକ୍ତିମୟ ପରିବେଶରେ ୨୯ତମ ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟା ସମୟରେ ଗ୍ରାମ ମହିଳା ପାଖ ପୁଷ୍କରିଣୀରୁ କଳସରେ ଜଳ ଆଣି ଘଟ ସ୍ଥାପନ କରିଥିଲେ। ବିଳମ୍ବିତ ରାତ୍ରିରେ ଶୁଭ ଅଧିବାସ ଆରମ୍ଭ ହୋଇଥିଲା। ଶନିବାର ସକାଳେ ହରିନାମ ସଂକୀର୍ତ୍ତନ ଆରମ୍ଭ କରି ରବିବାର ସକାଳେ ସମାପନ ହୋଇଥିଲା। ନଗର କୀର୍ତ୍ତନ ଓ ଗ୍ରାମ ପରିକ୍ରମା ପରେ ଶେଷରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଦଧିଭାଣ୍ଡ ଭଞ୍ଜନ କରାଯାଇଥିଲା। ଆଖପାଖ ଗ୍ରାମ ଯଥା ପନ୍ଦରଭରଣିଆ, କମାଳଙ୍ଗ, ଝୁଲୁଆ ଆଦି ଅଞ୍ଚଳରୁ ପ୍ରାୟ ୧୮ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ପ୍ରାୟ ୩ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସଭାପତି ରତ୍ନାକର ମାଝୀ, କର୍ତ୍ତା ନାରାୟଣ ବେହେରା, କୋଷାଧ୍ୟକ୍ଷ ଦିଲିପ କୁମାର ସାମଲ, ପ୍ରଦୀପ କୁମାର ମାଝୀ, ପବିତ୍ର ଗଡ଼ନାୟକ ପୂର୍ବତନ ସରପଞ୍ଚ ଉତ୍ସବ ଦେହୁରୀ, ଗୌତମ ମାଝୀ, ଅଜୟ ବେହେରା, ପଦ୍ମ ଚରଣ ସାମଲ ସହଯୋଗ କରିଥିଲେ।

# ନିମପୁର ସ୍ପୋର୍ଟସ କ୍ରିକେଟ କ୍ଲବ କଟକ ଚାମ୍ପିୟନ

## ବୀର-ବେନୁ କ୍ରିକେଟ ଟୁର୍ନାମେଣ୍ଟ

ପରଜଙ୍ଗ, ୧୬।୨ (ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ମିନି ଷ୍ଟାଡ଼ିୟମରେ ଉର୍ଜା ଟ୍ରଷ୍ଟ ଏବଂ ପରଜଙ୍ଗ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ସର୍ବ ଭାରତୀୟ ବୀରବେନୁ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ୧୯୪୨ ମସିହାରେ ପରଜଙ୍ଗ ଜହ୍ନାପଡ଼ାଠାରେ ଫିରିଙ୍ଗିମାନଙ୍କ ଗୁଳିମାଡ଼ରେ ଶହୀଦ ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ବୀର ସାହୁ ଏବଂ ନେ ସାହୁଙ୍କ ସ୍ମୃତିକୁ ଅମର ରଖିବା ଉଦ୍ଦେଶ୍ୟରେ ବୀର-ବେନୁ କପ୍ ସର୍ବ ଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୯ ତାରିଖରୁ ଆରମ୍ଭ ହୋଇଥିଲା । ଏଥିରେ ଓଡ଼ିଶାର ପ୍ରଖ୍ୟାତ ନିମପୁର ସ୍ପୋର୍ଟସ କ୍ରିକେଟ କ୍ଲବ କଟକ, ଜେଜେୱାଇସି ସମ୍ବଲପୁର, ରାମେଶ୍ୱର ସ୍ପୋର୍ଟିଙ୍ଗ ଭୁବନେଶ୍ୱର, ପ୍ରୋଗ୍ରେସିଭ ଆଶୋସିଏସନ ଝାରସୁଗୁଡା, ଆର୍‌ଏସ୍‌ଏ ରାଉରକେଲା, ଷ୍ଟାର ୧୧ରାଞ୍ଚି, ଅରୁଣୋଦୟ ଫାଇଟର ଧାନବାଦ, ରାଇଜିଙ୍ଗ କ୍ଲବ ସମ୍ବଲପୁର ପ୍ରମୁଖ ଭାଗ ନେଇଥିଲେ। ତନ୍ମଧ୍ୟରୁ ଆର୍‌ଏସ୍‌ଏ ରାଉରକେଲା ଏବଂ ନୀମପୁର ସ୍ପୋର୍ଟସ କ୍ରିକେଟ କ୍ଲବ କଟକ ଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହୋଇଥିଲେ। ରବିବାର ଫାଇନାଲ୍ ମ୍ୟାଚ୍ ରେ ନିମପୁର ସ୍ପୋର୍ଟସ୍ କ୍ରିକେଟ କ୍ଲବ କଟକ ଆର୍‌ଏସ୍‌ଏ ରାଉରକେଲାକୁ ହରାଇ ଚାମ୍ପିୟନ ହୋଇଛି। ୨ ଓସିଏ ପ୍ୟାନେଲୀଙ୍ଗ ଅମ୍ପାୟର ଭାବେ ସବ୍ୟସାଚୀ ଶାହ ଓ ଜୟକୃଷ୍ଣ ରାଉତ ଖେଳ ପରିଚାଳନା କରିଥିଲେ। ବେଷ୍ଟ ବ୍ୟାଟ୍ସମ୍ୟାନ ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ରାଉରକେଲା ଟିମର ଆଦିତ୍ୟ ଆନନ୍ଦ, ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ନିମପୁର କଟକର ଜାହିର ୱର୍ଶି, ବେଷ୍ଟ ବୋଲର ଭାବେ ଅଙ୍କିତ ଯୟଶ୍ୱାଲଙ୍କୁ ବିବେଚିତ କରାଯାଇଥିଲା। ପ୍ରଥମାର୍ଦ୍ଧରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା ରଞ୍ଜିଟ୍ରିମର ପୂର୍ବତନ କ୍ୟାପଟେନ ହଳଧର ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ସନ୍ତୋଷ ରାଉତ, ପରଜଙ୍ଗ ଗ୍ରାମ ସଭାପତି ଜିତେନ୍ଦ୍ର ସାମଲ, ସୁମେନ୍ଦ୍ର ଦାସ, ଶୁଭେନ୍ଦ୍ର ଦାସ ପ୍ରଭୃତି ଉପସ୍ଥିତ ଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ବୋଲର ତଥା ଅନ୍ତର୍ଜାତିୟ ଖେଳାଳୀ ଦେବାଶିଷ ମହାନ୍ତି, ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ଓଡ଼ିଶା ରଣଜି ଟିମ୍‌ର ପୂର୍ବତନ ଖେଳାଳୀ, କୋଚ ଏବଂ ବିସିସିଆଇ ମେମ୍ବର ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉର୍ଜା ଟ୍ରଷ୍ଟର ସଭାପତି ତଥା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଦୀପକ ଗୋଚ୍ଛାୟତ ଏବଂ ପୀୟୁଷ ପ୍ରଧାନ ପ୍ରଭୃତି ଉପସ୍ଥିତ ରହି ଚାମ୍ପିୟନ ଦଳକୁ ୭୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୫୦ ହଜାର ଟଙ୍କା ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କୈଳାସ ସଭାପତି, ସୁବାସ ସାଧାରଣ ସମ୍ପାଦକ

ଢେଙ୍କାନାଳ, ୧୬।୨ (ରତନ ନାୟାର)

### ପୂର୍ବତନ ସୈନିକ ସଂଘର କର୍ମକର୍ତ୍ତା ନିର୍ବାଚନ

ଢେଙ୍କାନାଳ ଜିଲା ପୂର୍ବତନ ସୈନିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଲେଖକ ସଂସଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲାର ୧୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ । ସଭାପତିଙ୍କ ଅଭିଭାଷଣ ପରେ ସମ୍ପାଦକୀୟ ବିବରଣୀ ଓ ଆୟବ୍ୟୟର ବିବରଣୀ ପ୍ରଦାନ କରାଯାଇଥିଲା । ସାଧାରଣ ନିର୍ବାଚନ ସଭାକୁ ଉପଦେଷ୍ଟା ଭ୍ରମରବର ଦଳାଇ ପରିଚାଳନା କରିଥିଲେ । ଆଗାମୀ ଦୁଇବର୍ଷ ପାଇଁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ସଦସ୍ୟମାନେ ହେଲେ ସଭାପତି ଭାବେ କୈଳାସଚନ୍ଦ୍ର ରାଉତ, ଉପସଭାପତି ଭାବେ ବିମଳ କୁମାର ଶତପଥୀ ଓ ବିଭୁତି ଭୂଷଣ ନନ୍ଦ, ସାଧାରଣ ସମ୍ପାଦକ ଭାବେ ସୁବାସ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଭାବେ ବଟକୃଷ୍ଣ ସାହୁ, କୋଷାଧ୍ୟକ୍ଷ ଭାବେ ଅଖିଳ କୁମାର ରାଉତ ଏବଂ ଉପଦେଷ୍ଟା ଭାବେ ଭ୍ରମରବର ଦଳାଇ, ଶ୍ୟାମ ସୁନ୍ଦର ରଣା ପ୍ରମୁଖ ମନୋନୀତ ହୋଇଥିଲେ ।

# ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କାମାକ୍ଷାନଗର, ୧୬।୨ (ସୁଧୀର କୁମାର ପରିଡା)



କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସଂକଳ୍ପ' ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରିଣୀ ବିନୀତା ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଶିଷ୍ଟ ଲେଖକ ତଥା ପୂର୍ବତନ ପ୍ରଶାସକ ରଞ୍ଜନ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲକ୍ଷ୍ୟ ସ୍ଥିରକରି ପାଠପଢିଲେ ଭଲ ନାଗରିକ ହେବ ବୋଲି ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ବିଧାୟକ ଶତୃଘ୍ନ ଜେନା ଓ ଜିଲା ଭାଜପା ସଭାପତି ରାସବିହାରୀ ବେହେରା, ସ୍ତମ୍ଭକାର ଡ. ପ୍ରଫୁଲ୍ଲ କୁମାର ପାଣି ,ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର, ନାଟ୍ୟକାର ଓ ନିର୍ଦ୍ଦେଶକ ଦିନେଶ ଦାସ, ଗୋଷ୍ଠୀ ନୋଡାଲ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା, ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହନ୍ତ ଶିକ୍ଷକ ଅଭିଭାବକ ସମନ୍ୱୟ କମିଟିର ଅଧ୍ୟକ୍ଷ ହିତେନ୍ଦ୍ରିୟ ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ବିବରଣୀ ପ୍ରଦାନ କରିଥିବାବେଳେ ଶିକ୍ଷକ ନିରଞ୍ଜନ ସାହୁ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ସମରେନ୍ଦ୍ର ନାୟକ, ପ୍ରହଲ୍ଲାଦ ସାହୁ, ଶିକ୍ଷୟିତ୍ରୀ କବିତା ରାଉତ ,ପ୍ରଭାତୀ ସାହୁ , ସୁମିତ୍ରା ଜେନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀ ଓ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## କାର୍ ଧକ୍କାରେ ବୋଲେରୋ ଓଲଟିଲା

ବଣ୍ଟରପାଳ, ୧୬।୨ (ସୁବାସ ସାହୁ)

ନାଲକୋ ନଗର ଥାନା ଅନ୍ତର୍ଗତ ବଳରାମ ପ୍ରସାଦ କେନ୍ଦୁଡିପ ନିକଟରେ ରବିବାର ଅପରାହ୍ନ ୪ଟା ସମୟରେ ଏକ ଇଣ୍ଡିଗୋ କାର କେନ୍ଦୁଡିପ ଅଭିମୁଖେ ଯାଉଥିବା ବେଳେ ସାମନାପଟୁ ଆସୁଥିବା ଏକ ବୋଲେରୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବୋଲେରୋଟି ଘଟଣାସ୍ଥଳରେ ଓଲଟିପଡ଼ିଥିଲା। ବୋଲେରୋରେ ଥିବା ଜଣେ ରୋଗୀଙ୍କ ସହ ୩ଜଣ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସରେ ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ନାଲକୋ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ଗାଡ଼ିକୁ ଜବତ କରିଛି।


ରଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ-୭୫୩୦୧୪
ଓ.ଏ. ନଂ. ୫୩୪/୨୦୨୪
ବ୍ୟାଙ୍କ ଅଫ୍ ବରୋଦା .....ଆବେଦନକାରୀ
ବନାମ
ରେଖାରାଣୀ ବେହେରା .....ପ୍ରତିବାଦୀମାନେ
୧. ରେଖାରାଣୀ ବେହେରା, ବୟସ ପ୍ରାୟ ୫୨ ବର୍ଷ, ସ୍ୱାମୀ: ରମେଶ ଚନ୍ଦ୍ର ବେହେରା, ସା: ସଞ୍ଜ କଲୋନୀ, କାଶିପୁର, ପୋ: କେନ୍ଦୁଝରଗଡ଼, ଜିଲ୍ଲା: କେନ୍ଦୁଝର-୭୫୮୦୦୧
ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍
ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ ଓ.ଏ. ନଂ. ୫୩୪/୨୦୨୪ ଦ୍ୱାରା ଟ.୩୦,୨୨,୭୨୫.୦୦ ରଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ରଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି, ସେମାନେ ତା.୨୦.୦୩.୨୦୨୫ ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।
ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ତାଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।
ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା ଦିନାଙ୍କ ୨୮ ଜାନୁୟାରୀ, ୨୦୨୫ ରେ ଆଦିଷ୍ଟ।
ଏହି ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ
ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର, ରଣ ଅସୁଲି ପ୍ରାଧିକରଣ



बैंक ऑफ़ बड़ौदा Bank of Baroda
ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଭର୍ଟିକାଲ
ବ୍ୟାଙ୍କ ଅଫ୍ ବରୋଦା, ବରୋଦା କର୍ପୋରେଟ୍ ସେଣ୍ଟର, ସି-୨୬, ଜି-ବ୍ଲକ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ-୪୦୦୦୫୧
ଇମେଲ: wfd.bcc@bankofbaroda.co.in
BOB:SAMV:117:216 Date: 15.02.2025
କାରଣ ଦର୍ଶାଅ ନୋଟିସ୍
ପ୍ରାପ୍ତେଷୁ,
ଶ୍ରୀ ପ୍ରବୀଣ କୁମାର ଅଗ୍ରୱାଲ (ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃର ନିର୍ଦ୍ଦେଶକ)
ଫ୍ଲାଟ୍ ନଂ.: ୬୨୭, ଗୋବିନ୍ଦ ବ୍ଲକ, ବାଲାଜୀ କମ୍ପ୍ଲେକ୍ସ, ଜେଲ୍ ରୋଡ଼, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା-୭୫୧୦୦୬
ଇଚ୍ଛାକୃତ ରଣଖିଲାପକାରୀଙ୍କ ଉପରେ ଆମ୍ଭ ବ୍ୟାଙ୍କର ଆଇଡେଣ୍ଟିଫିକେସନ୍ କମିଟି (ଚିହ୍ନଟ କମିଟି) ନିମ୍ନଲିଖିତ କାରଣ ଯୋଗୁଁ ଆପଣଙ୍କୁ ଇଚ୍ଛାକୃତ ରଣଖିଲାପକାରୀ ଭାବରେ ଶ୍ରେଣୀଭୁକ୍ତ କରିବା ନିମନ୍ତେ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ଗୁଡ଼ିକ: (୧) କନସୋର୍ଟିୟମ ଫାଇନାନ୍ସରୁ ସମ୍ବନ୍ଧିତ ପକ୍ଷଙ୍କୁ ମୋଟ ଟ.୯୭୬.୯୭ କୋଟି ଫଣ୍ଡ ସ୍ଥାନାନ୍ତରଣ କରାଯାଇଛି, ଯାହା ମଧ୍ୟରୁ ବିଓବି ସିସି ଆକାଉଣ୍ଟରୁ ଟ.୧.୨୮ କୋଟି ଫ୍ଲେକ୍ସୋ କଣ୍ଟ୍ରୋ ପ୍ରା. ଲିଃ (ସେୟାରହୋଲ୍ଡର ଏବଂ ଜିପିଆଇଏଲ(GPIL)ର ସମ୍ବନ୍ଧିତ ପକ୍ଷ)କୁ ସ୍ଥାନାନ୍ତରଣ କରାଯାଇଛି, (୨) ଜିପିଆଇଏଲ(GPIL) ସେମାନଙ୍କର Debtor ୟୁପିପିଟିସିଏଲ୍ (UPPTCL) ମାଧ୍ୟମରେ ସେମାନଙ୍କର ଜେଭି (JV) ଅଂଶୀଦାର ମେସର୍ସ ଅପାର ଇଣ୍ଡଷ୍ଟ୍ରିଜ୍‌ଙ୍କ ଆକାଉଣ୍ଟକୁ ପଇଠ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, (୩) (GPIL)ର ୨୦୨୧-୨୨ର ଏବିଏସ୍ (ABS)ରେ ରଣଦାତା ଭାବରେ Woori ବ୍ୟାଙ୍କରୁ ୮୦କୋଟି ଟଙ୍କାର କ୍ରୟ ବିଲ୍ ରିହାତି ଲିମିଟ୍‌ର ଅଣ-ପ୍ରକାଶନ। ଆପଣଙ୍କର ତ୍ରୁଟି-ବିଚ୍ୟୁତି କାର୍ଯ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କର Diversion and Siphoning Off funds ର ଧାରା ୩(୧) (ଟି) (ଆଇ) (ବି) ଏବଂ (ସି) ଅନ୍ତର୍ଗତ ଇଚ୍ଛାକୃତ ରଣଖିଲାପକାରୀ ମୁଖ୍ୟ ନିର୍ଦ୍ଦେଶାବଳୀର ପରିସର ମଧ୍ୟରେ ଆସୁଅଛି।
ତା୦୬.୦୨.୨୦୨୫ରିଖରେ ଉପରୋକ୍ତ ଠିକଣାରେ ପଠାଯାଇଥିବା କାରଣ ଦର୍ଶାଅ ନୋଟିସ୍ ପ୍ରଦାନ କରାଯାଇନପାରି ଫେରି ଆସିଛି, ଯାହା ଫଳରେ ଖବର କାଗଜରେ ପ୍ରକାଶିତ ହୋଇଛି। ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, କାହିଁକି ଆପଣଙ୍କୁ ଇଚ୍ଛାକୃତ ରଣ ଖିଲାପକାରୀ ଭାବରେ ଶ୍ରେଣୀଭୁକ୍ତ କରା ନଯିବ ତାହାର ଲିଖିତ ପ୍ରତିନିଧିତ୍ୱ ଉପରୋକ୍ତ ଠିକଣାରେ ୨୧ଦିନ ମଧ୍ୟରେ ଦାଖଲ କରନ୍ତୁ, ଅନ୍ୟଥା ଆଇଡେଣ୍ଟିଫିକେସନ୍ କମିଟି (ଚିହ୍ନଟ କମିଟି) ଆପଣଙ୍କୁ ଇଚ୍ଛାକୃତ ରଣଖିଲାପକାରୀ ଭାବରେ ଶ୍ରେଣୀଭୁକ୍ତ କରିବା ପାଇଁ ଅଗ୍ରସର ହେବେ।
ତାରିଖ: ୧୭.୦୨.୨୦୨୫ ସ୍ୱା/- ମହାପ୍ରବନ୍ଧକ



ODISHA POWER GENERATION CORPORATION LIMITED
(A Government Company of the State of Odisha)
CIN: U40104OR1984SGC001429
Regd. Office: Zone A, 7th Floor, Fortune Towers, Chandrasekharpur, Bhubaneswar, Odisha 751023, INDIA.
Ph: +91 674- 2303765/66, Email: contracts.corp@opgc.co.in
OPGC Power for Progress

NOTICE INVITING TENDER (NIT) FOR SELECTION OF AGENCY FOR PROVIDING VEHICLES ON HIRE BASIS TO OPGC

NIT NO. OPGC/VEHICLE DATE: 17TH FEBRUARY 2025

OPGC invites proposals for providing vehicle on hire basis to OPGC from reputed, experienced and credible Agencies through on-line bids at Government e-procurement portal at website: https://tendersodisha.gov.in on single-stage two-envelope basis.

The RFP document providing the brief scope of work, qualification requirement and bidding schedule is available for download from the following websites: www.opgc.co.in and https://tendersodisha.gov.in. Interested parties may download the RFP from any of the aforesaid websites available from 17th February 2025.

Bid Processing Fee (Non-refundable) - INR 1,180/- including GST & Bid Security - INR 50,000/-. Last date of bid submission is on 4th March 2025 by 17:00 Hrs. (IST).

OPGC reserves the right to reject any or cancel the entire process without assigning any reason thereof. For further information please contact GM-Contracts at contracts.corp@opgc.co.in.

Sd/- GM (Contracts)



ODISHA LIFT IRRIGATION CORPORATION LTD.
(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751 012
Phone No.: (0674) 2390195 (Off), Fax No.: (0674) 2395844,
E-Mail ID: olicltd123@bsnl.in, olicltd@ymail.com,
http://odishalift.com

NATIONAL COMPETITIVE BIDDING THROUGH e-Procurement
No.IT-17/2025-1352/ OLIC, Dated 15.02.2025

No.CAD-2589:- The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of Deep Borewells in Balangir district of Odisha state. Interested bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

Important features of this NCB are as under:

| | | | |
|---|---|---|---|
| A | Brief description of work | : | Installation, electrification, engergisation & commissioning of Deep Borewells in Balangir District (03 Packages) |
| B | Estimated cost of works | : | Each package Rs.1248.43 Lakhs |
| C | Date and time of availability of bid document in the portal | : | From Dt.19.02.2025 to Dt.17.03.2025 (Upto 17.00 hours) |
| D | Last date / time for receipt of bid in the portal | : | Dt.17.03.2025 upto 17.00 hours |
| E | Last date of seeking clarification | : | Dt.03.03.2025 upto 17.00 hours |
| F | Technical bid will be opened on | : | Dt.18.03.2025 at 11.00 hours |

Any addendum / corrigendum / cancellation of tender will be available in the said website.

Authority reserves the right to accept / reject any or all the tenders, increase or decrease the quantities of work put to bidding without assigning any reasons thereof.

Sd./- MANAGING DIRECTOR
OLIC LTD., BHUBANESWAR
OIPR-32135/11/0026/2425



ODISHA LIFT IRRIGATION CORPORATION LTD.
(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751 012
Phone No.: (0674) 2390195 (Off), Fax No.: (0674) 2395844,
E-Mail ID: olicltd123@bsnl.in, olicltd@ymail.com,
http://odishalift.com

NATIONAL COMPETITIVE BIDDING THROUGH e-Procurement
No.IT-16/2025-1329/ OLIC, Dated 14.02.2025

No.CAD-2588:- The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of Deep Borewells in Balangir district of Odisha state. Interested bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

Important features of this NCB are as under:

| | | | |
|---|---|---|---|
| A | Brief description of work | : | Installation, electrification, engergisation & commissioning of Deep Borewells in Balangir District (05 Packages) |
| B | Estimated cost of works | : | Varies from Rs.930.35 Lakhs to Rs.1566.51 Lakhs |
| C | Date and time of availability of bid document in the portal | : | From Dt.19.02.2025 to Dt.17.03.2025 (Upto 17.00 hours) |
| D | Last date / time for receipt of bid in the portal | : | Dt.17.03.2025 upto 17.00 hours |
| E | Last date of seeking clarification | : | Dt.03.03.2025 upto 17.00 hours |
| F | Technical bid will be opened on | : | Dt.18.03.2025 at 11.00 hours |

Any addendum / corrigendum / cancellation of tender will be available in the said website.

Authority reserves the right to accept / reject any or all the tenders, increase or decrease the quantities of work put to bidding without assigning any reasons thereof.

Sd./- MANAGING DIRECTOR
OLIC LTD., BHUBANESWAR
OIPR-32135/11/0025/2425

# ମହାଜାଗତିକ ରଶ୍ମିର ଆବିଷ୍କାର



ଡ. ନିଖିଳାନନ୍ଦ ପାଣିଗ୍ରାହୀ

''ବିଭିନ୍ନ ଶିଳ୍ପ ଓ କାରଖାନାର ବର୍ଜ୍ୟବସ୍ତୁ ତେଜସ୍କ୍ରିୟ ହୋଇଥାଆନ୍ତି। ତୈଳ ଓ କାରଖାନା ବର୍ଜ୍ୟବସ୍ତୁ ତେଜସ୍କ୍ରିୟ ହୋଇଥାଆନ୍ତି। ତୈଳ ଓ ଗ୍ୟାସ୍ ଉତ୍ତୋଳନ, ଖଣି ଖନନ ସମୟରେ ଭୂତଳରେ ଥିବା ତେଜସ୍କ୍ରିୟ ବସ୍ତୁ ବାହାରକୁ ଚାଲିଆସନ୍ତି। ଶକ୍ତି ଉତ୍ପାଦକ କାରଖାନାରୁ ନିର୍ଗତ ପାଉଁଶ ମଧ୍ୟ ତେଜସ୍କ୍ରିୟ ହେବା ସମ୍ଭବ। ଏଇ ଧରଣର ତେଜସ୍କ୍ରିୟତା 'ଉଦ୍ୟୋଗ ଦ୍ୱାରା ପରିବର୍ଦ୍ଧିତ ତେଜସ୍କ୍ରିୟ ସାମଗ୍ରୀ'କୁ (ଟେନୋର୍ମ ବା ଟେକ୍ନୋଲୋଜିକାଲି ଏନଲେନସ୍‌ଡ ନାଚୁରାଲି ଅକରିଂ ରେଡିଓ ଆକ୍ଟିଭ ମାଟେରିଆଲ୍‌ସ) ବୋଲି ଆଖ୍ୟା ଦିଆଯାଇଛି।''



ଆମେ ବାସ କରୁଥିବା ପୃଥିବୀର ବହିର୍ଭାଗ ସ୍ତର(କ୍ରଷ୍ଟ)ରେ ବିଭିନ୍ନ ବସ୍ତୁ ମଧ୍ୟରେ ୟୁରାନିୟମ, ରେଡିୟମ, ଥୋରିୟମ, ପୋଟାସିୟମ ପରି ତେଜସ୍କ୍ରିୟ ପଦାର୍ଥ ଭୂପୃଷ୍ଠର ଶିଳାମୟ ବାହାର ସ୍ତରରେ ବିଦ୍ୟମାନ। ଏମାନଙ୍କ ନାଭିକେନ୍ଦ୍ର (ନ୍ୟୁକ୍ଲିୟସ) ସ୍ଥିର ଭାବେ ରହି ନ ଥାନ୍ତି। ତେଜସ୍କ୍ରିୟତା ଦୃଷ୍ଟିରୁ ଏହି ତାଲିକାରେ ପୋଟାସିୟମ ସମସ୍ଥାନିକ (ଆଇସୋଟୋପ) ପୋଟାସିୟମ-୪୦କୁ ଅନ୍ତର୍ଭୁକ୍ତ କରାଯାଇପାରିବ। ପ୍ରସ୍ତର, ମୃତ୍ତିକା, ଭୂତଳ ଜଳରେ ଥିବା ୟୁରାନିୟମ ଓ ରେଡିୟମରେ ତେଜସ୍କ୍ରିୟ ସ୍ୱାଭାବିକ ଭାବେ ଘଟେ। ଶୃଙ୍ଖଳୀୟ କ୍ଷୟ (ଡିକେ ଚେଇନ୍) ମଧ୍ୟରେ ୟୁରାନିୟମରୁ ତେଜସ୍କ୍ରିୟ ରାଡାନ୍ ଗ୍ୟାସ୍ ଜାତ ହୁଏ। ସେତେବେଳେ ଆଲଫା, ବିଟା, ଗାମା ବିକିରଣ ହୋଇଥାଆନ୍ତି।

ରେଡିୟମ ଅଣୁର ନାଭିକେନ୍ଦ୍ର ପତନ ଘଟିବା ପରେ ଯେତେବେଳେ ଗୋଟିଏ ଆଲଫା କଣିକା ସେଥିରୁ ନିର୍ଗତ ହୋଇଯାଏ, ସେତେବେଳେ ମୂଳ ରେଡିୟମ ନ୍ୟୁକ୍ଲିଅସଟି ରାଡାନରେ ପରିଣତ ହୁଏ। ମାଟିର ରାସାୟନିକ ସଂରଚନା, ଭୂତଳ ଜଳ, ଗ୍ରାନାଇଟ୍ ପରି ପଥରରେ ରାଡାନ ପ୍ରବେଶ କରେ। ଏପରିକି ବିଭିନ୍ନ ଗୃହ, କାର୍ଯ୍ୟାଳୟ ଇତ୍ୟାଦିରେ ନିର୍ମାଣ ସକାଶେ ବ୍ୟବହୃତ ସାମଗ୍ରୀ, କାନ୍ଥ ମଧ୍ୟରେ ଥିବା ଫାଟରେ ଏହା ରହିଥାଏ।

ଉପରୋକ୍ତ ବସ୍ତୁମାନ ପ୍ରାକୃତିକ ଭାବେ ଉପଲବ୍ଧ ତେଜସ୍କ୍ରିୟ ପଦାର୍ଥ (ନର୍ମ, ଅର୍ଥାତ୍ ନାଚୁରାଲି ଅକରିଂ ରେଡିଓ ଆକ୍ଟିଭ ମେଟେରିଆଲ୍‌ସ) ଭାବରେ ନାମିତ। ଏତଦବ୍ୟତୀତ ବିଭିନ୍ନ ଶିଳ୍ପ ଓ କାରଖାନାର ବର୍ଜ୍ୟବସ୍ତୁ ତେଜସ୍କ୍ରିୟ ହୋଇଥାଆନ୍ତି। ତୈଳ ଓ କାରଖାନା ବର୍ଜ୍ୟବସ୍ତୁ ତେଜସ୍କ୍ରିୟ ହୋଇଥାଆନ୍ତି। ତୈଳ ଓ ଗ୍ୟାସ୍ ଉତ୍ତୋଳନ, ଖଣି ଖନନ ସମୟରେ ଭୂତଳରେ ଥିବା ତେଜସ୍କ୍ରିୟ ବସ୍ତୁ ବାହାରକୁ ଚାଲିଆସନ୍ତି। ଶକ୍ତି ଉତ୍ପାଦକ କାରଖାନାରୁ ନିର୍ଗତ ପାଉଁଶ ମଧ୍ୟ ତେଜସ୍କ୍ରିୟ ହେବା ସମ୍ଭବ। ଏଇ ଧରଣର ତେଜସ୍କ୍ରିୟତା 'ଉଦ୍ୟୋଗ ଦ୍ୱାରା ପରିବର୍ଦ୍ଧିତ ତେଜସ୍କ୍ରିୟ ସାମଗ୍ରୀ'କୁ (ଟେନୋର୍ମ ବା ଟେକ୍ନୋଲୋଜିକାଲି ଏନଲେନ୍‌ସ୍‌ଡ ନାଚୁରାଲି ଅକରିଂ ରେଡିଓ ଏକ୍ଟିଭ ମାଟିରିଆଲ୍‌ସ) ବୋଲି ଆଖ୍ୟା ଦିଆଯାଇଛି।

ବିଭିନ୍ନ ଉପାୟରେ ଉପଲବ୍ଧ ରାଡାନ ଗ୍ୟାସ୍ ଆମ ଶରୀରରେ ପ୍ରବେଶ କରିଥାଏ। ଚିକିତ୍ସାଶାସ୍ତ୍ରୀଙ୍କ ମତରେ ଏହି ଗ୍ୟାସ୍ ଆଘ୍ରାଣ କଲେ ଆମ ଫୁସଫୁସ୍‌ର ଅନ୍ତରାଚ୍ଛଦନରେ ଥିବା କୋଷ କ୍ଷତିଗ୍ରସ୍ତ ହୁଏ ଏବଂ ଏହା ପରିଶେଷରେ ଫୁସଫୁସ୍ କର୍କଟ (ଲଙ୍ଗ୍‌ସ କ୍ୟାନ୍‌ସର)। କାରଣ ହୋଇପାରେ। କହିବା ବାହୁଲ୍ୟ ଯେ, ତେଜସ୍କ୍ରିୟ ଗ୍ୟାସ୍ ଆମ ବାୟୁ ମଣ୍ଡଳରେ ଆଇଓନାଇଜେସନ (ଆୟନନ) ଘଟାଇଥାଏ। ଯେତେବେଳେ କୌଣସି ଅଣୁ ବା ପରମାଣୁରେ ଆୟନନ ଘଟେ ତାହାର ଋଣାତ୍ମକ ଓ ଧନାତ୍ମକ ଚାର୍ଜ ଆଉ ପୂର୍ବ ପରି ସମାନ ରହେ ନାହିଁ। ଚାର୍ଜରେ ଏହି ଅସମାନତା କାରଣରୁ ଏହା ଗୋଟିଏ ଆୟନ ହୋଇଯାଏ। ଏହା ଯୁକ୍ତାତ୍ମକ ବା ବିଯୁକ୍ତାତ୍ମକ ଆୟନ ହୋଇଥାଏ।

ଉପରୋକ୍ତ କାରଣମାନଙ୍କୁ ଆଖି ଆଗରେ ରଖି ବିଚାର କଲେ ସ୍ପଷ୍ଟ ହୁଏ ଯେ, ଭୂପୃଷ୍ଠର ନିକଟରେ ଆୟନନର ପ୍ରଭାବ ଅଧିକ ହେବ। ଭୂପୃଷ୍ଠରୁ ଯେତେ ଉପରକୁ ଗଲେ ଉକ୍ତ କାରଣମାନ କ୍ରମଶଃ ଶୂନ୍ୟରେ ପହଞ୍ଚିବ।

ଏମିତି ଧାରଣା ନେଇ କେତେକ ଗବେଷକ ବିଭିନ୍ନ ବୈଜ୍ଞାନିକ ଉପକରଣ ଉପଯୋଗ କରି ଆୟନନର ପରିମାଣ ଭିନ୍ନ ଜାଗାରେ ମାପିଲେ। ସେମାନଙ୍କର ମୂଳ ଲକ୍ଷ୍ୟ ଥିଲା, ବାୟୁମଣ୍ଡଳର ଯେତେ ଉପରକୁ ଯିବେ, ଆୟନନ ସେତେ ହ୍ରାସ ପାଉଛି କି ନାହିଁ ତାହା ଆକଳନ କରିବା।

ଏହି ପରିପ୍ରେକ୍ଷୀରେ କ୍ୟାଥଲିକ୍ ସମ୍ପ୍ରଦାୟଭୁକ୍ତ ସନ୍ନ୍ୟାସୀ ଫାଦର ଥିଓଡର ଉଲଫ (୧୮୬୮-୧୯୪୬, ଜନ୍ମସ୍ଥାନ : ହାମ୍ମ, ଉତ୍ତର ରାଇନ, ୱେଷ୍ଟ ଫାଲିଆ, ଜର୍ମାନୀ)ଙ୍କ କାର୍ଯ୍ୟକଳାପ ଅନୁଧ୍ୟାନଯୋଗ୍ୟ। ସେ ମାତ୍ର କୋଡ଼ିଏ ବର୍ଷ ବୟସରେ ଧର୍ମଯାଜକ ହୋଇପାରିଥିଲେ। କିନ୍ତୁ ସ୍ୱଭାବତଃ ପଦାର୍ଥ ବିଜ୍ଞାନ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିଲା। ସେ ଗୋଟିଂଗେନ୍ ବିଶ୍ୱବିଦ୍ୟାଳୟରେ ନିଜ ପସନ୍ଦର ବିଷୟ ପଦାର୍ଥ ବିଜ୍ଞାନ ବା ଫିଜିକ୍ସ ଅଧ୍ୟୟନ କଲେ। ସେହି ସମୟରେ (ପରବର୍ତ୍ତୀ କାଳରେ ୧୯୨୦ରେ ରସାୟନ ବିଜ୍ଞାନରେ ନୋବେଲ ବିଜେତା) ୱାଲଥେର ନେରେଷ୍ଟ ତାଙ୍କର ସହପାଠୀ ଥିଲେ। ପାଠପଢ଼ା ସାରି ଗୋଟିଏ ଖ୍ରୀଷ୍ଟୀୟ ବିଶ୍ୱବିଦ୍ୟାଳୟରେ ୧୯୦୪ରୁ ୧୯୧୪ ପର୍ଯ୍ୟନ୍ତ ସେ ଅଧ୍ୟାପକ ଭାବେ ନିଯୁକ୍ତ ହୋଇଥିଲେ। ୧୯୧୪ରୁ ୧୯୧୮ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱଯୁଦ୍ଧ ଘଟିବାରୁ ସେ ଅଧ୍ୟାପନାରୁ ବିରତ ନେଇ ପରେ ପରେ ୧୯୧୮ରୁ ୧୯୩୫ ପର୍ଯ୍ୟନ୍ତ ପୂର୍ବ କର୍ମ କ୍ଷେତ୍ରରେ ଯୋଗ ଦେଇଥିଲେ।

ଅଧ୍ୟାପନା କାଳରେ ବାୟୁମଣ୍ଡଳର ବିକିରଣ ସମ୍ବନ୍ଧରେ ଗବେଷଣା କରିବାରେ ମନ ଦେଲେ। ତାଙ୍କର ପରୀକ୍ଷାର ଉଦ୍ଦେଶ୍ୟ ହେଉଛି ବାୟୁରେ ଥିବା ଅସମତୁଲ ଚାର୍ଜଯୁକ୍ତ କଣିକା ଅର୍ଥାତ୍ ଆୟନନର ପରିମାଣ ନିର୍ଦ୍ଧାରଣ କରିବା, ଏଥିରେ ସଫଳ ହେବା ସକାଶେ ସେ ନିଜ ଉଦ୍ୟମରେ ଗୋଟିଏ ଉନ୍ନତମାନର ସମ୍ବେଦନଶୀଳ ଇଲେକ୍ଟ୍ରୋମିଟର ନିର୍ମାଣ କଲେ। ଏହି ଉପକରଣ ବ୍ୟବହାର କରି ଭୂପୃଷ୍ଠର ବିଭିନ୍ନ ସ୍ଥାନରେ ଆୟନନର ସଂଖ୍ୟା ନିରୂପଣ କଲେ। ତାଙ୍କ ନିର୍ବାଚିତ ସ୍ଥାନମାନଙ୍କ ମଧ୍ୟରେ ପର୍ବତ ଆରୋହଣକାରୀଙ୍କ ପସନ୍ଦଯୋଗ୍ୟ ସୁଇଜରଲାଣ୍ଡର ବହୁ ଉଚ୍ଚରେ ଅବସ୍ଥିତ ଜେରମାଟ ଅନ୍ତର୍ଭୁକ୍ତ ଥିଲା। ଜାଗା ଅଲଗା ହେଲେ ଆୟନନର ପରିମାଣ କେମିତି ପରିବର୍ତ୍ତିତ ହୁଏ, ତାହା ଜାଣିବା ପାଇଁ ସେ ଉତ୍ସୁକ ଥିଲେ। ସେ ଫ୍ରାନ୍ସର ରାଜଧାନୀରେ ଅବସ୍ଥିତ ଆଇଫଲ ଟାୱାରରେ ମଧ୍ୟ ପରୀକ୍ଷା କଲେ। ଲୌହ ନିର୍ମିତ ଏହି ଟାୱାରର ଉଚ୍ଚତା ଥିଲା ୩୨୪ ମିଟର। ଇଲେକ୍ଟ୍ରୋମିଟର ଦ୍ୱାରା ଆୟନନର ପରିଚୟନ ଟାୱାରର ନିମ୍ନ ଭାଗ ଓ ସର୍ବୋଚ୍ଚ ସ୍ଥଳରେ କଲେ।

ଉଲଫ ପ୍ରଥମେ ଅନୁମାନ କରିଥିଲେ ଯେ, ବାୟୁମଣ୍ଡଳର ଆୟନନ ଉଚ୍ଚକୁ ଗଲେ ହ୍ରାସ ପାଇବ। ସେ ଲଗାତର ଚାରି ଦିନ ଧରି ଏଗାରଟାରୁ ସନ୍ଧ୍ୟା ପାଞ୍ଚଟା ଯାଏ ପରିଚୟକ (ଡିଟେକ୍ଟର) ବିଶ୍ଳେଷଣ କଲେ। ଭୂପୃଷ୍ଠଠାରୁ ଉଚ୍ଚରେ ପହଞ୍ଚିଲେ ଅବଶ୍ୟ ଆୟନନ କମୁଥାଏ, କିନ୍ତୁ ଯେଉଁ ପରିମାଣରେ ହ୍ରାସ ପାଇବା କଥା, ତାହା ପୁଷ୍ଟ ହେଲା ନାହିଁ। ତାଙ୍କ ମନରେ ସନ୍ଦେହ ଜାତ ହେଲା ଯେ ସମ୍ଭବତଃ ପୃଥିବୀରେ ଥିବା ତେଜସ୍କ୍ରିୟ ବସ୍ତୁ ଆୟନନ ପାଇଁ ଏକମାତ୍ର କାରଣ ହୋଇ ନ ପାରେ। ସବୁ ପ୍ରକାର ସମ୍ଭାବନା ଦୂର କରିବା ଉଦ୍ଦେଶ୍ୟରେ ସେ ଆଇଫଲ ଟାୱାରରେ ନିର୍ମାଣ ସାମଗ୍ରୀ ଭାବେ ବ୍ୟବହୃତ ଲୁହାଗୁଡ଼ିକୁ ପରୀକ୍ଷା କଲେ। କାରଣ କାଳେ ତାହା ତେଜସ୍କ୍ରିୟ ହୋଇ ହୁଏତ ତେଜସ୍କ୍ରିୟତାରୁ ଅତିରିକ୍ତ ଆୟନ ଜାତ କରୁଥିବ। (କ୍ରମଶଃ...)

-ବଡ଼ଖେମୁଣ୍ଡି ବାଲୋଂ, ଉତ୍କଳ ଆଶ୍ରମ ରୋଡ୍, ବ୍ରହ୍ମପୁର
ମୋ : ୯୦୭୮୭୪୩୮୪୩

## କିଡ୍‌ନୀର ଅକ୍ଷମତା ସମ୍ପର୍କରେ...



କିଡ୍‌ନୀ ଏପରି ଏକ ଅଙ୍ଗ, ଯାହାର କାର୍ଯ୍ୟ ଅକ୍ଷମତା ଅନେକ ଡେରିରେ ଧରାପଡ଼େ। ଅଙ୍ଗଟି ପ୍ରାୟ ୮୦-୯୦ ଶତାଂଶ ଅକ୍ଷମ ନ ହୋଇପଡ଼ିବା ପର୍ଯ୍ୟନ୍ତ ରୋଗୀକୁ ସେ ସମ୍ପର୍କରେ କିଛି ଜଣାପଡ଼େନି। ପୁଣି ଅନେକ କ୍ଷେତ୍ରରେ ଗୋଟିଏ କିଡ୍‌ନୀ କାର୍ଯ୍ୟରହିତ ହୋଇପଡ଼ିଥିଲେ ମଧ୍ୟ ଅନ୍ୟ କିଡ୍‌ନୀଟି ସନ୍ତୋଷଜନକ ଭାବରେ କାର୍ଯ୍ୟ କରି ଚାଲିଥିବାରୁ କିଡ୍‌ନୀ ଅସୁସ୍ଥତା ବିଷୟରେ କୌଣସି ସୂଚନା ନ ମିଳିବା କିଛି ଅସ୍ୱାଭାବିକ ନୁହେଁ। ଦୁଇଟିଯାକ କିଡ୍‌ନୀ ସୁସ୍ଥ ଭାବରେ କାମ କରି ଚାଲିଥିବାବେଳେ ବିଭିନ୍ନ କାରଣବଶତଃ ଏହା ହଠାତ୍ ଅକାମୀ ହୋଇପଡ଼େ। ଏପରି ଅବସ୍ଥାକୁ କୁହାଯାଏ 'ଆକ୍ୟୁଟ ରେନାଲ ଫେଲ୍ୟୁଓର୍' ବା ଏ.ଆର୍.ଏଫ୍.। କିଡ୍‌ନୀ ମଧ୍ୟ ଦେଇ ଯଥେଷ୍ଟ ରକ୍ତ ପ୍ରଭାବିତ ହୋଇ ନ ପାରିବା ଯୋଗୁ ଏହାର ଅକ୍ଷମତା ଉପୁଜେ। ପରିସ୍ରାର ପରିମାଣ କମିଯିବା, ଅଇ ଉଠାଇବା, ବାନ୍ତି ହେବା, ଭୋକ ମରିଯିବା , ଦୁର୍ବଳତା ଅନୁଭବ କରିବା, ନିଦୁଆ ଲାଗିବା, ଶ୍ୱାସକଷ୍ଟ ହେବା, ପାଦ ଫୁଲିବା ଆଦି ଏହାର କେତୋଟି ପ୍ରମୁଖ ଲକ୍ଷଣ।

## ଯକ୍ଷ୍ମା : ଲକ୍ଷଣ, ଚିକିତ୍ସା



ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ସବୁରୋଗୀଙ୍କଠାରେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଲକ୍ଷଣଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ଲାଗି ରହିପାରେ। ସାଧାରଣତଃ ସନ୍ଧ୍ୟା ସମୟରେ ଜ୍ୱର ଆସିଥାଏ। ରାତିରେ ଝାଳ ବୁହେ। ଛାତିରେ ଯନ୍ତ୍ରଣା ହୋଇପାରେ। ଭୋକ ମରିଯାଏ। ଖୁବ୍ ହାଲିଆ ଲାଗେ। ଓଜନ କମିଯାଏ। ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥେସ୍କୋପ ସାହାଯ୍ୟରେ ରୋଗୀର ଫୁସଫୁସ ପରୀକ୍ଷା କରିଥାଆନ୍ତି। ଚର୍ମ ତଳେ ଇଞ୍ଜେକଶନ ଦେଇ ମାଣ୍ଟ ପରୀକ୍ଷା କରାଯାଏ। ଏହାବ୍ୟତୀତ ରକ୍ତ ପରୀକ୍ଷା ଏବଂ ଛାତିର ଏକ୍ସ-ରେ ମଧ୍ୟ କରାଯାଏ। ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। ଏବେ ଡାଇରେକ୍ଟଲି ଅବଜର୍ଭଡ ଥେରାପି ବା 'ଡଟ୍' (ଡିଓଟି) ପଦ୍ଧତିରେ ଚିକିତ୍ସା କରି ସୁଫଳ ମିଳୁଛି।

## ଉନ୍ନତ ଜୀବନଶୈଳୀ ପାଇଁ...



ଉତ୍ତମ ଚିନ୍ତାଧାରା ସହ ସୁସ୍ଥ ଜୀବନଯାପନ କରିବାକୁ କିଏ ବା ନ ଚାହେଁ ? ହେଲେ ସବୁବେଳେ ତାହା ପ୍ରାୟ ସମ୍ଭବ ହୋଇ ନ ଥାଏ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇଥାଉ। ଠିକ୍ ଭୁଲ୍‌ର ରାସ୍ତା ଜାଣି ନ ପାରି ଅଯଥା ଭୁଲ କରିଥାଉ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ପଡ଼ି ବାଟବଣା ହୋଇଯାଉ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ କରିବାକୁ ପଡିବ। ଜୀବନରେ ଆସୁଥିବା ନକାରାତ୍ମକ ଭାବନାକୁ ନେଇ ଚିନ୍ତିତ ହେବା ପରିବର୍ତ୍ତେ କିପରି ଭାବନା ସକାରାତ୍ମକ ରହିବ ସେ ନେଇ ଚେଷ୍ଟା କରନ୍ତୁ। ତେଣୁ ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ସେମାନଙ୍କ ସହ ମିଠା ମିଠା କଥା ହୋଇ ନିଜର ସକାରାତ୍ମକ ଅନୁଭୂତି ବାଣ୍ଟନ୍ତୁ। ଏହାବ୍ୟତୀତ ନିଜକୁ ହସଖୁସି ମଧ୍ୟରେ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିଥାଏ। ଟେନସନ ଏବଂ ଅବସାଦଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। କୌଣସି ସମସ୍ୟାରେ ବିଚଳିତ ନ ହୋଇ ତାହାର ସମାଧାନ କରନ୍ତୁ। ଉନ୍ନତ ଜୀବନଶୈଳୀ ପାଇଁ ନିଜକୁ ମାନସିକ ସ୍ତରରେ ଦୃଢ଼ ରଖନ୍ତୁ। ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ।

## ସହଜରେ ଦୂର ହେବ ଆଲର୍ଜି ସମସ୍ୟା



ଆଲର୍ଜି ସମସ୍ୟା ସହ ଜଡିତ କି? ଯଦି ଏଥିରୁ କେତେକାଂଶରେ ଉପଶମ ଲାଭ କରିବାକୁ ଚାହୁଁଛନ୍ତି ତେବେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍-ଇ ସାମିଲ କରନ୍ତୁ। ଏହି ଭିଟାମିନ୍ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ବିଶେଷ ଭାବରେ ଏଥିରେ ଥିବା ସ୍ୱାସ୍ଥ୍ୟୋପକାରୀ ଗୁଣ ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଆଲର୍ଜି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ଏହାର ପରିସଭୁକ୍ତ କରାଯାଇଥିଲା। ସେମାନଙ୍କୁ ନିୟମିତ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇବାକୁ ଦେବାରୁ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହା କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ରଖିବା ସହ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖି ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।

## ସକାରାତ୍ମକ ରହିବ ମାନସିକତା

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ସ୍ୱାସ୍ଥ୍ୟ ସୂଚନା

➤ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।

➤ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



➤ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ ଏବଂ ଓଜନ କମିବା ଭଳି ବ୍ୟାୟାମ କରନ୍ତୁ।

➤ଘରେ ଯଦି କୌଣସି ଔଷଧ ରଖିଛନ୍ତି ତେବେ ତାହାର ଏକ୍ସପାଏରି ତାରିଖ ପ୍ରତି ସଚେତନ ରୁହନ୍ତୁ।

➤ବୟସ ୪୦ ଟପିଲେ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏହି ସମୟରେ ଡାଇବେଟିସ୍, ବ୍ଲଡପ୍ରେସର ବ୍ୟତୀତ ବର୍ଷକୁ ଅତିକମ୍‌ରେ ଥରେ ସମ୍ପୂର୍ଣ୍ଣ ଶରୀର ପରୀକ୍ଷା କରାଇ ନିଅନ୍ତୁ।

## ବୋଷ-ଆଇନଷ୍ଟାଇନ ଘନୀଭବନ ତତ୍ତ୍ୱ

(ଶେଷ ଭାଗ)

ଏହି ଅବସ୍ଥାକୁ 'ବୋଷ-ଆଇନଷ୍ଟାଇନ ଘନୀ ଭବନ' କୁହାଯାଏ। ଏହା ବିଭିନ୍ନ ତରଳ କିମ୍ବା ଗ୍ୟାସୀୟ ଅବସ୍ଥା ନୁହେଁ। ଏହା ହେଉଛି ପଦାର୍ଥର ଗୋଟିଏ ନୂତନ ଅବସ୍ଥା। ବୋଷ-ଆଇନଷ୍ଟାଇନ୍ ଘନୀଭବନ ହେଉଛି ପଦାର୍ଥ ବିଜ୍ଞାନର ଏକ ଉଲ୍ଲେଖନୀୟ ସିଦ୍ଧାନ୍ତ। ଏଥିପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ବୋଷଙ୍କ ନାମ ଅନେକ ଥର ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ତାଙ୍କୁ ଏହା ପ୍ରଦାନ କରାଯାଇ ନ ଥିଲା। କାରଣ ଏହା ଏକ ତାତ୍ତ୍ୱିକ ଆବିଷ୍କାର ଥିଲା। ବହୁ ବର୍ଷ ପର୍ଯ୍ୟନ୍ତ ଏହାକୁ ପରୀକ୍ଷାଗାରରେ କେହି ପ୍ରମାଣ କରି ପାରି ନ ଥିଲେ। ଅତି କମ୍ ତାପମାତ୍ରା ପର୍ଯ୍ୟନ୍ତ ଥଣ୍ଡା କରି ହେଉ ନ ଥିବାରୁ ପରୀକ୍ଷାଗାରରେ ଏହି ଅବସ୍ଥାକୁ କେହି ପାଇପାରୁ ନ ଥିଲେ। କୌଣସି ତାତ୍ତ୍ୱିକ ଆବିଷ୍କାର ପରୀକ୍ଷାମୂଳକ ଭାବରେ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ଏହାକୁ ସାଧାରଣତଃ ନୋବେଲ ପୁରସ୍କାର ପାଇଁ ବିଚାର କରାଯାଏ ନାହିଁ। ଆଇନଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱ ହେଉଛି ଏହାର ଏକ ଉଦାହରଣ। ଏହାକୁ ପରୀକ୍ଷା ଦ୍ୱାରା ପ୍ରମାଣ କରାଯାଇ ନ ପାରିବାରୁ ଏହି ତତ୍ତ୍ୱ ଯେତେ ପ୍ରସିଦ୍ଧି ଲାଭ କରିଥିଲେ ସୁଦ୍ଧା ଆଇନଷ୍ଟାଇନଙ୍କୁ ଏଥିପାଇଁ ନୋବେଲ ପୁରସ୍କାର ଦିଆ ନ ଯାଇ ତାଙ୍କର 'ଆଲୋକ ବିଦ୍ୟୁତ ପ୍ରଭାବ' ପାଇଁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଇଂଲଣ୍ଡର ପିଟର ହିଗ୍‌ସ ୧୯୬୪ ମସିହାରେ ତାତ୍ତ୍ୱିକ ଭାବରେ ହିଗ୍‌ସ ବୋଷୋନର ପୂର୍ବାନୁମାନ କରିଥିଲେ, ମାତ୍ର ୨୦୧୨ ମସିହାରେ ଏହାକୁ ସର୍ନର ପରୀକ୍ଷାଗାରରେ ଚିହ୍ନଟ କରିବା ପରେ ତାଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଦିଆଗଲା।




୧୯୯୫ ମସିହା ଜୁନ୍ ୫ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ଏରିକ୍ କର୍ଣ୍ଣେଲ ଓ କାର୍ଲ ଉଇମାନ ଏବଂ ଜର୍ମାନୀର ଉଲଫଗାଙ୍ଗ କେଟର୍ଲି ଲେଜର ଚୁମ୍ବକ ସାହାଯ୍ୟରେ କ୍ଷେତ୍ର ପ୍ରସ୍ତୁତ କରି ରୁବିଡିୟମର ପରମାଣୁକୁ ଧରି ରଖିବାର ଉପାୟ ବାହାର କଲେ ଏବଂ ଏହାକୁ ପରମ ଶୂନ୍ୟ (ବିଯୁକ୍ତ ୨୭୩.୧୫ ଡିଗ୍ରୀ ସେଲସିୟସ) ନିକଟବର୍ତ୍ତୀ ତାପମାତ୍ରା ପର୍ଯ୍ୟନ୍ତ ଥଣ୍ଡା କରି ବୋଷ-ଆଇନଷ୍ଟାଇନ ଘନୀଭବନକୁ ପରୀକ୍ଷାମୂଳକ ଭାବେ ପ୍ରମାଣ କଲେ। ସେଥିପାଇଁ ଏହି ତିନି ଜଣ ବୈଜ୍ଞାନିକଙ୍କୁ ୨୦୦୧ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହାପରେ ପୃଥିବୀର ଅନେକ ପରୀକ୍ଷାଗାରରେ ବୋଷ-ଆଇନଷ୍ଟାଇନ ଘନୀଭବନ ପ୍ରସ୍ତୁତ ହୋଇଛି। ଆମ ଦେଶରେ ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନର ସି.ଏସ୍. ଉନ୍ନିକ୍ରିଷ୍ଣନ ଏବଂ ତାଙ୍କର ଦୁଇ ସହଯୋଗୀ ଗବେଷକ ଛାତ୍ର ୨୦୦୭ ମସିହାରେ ଅଙ୍ଗାରକାମ୍ଳ ଲେଜର ସାହାଯ୍ୟରେ ରୁବିଡିୟମ ପରମାଣୁରୁ ଏହା ପ୍ରସ୍ତୁତ କରିଥିଲେ।

-ଇଂ. ମାୟାଧର ସ୍ୱାଇଁ, ୭୦, ଲକ୍ଷ୍ମୀବିହାର, ଫେଜ୍ ୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଉପ-ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥାଇଥାନ, ଅନୁଗୋଳ

## ପ୍ରେସ୍ ଇସ୍ତାହାର

No.XXIX-03:- ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡିପଦା ତହସିଲ ଅନ୍ତର୍ଗତ ରାଇଝରଣ, କାଉଁଶିଢ଼ିପ ଓ ଗୋଳାଗାଡ଼ିଆ ମୌଜାର ଉତ୍କଳ B1, B2 ଓ C କୋଇଲା ଖଣି ନିମନ୍ତେ ହୋଇଥିବା ଭୂ-ଅଧିଗ୍ରହଣରେ Project Displaced Families (PDF) ତାଲିକାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ଆବେଦନ କରିଥିବା ସମସ୍ତ ମାମଲାର ଜିଲ୍ଲାପାଳ, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ, ଅନୁଗୋଳଙ୍କ ତତ୍ତ୍ୱାବଧାନରେ ତଦନ୍ତ ଓ ଶୁଣାଣି କରାଯାଇ (PDF) ତାଲିକାଭୁକ୍ତ ନିମନ୍ତେ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କର ସବିଶେଷ ତାଲିକା ନିମ୍ନରେ ପ୍ରଦତ୍ତ କରାଗଲା ।

ନିମ୍ନ ପ୍ରଦତ୍ତ ତାଲିକାରେ କୌଣସି ବ୍ୟକ୍ତିଙ୍କର ଯଦି କୌଣସି ଦାବି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶନର ଦଶ ଦିନ ମଧ୍ୟରେ ଜିଲ୍ଲା କାର୍ଯ୍ୟାଳୟର ପୁନର୍ବାସ ଓ ଥଇଥାନ ଉପ-ବିଭାଗରେ ଅଭିଯୋଗ ପ୍ରଦାନ କରିପାରିବେ ।

ସ୍ୱା./- ଅତିରିକ୍ତ ଜିଲ୍ଲାପାଳ-ତଥା-ପ୍ରକଳ୍ପ ନିର୍ଦ୍ଦେଶକ
ପୁନର୍ବାସ ଓ ଥଇଥାନ, ଅନୁଗୋଳ

### Eligible PDFs list of village Raijharan, Golagadia & Kaunsidhipa under Utkal C, Utkal B1 & B2

| Sl No. | Family Members of Awardee | Father / Husband Name | Village |
|---|---|---|---|
| 1 | Ashanti Nayak | Arakhita Nayak | Raijharan |
| 2 | Sambari Palei | Katu Palei | Raijharan |
| 3 | Aruni Majhi | Arjun Majhi | Raijharan |
| 4 | Karan Gochhayat | Mulia Gochhayat | Raijharan |
| 5 | Rinki Roul | Bijaya Roul | Raijharan |
| 6 | Alok Ranjan Sahu | Dinabandhu Sahu | Raijharan |
| 7 | Sonali Sahu | Dinabandhu Sahu | Raijharan |
| 8 | Subhadra Majhi | Golekha Majhi | Raijharan |
| 9 | Pintu Sahu | Tripura Sahu | Raijharan |
| 10 | Sipi Nayak | Prashna Nayak | Raijharan |
| 11 | Tapomaya Dehury | Prashna Dehury | Raijharan |
| 12 | Chandrakanta Sahu | Anama Sahu | Raijharan |
| 13 | Akash Kumar Barik | Abhaya Kumar Barik | Raijharan |
| 14 | Swagatika Sahu | Lambodar Sahu | Raijharan |
| 15 | Ayush Pradhan | Aswin Pradhan | Raijharan |
| 16 | Gouranga Sahu | Dambarudhar Sahu | Raijharan |
| 17 | Titu Sahu | Dambarudhar Sahu | Raijharan |
| 18 | Biranchi Sahu | Ekadusia Sahu | Raijharan |
| 19 | Bikash Ch. Sahu | Biranchi Sahu | Raijharan |
| 20 | Nirmal Kumar Sahu | Biranchi Sahu | Raijharan |
| 21 | Babul Kumar Sahu | Biranchi Sahu | Raijharan |
| 22 | Sunil Kumar Sahu | Karunakar Sahu | Raijharan |
| 23 | Subrat Sahu | Krushna Ch. Sahu | Raijharan |
| 24 | Pinku Roul | Ajaya Kumar Roul | Raijharan |
| 25 | Sumati Sahu | W/o Late Kalu Sahu, S/o Uchhab Sahu | Raijharan |
| 26 | Sumanta Nayak | Pitabas Nayak | Raijharan |
| 27 | Pranayani Dehury | W/o Late Buncharan Dehury, S/o Lochan | Raijharan |
| 28 | Arati Sahu | Rabindra Sahu | Raijharan |
| 29 | Sumitra Majhi | Alekh Majhi | Raijharan |
| 30 | Babul Kumar Nayak | Bhabagrahi Nayak | Raijharan |
| 31 | Anita Garnayak | Mayadhar Garnayak | Raijharan |
| 32 | Sipun Garnayak | Mayadhar Garnayak | Raijharan |
| 33 | Jamuna Gochhayat | Manu Gochhayat | Raijharan |
| 34 | Belaram Pradhan | Basant Kumar Pradhan | Raijharan |
| 35 | Basant Pradhan | Dibakar Pradhan | Raijharan |
| 36 | Sima Gochhayat | Bira Gochhayat | Raijharan |
| 37 | Monalisha Gochhyat | Santosh Gochhayat | Raijharan |
| 38 | Soumay Sucharita Dehury | Gokulananda Dehury | Raijharan |
| 39 | Rojalin Gochhayat | Babaji Gochhayat | Raijharan |
| 40 | Baijayanti Gochhayat | Babaji Gochhayat | Raijharan |
| 41 | Archana Naik | Nirmal Naik | Raijharan |
| 42 | Ajaya Kumar Naik | Babaji Naik | Raijharan |
| 43 | Lipun Garnayak | Banamali Garnayak | Raijharan |
| 44 | Gunjalata Barik | W/o Pravakar Barik (Awardee) | Raijharan |
| 45 | Jinurani Roul | Hrushikesh Roul | Raijharan |
| 46 | Anita Sahu | Bhagirathi Sahu | Raijharan |
| 47 | Sunil Majhi | Alekha Majhi | Raijharan |
| 48 | Bikash Palei | Abhaya Palei | Raijharan |
| 49 | Krishna Nanda Barik | Binod Barik | Raijharan |
| 50 | Laxmipriya Naik | Pitambar Naik | Raijharan |
| 51 | Prashnna Behera | Prafulla Behera | Raijharan |
| 52 | Puja Behera | Pabitra Behera | Raijharan |
| 53 | Namita Dehury | Nidhi Dehury | Raijharan |
| 54 | Sasmita Dehury | Srinibas Dehury | Raijharan |
| 55 | Sibani Barik | Ananda Barik | Raijharan |
| 56 | Rasmita Palei | Bhuban Palei | Raijharan |
| 57 | Anita Naik | Nirmal Naik | Raijharan |
| 58 | Bishnupriya Majhi | Lochan Majhi | Raijharan |
| 59 | Kulamani Bhutia | Kartika Bhutia | Raijharan |
| 60 | Suresh Chandra Bhutia | Bharat Bhutia | Raijharan |
| 61 | Sraban Kumar Bhutia | Kishore Chandra Bhutia | Raijharan |
| 62 | Amulya Bhutia | Arjun Bhutia | Raijharan |
| 63 | Prasant Bhutia | Dhruba Bhutia | Raijharan |
| 64 | Pratap Bhutia | Dhruba Bhutia | Raijharan |
| 65 | Susant Bhutia | Dhruba Bhutia | Raijharan |
| 66 | Dhruba Bhutia | Dina Bhutia | Raijharan |
| 67 | Arati Bhutia | W/o Late Krushna Chandra Bhutia | Raijharan |
| 68 | Nilamani Bhutia | Kartika Bhutia | Raijharan |
| 69 | Kishori Bhutia | Bharat Bhutia | Raijharan |
| 70 | Abhaya Bhutia | Arjun Bhutia | Raijharan |
| 71 | Arjun Bhutia | Kartika Bhutia | Raijharan |
| 72 | Priyanka Priyadarshini | Tankadhar Sahu | Raijharan |
| 73 | Nitish Dehury | Nabakishor Dehury | Raijharan |
| 74 | Ashutosh Pradhan | Duryodhan Pradhan | Raijharan |
| 75 | Ambuja Sahu | Prafulla Sahu | Raijharan |
| 76 | Pratikhya Priyadarshini Sahu | Tankadhar Sahu | Raijharan |
| 77 | Mira Bhutia | W/o Tapan Kumar Bhutia | Raijharan B2 |
| 78 | Kanchan Dehury | W/o Maheswar Dehury | Raijharan B2 |
| 79 | Brundaban Sahu | S/o Sadananda Sahu | Raijharan B2 |
| 80 | Kandarpa Sahu | S/o Baishnab Sahu | Raijharan B2 |
| 81 | Sumanta Sahu | S/o Sadananda Sahu | Raijharan B2 |
| 82 | Dushasan Sahu | S/o Sadananda Sahu | Raijharan B2 |
| 83 | Sadanada Sahu | S/o Baishnab Sahu | Raijharan B2 |
| 84 | Rasmiranjan Sahu | S/o Brundaban Sahu | Raijharan B2 |
| 85 | Manoj Kumar Sahu | S/o Kandarpa Sahu | Raijharan B2 |
| 86 | Rajib Lochan Sahu | S/o Shrikant Sahu | Raijharan B2 |
| 87 | Narayan Sahu | S/o Bhaskar Sahu | Raijharan B2 |
| 88 | Nirkara Sahu | S/o Baishnaba Sahu | Raijharan B2 |
| 89 | Bhaskar Sahu | S/o Baishnaba Sahu | Raijharan B2 |
| 90 | Charan Sahu | S/o Nirakara Sahu | Raijharan B2 |
| 91 | Hrusikesh Sahu | S/o Nirakara Sahu | Raijharan B2 |
| 92 | Srikanta Sahu | S/o Bhaskar Sahu | Raijharan B2 |
| 93 | Raibari Dehury | Panchu Dehury | Raijharan B1 |
| 94 | Sasmita Naik | Sadhu Charan Naik | Raijharan B1 |
| 95 | Bhabani Sankar Sahu | S/o Kandarpa Sahu | Kaunsidhipa B2 |
| 96 | Soumya Ranjan Barik | S/o Bidyadhar Bark | Kaunsidhipa B2 |
| 97 | Niranjan Prusti | S/o Prafulla Kumar Prusti | Raijharan B2 |
| 98 | Biswajit Nayak | S/o Baishnab Nayak | Golagadia B2 |
| 99 | Prafulla Kumar Prusti | S/o Biswanatha Prusti | Raijharan B2 |
| 100 | Rajesh Sethy | S/o Ramesh Sethy | Raijharan B2 |
| 101 | Nikita Barik | D/o Amulya Barik | Kaunsidhipa B2 |
| 102 | Baistamba Nayak | S/o Gangadhar Nayak | Golagadia B2 |
| 103 | Binod Bihari Sahu | S/o Nirakara Sahu | Raijharan B2 |
| 104 | Mandakinee Sahu | D/o Gobinda Ch. Sahu | Raijharan B2 |
| 105 | Sidhanta Ku. Sahu | S/o Binodbihari Sahu | Raijharan B2 |
| 106 | Amit Ranjan Sahu | S/o Charan Sahu | Kaunsidhipa B2 |
| 107 | Debasish Roul | S/o Kunjabihari Roul | Raijharan B2 |
| 108 | Kumud Sahu | S/o Kandarpa Sahu | Raijharan B2 |
| 109 | Maheswata Pradhan | D/o Sharat Kumar Pradhan | Raijharan B1 |
| 110 | Kuna Sahu | S/o Kandarpa Sahu | Raijharan B2 |
| 111 | Debanshi Akantika Sahu | S/o Basistha Kumar Sahu | Raijharan B1 |
| 112 | Sankar Behera | S/o Madhu Behera | Raijharan B1 |
| 113 | Sudhakar Behera | S/o Madhu Behera | Raijharan B1 |
| 114 | Nirmal Nayak | S/o Kastu Nayak | Golagadia B2 |
| 115 | Lipika Raul | D/o Bijaya Raul | Raijharan B2 |
| 116 | Subhash Sahu | S/o Suresh Sahu | Raijharan B1 |
| 117 | Rachita Sahu | D/o Karunakara Sahu | Kanshidhipa B1 |
| 118 | Suresh Sahoo | S/o Kathi Sahoo | Raijharan B1 |
| 119 | Bidyadhara Behera | S/o Maguni Behera | Raijharan B1 |
| 120 | Subhajyotsna Sahu | D/o Soubhagya Sahu | Kanshidhipa B1 |
| 121 | Dillip Kumar Bhutia | S/o Tapan Kumar Bhutia | Kanshidhipa B2 |
| 122 | Dusmanta Sahu | S/o Suresh Sahu | Kanshidhipa B1 |
| 123 | Kainta Sahu | D/o Dwari Sahu | Raijharan B2 |
| 124 | Abhijit Pradhan | S/o Anil Kumar Pradhan | Kanshidhipa |
| 125 | Manisha Gochhayat | D/o Santosh Gochhayat | Raijharan B1 |
| 126 | Dharanidhar Barik | S/o Sarat Chandra Barik | Kanshidhipa |
| 127 | Rina Nayak | S/o Kali Ch. Nayak | Raijharan B2 |
| 128 | Bunucharan Sethi | S/o Ramesh Chandra Sethi | Golagadia B2 |
| 129 | Billi Nayak | S/o Kishori Nayak | Golagadia B2 |
| 130 | Ramesh Chandra Sethi | S/o Tanguru Sethi | Raijharan B2 |
| 131 | Chandrabati Pradhan | W/o Nilakanta Pradhan | Raijharan B2 |
| 132 | Swartisolani | D/o Dhaneswar Barik | Raijharan B1 |
| 133 | Rajmilan Barik | S/o Prakash Chandra Barik | Raijharan B2 |
| 134 | Barsharani Barik | D/o Bidyadhar Barik | Kanshidhipa B2 |
| 135 | Supriya Bairk | D/o Prakash Chandra Barik | Raijharan B2 |
| 136 | Meena Nayak | W/o Ghanashyam Nayak | Golagadia C |
| 137 | Muni Bhutia | D/o Tapan Kumar Bhutia | Raijharan B2 |
| 138 | Lavesh Kumar Sahu | S/o Basistha Kumar Sahu | Raijharan B1 |
| 139 | Binayak Sahu | S/o Balaram Sahu | Kanshidhipa C |
| 140 | Pabitra Dehury | S/o Arjuna Dehury | Raijharan B2 |
| 141 | Khaga Dehury | S/o Arjuna Dehury | Raijharan B2 |
| 142 | Biren Dehury | S/o Srimukha Dehury | Raijharan B2 |
| 143 | Kedara Dehury | S/o Khaga Dehury | Raijharan B2 |
| 144 | Manas Dehury | S/o Khaga Dehury | Raijharan B2 |
| 145 | Mahargi Dehury | W/o Dhanu Dehury | Raijharan B2 |
| 146 | Gunanidhi Dehury | S/o Dhanu Dehury | Raijharan B2 |
| 147 | Abhimanyu Dehury | S/o Dhanu Dehury | Raijharan B2 |
| 148 | Pinki Roul | D/o Ajaya Roul | Raijharan B2 |
| 149 | Bijuli Bhutia | D/o Dina Bhutia | Raijharan C |

ସ୍ୱା./- ଅତିରିକ୍ତ ଜିଲ୍ଲାପାଳ-ତଥା-ପ୍ରକଳ୍ପ ନିର୍ଦ୍ଦେଶକ
ପୁନର୍ବାସ ଓ ଥଇଥାନ, ଅନୁଗୋଳ

### Ineligible PDFs list of Raijharan, Kaunsidhipa & Golagadia under Utkal - B1, B2 & C

| Sl No. | Name of the Applicant | Father's Name | Village |
|---|---|---|---|
| 1 | Rahul Nayak | Prashna Nayak | Golagadia |
| 2 | Bhumika Gochhayat | Bhuban Gochhayat | Raijharan |
| 3 | Sangram Gochhayat | Trinath Gochhayat | Raijharan |
| 4 | Suchitra Gochhayat | Trinath Gochhayat | Raijharan |
| 5 | Lipan Sahu | Padma Charan Sahu | |
| 6 | Kanchan Naik | W/o Mani Naik | Raijharan |
| 7 | Subhasman Dehury | Pratap Dehury | Raijharan |
| 8 | Akash Pradhan | Khirod Pradhan | Raijharan |
| 9 | Birendra Naik | Abhiram Naik | Raijharan |
| 10 | Surati Gochayat | Benu Gochhayat | Raijharan |
| 11 | Samrat Gochhayat | Sujan Gochhayat | Raijharan |
| 12 | Suratha Naik | Purandra Naik | Raijharan |
| 13 | Susant Nayak | Purandra Naik | Raijharan |
| 14 | Brundi Naik | W/o Purandra Naik | Raijharan |
| 15 | Sushil | Purandra Naik | Raijharan |
| 16 | Debaraj Naik | Ramesh Ch Naik | Raijharan |
| 17 | Liza Gochhayat | Dushasan Gochhayat | Raijharan |
| 18 | Sobha Nayak | W/o Panchanan Nayak | Raijharan |
| 19 | Bari Dehury | W/o Late Tritha Nayak | Raijharan |
| 20 | Sasmita Naik | Rasananda Naik | Raijharan |
| 21 | Lipa Gochhayat | Ajaya Gochhayat | Raijharan |
| 22 | Ajaya Gochhayat | Nenkuri Gochhayat | Raijharan |
| 23 | Pramod Gochhayat | Purna Gochhayat | Raijharan |
| 24 | Bharati Gochhayat | Pramod Gochhayat | Raijharan |
| 25 | Anamika Gochhyat | Biranchi Gochhayat | Raijharan |
| 26 | Srinibash Gochhayat | Babaji Gochhayat | Raijharan |
| 27 | Namita Gochhayat | Panchu Gochhayat | Raijharan |
| 28 | Ramesh Ch Naik | Arakhita Naik | Raijharan |
| 29 | Humina Rani Naik | Biswambar Naik | Raijharan |
| 30 | Kanak Naik | Baishnab Naik | Raijharan |
| 31 | Nirash Nayak | W/o Dileswar Nayak | Golagadia |
| 32 | Mandakini Naik | D/o Mani Naik | Raijharan |
| 33 | Suchitra Naik | D/o Dahana Naik | Raijharan |
| 34 | Rahul Dehury | S/o Sibaram Dehury | Raijharan |
| 35 | Monalisha Barik | D/o Gourang Barik | Raijharan |
| 36 | Sasmita Naik | D/o Rasananda Naik | Raijharan |
| 37 | Akash Pradhan | Anil Kumar Pradhan | Kaunsidipha |
| 38 | Lopamudra Sahu | Subash Sahu | Raijharan |
| 39 | Lopali Sahu | Ranjan Kumar Sahu | Raijharan |
| 40 | Srimati Sahu | W/o Narottam Sahu | Raijharan |
| 41 | Jangesini Sahu | Dasharathi Sahu | Raijharan |
| 42 | Basumati Sahu | Dasharathi Sahu | Raijharan |
| 43 | Manas Ranjan Majhi | Alekha Majhi | Golagadia |
| 44 | Laxmipriya Sahu | Pradeep Kumar Sahu | Raijharan |
| 45 | Rasmita Naik | Susant Naik | Raijharan |
| 46 | Sukumari Naik | Sushil Naik | Raijharan |
| 47 | Biyuti Sahu | Hemanta Kumar Sahu | Raijharan |
| 48 | Maheswar Sahu | Sribasha Sahu | Raijharan |
| 49 | Sasmita Dehury | Bhaskar Dehury | Raijharan |
| 50 | Nirupama Sahu | Sanjaya Kumar Sahu | Raijharan |
| 51 | Rojalin Sahu | Lambodar Sahu | Raijharan |
| 52 | Lili Naik | Basanta Naik | Raijharan |
| 53 | Rasmita Naik | Ramesh Naik | Raijharan |
| 54 | Prafulla Naik | Sambhu Naik | Raijharan |
| 55 | Bhakti Prasad Naik | Prafulla Naik | Raijharan |
| 56 | Muskan Gochhayat | Ranjan Kumar Gochhayat | Raijharan |
| 57 | Bijaya Naik | Balaram Naik | Raijharan |
| 58 | Subash Naik | Chaitanya Naik | Raijharan |
| 59 | Sanjaya Naik | Chaitanya Naik | Raijharan |
| 60 | Chaitanya Naik | Arakhita Naik | Raijharan |
| 61 | Ajaya Naik | Chaitanya Naik | Raijharan |
| 62 | Swinik Sahu | Kalandi Ch Sahu | Raijharan |
| 63 | Shiba Behera | Durlabha Behera | Raijharan |
| 64 | Swadhin Behera | Ramesh Behera | Raijharan |
| 65 | Simran Sahu | Ranjan Kumar Sahu | Raijharan |
| 66 | Badal Pradhan | Dhiren Kumar | Raijharan |
| 67 | Arati Gochhayat | Baji Gochhayat | Raijharan |
| 68 | Supriya Pradhan | Sarat Ch. Pradhan | Raijharan |
| 69 | Sradhanjali Pradhan | Nirod Pradhan | Raijharan |
| 70 | Gayatri Sahu | D/o Kanhu Charan Sahu | Raijharan B1 |
| 71 | Alfa Sethi | D/o Ghanashamya Sethi | Raijharan B2 |
| 72 | Chandan Pradhan | S/o Debarchan Pradhan | Raijharan B2 |
| 73 | Chinmayee Pradhan | D/o Chittaranjan Pradhan | Raijharan B2 |
| 74 | Madhusmita Sahu | D/o-Maudamani Sahu | Raijharan B2 |
| 75 | Subash Behera | S/o Ghan Behera | Raijharan B1 |
| 76 | Sanjaya Behera | S/o Ramesh Behera | Raijharan B1 |
| 77 | Milu Behera | S/o- Ganeswar Behera | Raijharan B1 |
| 78 | Ganeswar Behera | S/o- Shyama Behera | Raijharan B1 |
| 79 | Niriksha Behera | S/o- Kusha Behera | Raijharan B1 |
| 80 | Bila Behera | S/o- Ganeswar Behera | Raijharan B1 |
| 81 | Manoranjan Nayak | S/o Chintamani Nayak | Golagadia B2 |
| 82 | Kuna kumar Nayak | S/o-Chintamani Nayak | Golagadia B2 |
| 83 | Chaitanya Nayak | S/o-Markanda Nayak | Golagadia |
| 84 | Dusasan Nayak | S/o-Markanda Nayak | Golagadia |
| 85 | Anil Dehury | S/o-Ramesh Ch. Dehury | Raijharan B1 |
| 86 | Babuli Dehury | S/o-Baidhara Dehury | Kanshidhipa |
| 87 | Babul Sethy | S/o-Nandakishore Sethy | Raijharan B2 |
| 88 | Bhuban Dehury | S/o-Rathi Dehury | Raijharan B2 |
| 89 | Sipun Sethy | S/o-Kathia Sethy | Raijharan B2 |
| 90 | Krupasindhu Sethy | S/o-Kathia Sethy | Raijharan B2 |
| 91 | Kathia Sethy | S/o-Tanguru Sethy | Raijharan B2 |
| 92 | Panchunatha Sethy | S/o-Tanguru Sethy | Raijharan B2 |
| 93 | Sukanti Nayak | W/o-Arta Nayak | Golagadia B2 |
| 94 | Jagati Nayak | C/o-Sanatan Nayak | Golagadia B2 |
| 95 | Bari Dehury | W/o-Tirtha Nayak | Golagadia B2 |
| 96 | Chintamani Nayak | S/o Markanda Nayak | Golagadia B2 |
| 97 | Kirtan Nayak | S/o-Markanda Nayak | Golagadia B2 |
| 98 | Gyanaranjan Barik | S/o-Kiran Barik | Raijharan B2 |
| 99 | Bikram Behera | S/o-Bideshi Behera | Raijharan B2 |
| 100 | Sushanta Kumar Dehury | S/o-Rabindra Dehury | Kaunshidhipa |
| 101 | Labangalata Barik | S/o Kiran Barik | Raijharan B2 |
| 102 | Rabi Behera | S/o- Lal Mohan Behera | Raijharan B1 |
| 103 | Rahas Behera | S/o- Rabi Behera | Raijharan B1 |
| 104 | Ranu Sahu | Narayan Sahu | Raijharan B2 |
| 105 | Kalia Behera | S/o-Ghana Behera | Raijharan B1 |
| 106 | Subha Nayak | Panchanan Nayak | Raijharan B2 |
| 107 | Sujit Nayak | S/o-Dileswar Nayak | Golagadia B2 |
| 108 | Kadha Behera | S/o-Rasananda Behera | Raijharan B1 |
| 109 | Nadu Behera | S/o- Kabata Behera | Raijharan B1 |
| 110 | Sridhara Behera | S/o- Baita Behera | Raijharan B1 |
| 111 | Dileswar Sahu | S/o- Bijaya Sahu | Raijharan B2 |
| 112 | Rahul Sahu | S/o- Hrusikesh Sahu | Raijharan B2 |
| 113 | Raju Singh | S/o-Bijaya Kumar Singh | Golagadia B2 |
| 114 | Sudhir Nayak | S/o- Kirtan Nayak | Golagadia B2 |
| 115 | Ramesh Chandra Dehury | S/o-Raghunatha Dehury | Kaunshidhipa B1 |
| 116 | Sujit Kumar Dehury | S/o-Ramesh Dehury | Kaunshidhipa B1 |
| 117 | Manoj Kumar Pradhan | S/o Binod Bihari Pradhan | Raijharan B2 |
| 118 | Hira Dehury | D/o-Ramesh Dehury | Kaunshidhipa B1 |
| 119 | Sobhagini Dehury | D/o-Ramesh Chandra Dehury | Kaunshidhipa B1 |
| 120 | Beda Behera | S/o- Gania Behera | Raijharan B1 |
| 121 | Rojalin Nayak | D/o- Tritha Nayak | Golagadia B2 |
| 122 | Prafulla Sethi | S/o- Tanguru Sethi | Raijharan B2 |
| 123 | HIMANSHUSEKHAR SAHU | S/o-HEMANTA SAHU | Raijharan B1 |
| 124 | Bijaya Sahu | S/o-Purnachandra Sahu | Raijharan B1 |
| 125 | Chulubulu Sahu | C/o-Basant Kumar Sahu | Raijharan B2 |
| 126 | Prasanta Kumar Sethi | S/o-Prafula Sethi | Raijharan B2 |
| 127 | Manju Nayak | W/o-Bhaskar Nayak | Golagadia B2 |
| 128 | Jali Nayak | D/o-Bhaskar Nayak | Golagadia B2 |
| 129 | Gandharba Nayak | S/o-Bhaskar Nayak | Golagadia B2 |
| 130 | Sumati Nayak | D/o-Bhaskar Nayak | Golagadia B2 |
| 131 | Sagar Behera | S/o- Rahas Behera | Raijharan B1 |
| 132 | Gurubari Dehury | W/o-Chaitanya Dehury | Raijharan B1 |
| 133 | Ramachandra Dehury | S/o-Chaitanya Dehury | Raijharan B2 |
| 134 | Laxman Dehury | S/o Chaitanya Dehury | Raijharan B2 |
| 135 | Ambikesh Pradhan | S/o-Anil Kumar Pradhan | Raijharan B2 |
| 136 | Sunil Kumar Sethi | S/o-Pabitra Sethi | Kaunshidhipa B2 |
| 137 | Gudli Sethi | D/o-Bhajaman Sethi | Raijharan B1 |
| 138 | Asmita Nayak | Arkhita Nayak | Raijharan B2 |
| 139 | Swarnalata Sahu | D/o-Babuli Sahu | Golagadia B2 |
| 140 | Lusi Nayak | C/o-Kabi Nayak | Golagadia B2 |
| 141 | Rajendra Lakra | S/o-Nuas Lakra | Golagadia B1 |
| 142 | Suresh Lakra | S/o-Rajendra Lakra | Golagadia B1 |
| 143 | Sushil Lakra | S/o-Rajendra Lakra | Golagadia B1 |
| 144 | Sunil Lakra | S/o-Rajendra Lakra | Golagadia B1 |
| 145 | Anil Lakra | S/o-Rajendra Lakra | Golagadia B1 |
| 146 | Subrat Garnayak | S/o-Gaya Garnayak | Golagadia B2 |
| 147 | Ganeswar Nayak | S/o-Panu Nayak | Golagadia B2 |
| 148 | Debaranjan Pradhan | D/o-Manoj Kumar Pradhan | Raijharan B1 |
| 149 | Debasish Nayak | S/o-Duryodhan Nayak | Raijharan B2 |
| 150 | Rupali Sahu | D/o-Ranjan Kumar Sahu | Raijharan B1 |
| 151 | Satyapriya Pradhan | D/o-Traiyaloka Pradhan | Raijharan B1 |
| 152 | Gourishankar Pradhan | S/o-Traiyaloka Pradhan | Raijharan B1 |
| 153 | Nibasini Nayak | D/o-Ghanashyama Nayak | Golagadia C |
| 154 | Libharani Roul | D/o-Hrusikesh Roul | Raijharan B1 |
| 155 | Supriya Sahu | D/o-Padmacharan Sahu | Kaunshidhipa B1 |
| 156 | Amisha Barik | D/o-Arata Barik | Kaunshidhipa B2 |
| 157 | Sonali Barik | D/o-Narayan Barik | Kaunshidhipa B2 |
| 158 | Limaee Sahu | D/o-Chitaranjan Sahu | Raijharan C |
| 159 | Pankaj Lochan Pradhan | S/o-Basanta Ku. Pradhan | Raijharan B1 |
| 160 | Mithunchakrabati Pradhan | S/o-Basanta Ku. Pradhan | Raijharan B2 |
| 161 | Sunita Pradhan | W/o-Basanta Ku. Pradhan | Raijharan B2 |
| 162 | Mantu Sethi | S/o-Pabitra Sethi | Kaunshidhipa B2 |
| 163 | Litu Mohan Sethi | S/o-Pabitra Sethi | Kaunshidhipa B2 |
| 164 | Pintu Sethi | S/o-Pabitra Sethi | Kaunshidhipa B2 |
| 165 | Laxmipriya Nayak | D/o-Narayan Nayak | Golagadia B2 |
| 166 | Lambodara Sahu | S/o-Natabara Sahu | Raijharan B2 |
| 167 | Bisnupriya Majhi | D/o-Lochan Majhi | Raijharan B2 |
| 168 | Sanjukta Dehury | W/o-Trailoka Pradhan | Raijharan B1 |
| 169 | Mantu Sahu | S/o-Durjyadhan Sahu | Kaunshidhipa B2 |
| 170 | Dhiren Dehury | S/o-Srimukha Dehury | Raijharan B2 |
| 171 | Dileswar Dehury | S/o-Ramachandra Dehury | Raijharan B2 |
| 172 | Swarupa Madhuri Sahu | D/o Subhas Ch. Sahu | Raijharan B2 |
| 173 | Tava Sethi | W/o Tanguru Sethi | Raijharan B2 |
| 174 | Kamini Dehury | W/o-Dinabandhu Dehury | Golagadia B2 |
| 175 | Raibari Sahu @ Rukuna Dehury | D/o Hadibandhu | Raijharan B1 |
| 176 | Priyadarshani Sahu | D/o Duryodhan Sahu | Raijharan B2 |
| 177 | Shakti Prasad Sahu | S/o-Dillip Kumar Sahu | Raijharan B1 |
| 178 | Kailash Singh | W/o-Bijaya Kumar Singh | Golagadia B2 |
| 179 | Srikanta Naik | Karunakara Naik | Kaunshidhipa |
| 180 | Karunakara Naik | Maharga Naik | Kaunshidhipa |
| 181 | Bijuli Gochhayat | Nekuri Gochhayat | Kaunshidhipa |
| 182 | Neheru Gochhayat | Nekuri Gochhayat | Kaunshidhipa |
| 183 | Prem Gochhayat | Neheru Gochhayat | Kaunshidhipa |
| 184 | Mohini Sahu | Sanatan Pradhan | Kaunshidhipa |
| 185 | Sajansahili | Biswanath Sahu | Kaunshidhipa |
| 186 | Monalisa Garhnaik | Ashok Ku Garhnaik | Kaunshidhipa |
| 187 | Kajal Kiran Pradhan | Kandarpa Pradhan | Kaunshidhipa |
| 188 | Anish Asutosh | Kandarpa Pradhan | Kaunshidhipa |
| 189 | Kuna Sahu | Kandarpa Sahu | Kaunshidhipa |
| 190 | Nikita Barik | Amulya Barik | Kaunshidhipa |
| 191 | Sobhagini Dehury | Ramesh Chandra Dehury | Kaunshidhipa |
| 192 | Dillip Kumar Bhutia | Tapana Kumar Bhutia | Kaunshidhipa |
| 193 | Pinki Roul | Ajaya Kumar Roul | Kaunshidhipa |
| 194 | Lipika Roul | Bijaya Kumar Roul | Kaunshidhipa |
| 195 | Sidhanta Majhi | Sankar Majhi | Kaunshidhipa |
| 196 | Sankar majhi | Pranabandhu Majhi | Kaunshidhipa |
| 197 | Jitendra Behera | Sapneswar Behera | Kaunshidhipa |
| 198 | Chakradhara Behera | Pranabandhu Behera | Kaunshidhipa |
| 199 | Rajkishore Majhi | Pranabandhu Majhi | Kaunshidhipa |
| 200 | Bharat Majhi | Rajkishore Majhi | Kaunshidhipa |
| 201 | Rili Majhi | Pranabandhu Majhi | Kaunshidhipa |
| 202 | Kuna Majhi | Alfa Sethi | Kaunshidhipa |
| 203 | Kahnu Majhi | Brajakishore Majhi | Kaunshidhipa |
| 204 | Manoj Kumar Majhi | Duryodhana Majhi | Kaunshidhipa |
| 205 | Duryodhana Majhi | Pranabandhu Majhi | Kaunshidhipa |
| 206 | Narottam Majhi | Bhaskar Majhi | Kaunshidhipa |
| 207 | Sumanta Majhi | Narottam Majhi | Kaunshidhipa |
| 208 | Sukanta Majhi | Narottam Majhi | Kaunshidhipa |
| 209 | Sajan sahil | Biswanath sahu | Kaunshidhipa |
| 210 | Kunilata Majhi | S/o-Manoj Kumar Majhi | Kaunshidhipa |
| 211 | Runi Majhi | S/o-Manoj Kumar Majhi | Kaunshidhipa |
| 212 | Rajkishore Barik | S/o-Gangadhara Barik | Kaunshidhipa |
| 213 | Bijaya Kumar Barik | S/o-Gangadhara Barik | Kaunshidhipa |
| 214 | Ajay Kumar Barik | S/o-Gangadhara Barik | Kaunshidhipa |
| 215 | Bhikari Charan Biswal | Narottam Biswal | Raijharan B1 |
| 216 | Prasanna Ku Biswal | Late-Bhikari Charan Biswal | Raijharan B1 |
| 217 | Jinurani Roul | Hrusikesh Roul | Raijharan B1 |
| 218 | Bilasini Sahoo | Chintamani sahoo | Raijharan B1 |
| 219 | Lucky Sahoo | Rathi Sahoo | Raijharan B1 |
| 220 | Binati Manjari Dehury | Late-Tankadhar Dehury | Raijharan B1 |
| 221 | Hrudananda Naik | Bada Naik | Raijharan B1 |
| 222 | Muni Naik | Hrudananda Naik | Raijharan B1 |
| 223 | Manoj Naik | Hrudananda Naik | Raijharan B1 |
| 224 | Lucky Dehury | Kusha dehury | Raijharan B1 |
| 225 | Dukhabandhu Gochhayat | Ananda Gochhayat | Raijharan B1 |
| 226 | Jalandhar Naik | Jitendra Naik | Raijharan B1 |
| 227 | Dukhabandhu Naik | Suresh Naik | Raijharan B1 |
| 228 | Amit Ku Gochhayat | Kela Gochhayat | Raijharan B1 |
| 229 | Manas Naik | Hrudananda Naik | Raijharan B1 |
| 230 | Sufala Naik | Prafulla naik | Raijharan B1 |
| 231 | Tripura Naik | Hara Naik | Raijharan B1 |
| 232 | Suka naik | Haramohan naik | Raijharan B1 |
| 233 | Alashi Gochhayat | Raja Gochhayat | Raijharan B1 |
| 234 | Rahul Gochhayat | Basant Gochhayat | Raijharan B1 |
| 235 | Bapi Behera | Bhikari Behera | Raijharan B1 |
| 236 | Pritimanjari Sahoo | pramod sahoo | Raijharan B1 |
| 237 | Priyambada Sahoo | pramod sahoo | Raijharan B1 |
| 238 | Chinmaya Dehury | Dinabandhu Dehury | Raijharan B1 |
| 239 | Bishnupriya Majhi | Lochan Majhi | Raijharan B1 |
| 240 | Rahul Pradhan | Jitendra Pradhan | Raijharan B1 |
| 241 | Parsuram Naik | Suresh Naik | Raijharan B1 |
| 242 | Prasanna Behera | Prafulla Behera | Raijharan B1 |
| 243 | Suresh Naik | Saibani Naik (Mother) | Raijharan B1 |
| 244 | Ribekas Jinia | Sundara Japuda Jinia | Raijharan B1 |
| 245 | Sanjay Ku Jamuda | Sundar Jamuda | Raijharan B1 |
| 246 | Shiva Naik | Surendra Naik | Raijharan B1 |
| 247 | Pradeep Naik | suresh naik | Raijharan B1 |
| 248 | Sarojini Sahoo | Gagan Sahoo | Raijharan B1 |
| 249 | Keshab Gochhayat | Basant Gochhayat | Raijharan B1 |
| 250 | Satrughna Naik | Baishnab Naik | Raijharan B1 |
| 251 | Sabita Naik | Karuna Naik | Raijharan B1 |
| 252 | Sanjukta Naik | Karuna Naik | Raijharan B1 |
| 253 | Ratani Nayak | Dhaneswar Nayak | Raijharan B1 |
| 254 | Ranjan Ku Barik | Krushna Chandra Barik | Raijharan B1 |
| 255 | Anjan Ku Barik | Krushna Chandra Barik | Raijharan B1 |
| 256 | Durjyadhan Barik | Krushna Chandra Barik | Raijharan B1 |
| 257 | Sajani Behera | Antaryami Behera | Raijharan B1 |
| 258 | Subhalaxmi Behera | D/o-Antaryami Behera | Raijharan B1 |
| 259 | Rojalin Sahoo | Gagan Sahoo | Raijharan B1 |
| 260 | Saudamini Sahoo | Gagan Sahoo | Raijharan B1 |
| 261 | Mukesh Roul | Rahasa Roul | Raijharan B1 |
| 262 | Tuku Roul | Rahasa Roul | Raijharan B1 |
| 263 | Sipun Dehury | Ashok Dehury | Raijharan B1 |
| 264 | Laxmikant Naik | Karuna Naik | Raijharan B1 |
| 265 | Rama Gochhayat | D/o-Kailash Gochhayat | Raijharan B1 |
| 266 | Tapaswini Behera | Kailash Behera | Raijharan B1 |
| 267 | Rajani Behera | Prafulla Behera | Raijharan B1 |
| 268 | Pratap Naik | Kirtan Nayak | Raijharan B1 |
| 269 | Iswar Behera | Sudarsan Behera | Raijharan B1 |
| 270 | Julli Naik | Basant Naik | Raijharan B1 |
| 271 | Pratima Gochhayat | Pabitra Gochhayat | Raijharan B1 |
| 272 | Reshma Gochhayat | Pabitra Gochhayat | Raijharan B1 |
| 273 | Sudarsan Behera | Byomajana Behera | Raijharan B1 |
| 274 | Rohit Behera | Sudarsan Behera | Raijharan B1 |
| 275 | Rukuni Behera | Sudarsan Behera | Raijharan B1 |
| 276 | Sabita Behera | Bijay Behera | Raijharan B1 |
| 277 | Sibananda Gochhayat | Pabitra Gochhayat | Raijharan B1 |
| 278 | Sudama Gochhayat | Pabitra Gochhayat | Raijharan B1 |
| 279 | Kumuda Gochhayat | Raj Gochhayat | Raijharan B1 |
| 280 | Santilata Pradhan | Nirod Pradhan | Raijharan B1 |
| 281 | Shraddhanjali Pradhan | Nirod Pradhan | Raijharan B1 |
| 282 | Ashok Gochhayat | Bidesi Gochhayat | Raijharan B1 |
| 283 | Bikash Gochhayat | Ashok Gochhayat | Raijharan B1 |
| 284 | Padmi Gochhayat | Bidesi Gochhayat | Raijharan B1 |
| 285 | Nandini Gochhayat | Ashok Gochhayat | Raijharan B1 |
| 286 | Sharat Gochhayat | S/o-Nenkuri Gochhayat | Raijharan B1 |
| 287 | Pabana Gochhayat | Nenkuri Gochhayat | Raijharan B1 |
| 288 | Amulya Gochhayat | Deba Gochhayat | Raijharan B1 |
| 289 | Purandar Behera | Maguni Behera | Raijharan B1 |
| 290 | Sanjaya Behera | Ramesh Behera | Raijharan B1 |
| 291 | Subash Behera | Ghan Behera | Raijharan B1 |
| 292 | Balaram Pradhan | Basanta kumar Pradhan | Raijharan B1 |
| 293 | Achan Behera | Bhikari Behera | Raijharan B1 |
| 294 | Bapun Behera | Bhikari Behera | Raijharan B1 |
| 295 | Lizarani Dehury | Nabakishore Dehury | Raijharan B1 |
| 296 | Sridhara Naik | Siba Naik | Raijharan B1 |
| 297 | Srikanta Naik | Siba Naik | Raijharan B1 |
| 298 | Sumitra Naik | Abhiram Naik | Raijharan B1 |
| 299 | Chaitanya Gochhayat | Baikuli Gochhayat | Raijharan B1 |
| 300 | Baikuli Gochhayat | Kanguru Gochhayat | Raijharan B1 |
| 301 | Tapaswini Naik | Sanatan Naik | Raijharan B1 |
| 302 | Tapan Naik | Sanatan Naik | Raijharan B1 |
| 303 | Labanya Naik | Sambhu Naik | Raijharan B1 |
| 304 | Mohan Gochhayat | Baikuntha Gochhayat | Raijharan B1 |
| 305 | Baikuntha Gochhayat | Sananda Gochhayat | Raijharan B1 |
| 306 | Charana Gochhayat | Baikuntha Gochhayat | Raijharan B1 |
| 307 | Taruna Gochhayat | Baikuntha Gochhayat | Raijharan B1 |
| 308 | Damati Behera | Taruna Gochhayat | Raijharan B1 |
| 309 | Kiranbala Dehury | Tankadhar Gochhayat | Raijharan B1 |
| 310 | Sanatan Behera | Bhikari Behera | Raijharan B1 |
| 311 | Biju Behera | Sanatan Behera | Raijharan B1 |
| 312 | Aju Behera | Sanatan Behera | Raijharan B1 |
| 313 | Arjun Behera | Pabitra Behera | Raijharan B1 |
| 314 | Abhiram Behera | Arjun Behera | Raijharan B1 |
| 315 | Kabi Behera | Arjun Behera | Raijharan B1 |
| 316 | Chhabi Behera | Arjun Behera | Raijharan B1 |
| 317 | Damati Behera | Bimba Behera | Raijharan B1 |
| 318 | Ratna Behera | Raja Behera | Raijharan B1 |
| 319 | Raja Behera | Mahadev Behera | Raijharan B1 |
| 320 | Manu Behera | Golekha Behera | Raijharan B1 |
| 321 | Sajan Behera | Muna Behera | Raijharan B1 |
| 322 | Nirmala Behera | Tanu Behera | Raijharan B1 |
| 323 | Tanu Behera | Bhikari Behera | Raijharan B1 |
| 324 | Bachan Behera | Tanu Behera | Raijharan B1 |
| 325 | Jitu Behera | Bachan Behera | Raijharan B1 |
| 326 | Pardeshi Behera | Kapila Behera | Raijharan B1 |
| 327 | Maheswar Behera | Bairagi Behera | Raijharan B1 |
| 328 | Prasant Behera | Kami Behera | Raijharan B1 |
| 329 | Pimpuli Behera | Maheswar Behera | Raijharan B1 |
| 330 | Babaji Behera | Rabi Behera | Raijharan B1 |
| 331 | Prasana Behera | Babaji Behera | Raijharan B1 |
| 332 | Bira Behera | Banu Behera | Raijharan B1 |
| 333 | Chakiri Behera | Sukadeba Behera | Raijharan B1 |
| 334 | Jagu Behera | Chakiri Behera | Raijharan B1 |
| 335 | Kashaba Behera | Golekha Behera | Raijharan B1 |
| 336 | Baidehi Behera | Golekha Behera | Raijharan B1 |
| 337 | Trinatha Behera | Basu Behera | Raijharan B1 |
| 338 | Muchia Behera | Basu Behera | Raijharan B1 |
| 339 | Basanti Behera | Ananta Behera | Raijharan B1 |
| 340 | | Kami Behera | Raijharan B1 |
| 341 | Bishal Behera | Purandra Behera | Raijharan B1 |
| 342 | Samar Behera | Purandra Behera | Raijharan B1 |
| 343 | Bijaya Behera | Hadibandhu Behera | Raijharan B1 |
| 344 | Malia Behera | Budhia Behera | Raijharan B1 |
| 345 | Srikanta Behera | Malia Behera | Raijharan B1 |
| 346 | Ajaya Behera | S/o-Hadibandhu Behera | Raijharan B1 |
| 347 | Binod Behera | Maheswar Behera | Raijharan B1 |
| 348 | Bajia Behera | Rasa Behera | Raijharan B1 |
| 349 | Pabana Gochhayat | S/o-Kusha Behera | Raijharan B1 |
| 350 | Ludhura Behera | Lecha Behera | Raijharan B1 |
| 351 | Kumara Behera | Balabhadra Behera | Raijharan B1 |
| 352 | Naresh Behera | Kumara Behera | Raijharan B1 |
| 353 | Krushna Behera | Baidei Behera | Raijharan B1 |
| 354 | Bahadur Behera | Gham Behera | Raijharan B1 |
| 355 | Saheb Behera | Keshab Behera | Raijharan B1 |
| 356 | Chagala Behera | Bharata Behera | Raijharan B1 |
| 357 | Handigula Behera | Jalendra Behera | Raijharan B1 |
| 358 | Raghab Behera | Jaladhara Behera | Raijharan B1 |
| 359 | Prajet Behera | Jaladhara Behera | Raijharan B1 |
| 360 | Baruna Behera | Jaladhara Behera | Raijharan B1 |
| 361 | Dandua Behera | Hari Behera | Raijharan B1 |
| 362 | Udhaba Behera | Kartika Behera | Raijharan B1 |
| 363 | Madhaba Behera | Kartika Behera | Raijharan B1 |
| 364 | Jasoda Behera | Kartika Behera | Raijharan B1 |
| 365 | Basumati Behera | Kusha Behera | Raijharan B1 |

# ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଅନୁଗୋଳ, ୧୬।୨ (ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠ ଚମ୍ପତିମୁଣ୍ଡାସ୍ଥିତ ପିଏମ୍‌ଶ୍ରୀ ଜବାହାରଲାଲ ନବୋଦୟ ବିଦ୍ୟାଳୟ ଅନୁଗୋଳଠାରେ ଦୀର୍ଘ ୩ ମାସ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜୁଡୋ ଆସୋସିଏଶନ ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗଦେଇ ଆତ୍ମରକ୍ଷା ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସିଦ୍ଧାର୍ଥ ଶଙ୍କର ବରାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ଓ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ଓ ଏହା ବାଳିକାମାନଙ୍କୁ କିଭଳି ସୁରକ୍ଷିତ ରଖିବାପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅନୁଗୋଳ ଟାଇକୋଣ୍ଡୋ ଆସୋସିଏଶନ ସମ୍ପାଦକ ଓ ପ୍ରତିଷ୍ଠାତା ଦୁଷ୍ମନ୍ତ କୁମାର ନାଥ ଓ ବିଜୁ କନ୍ୟାରତ୍ନପ୍ରାପ୍ତ ଓ ଜାତୀୟ ଖେଳାଳି ଯସ୍ମିନ ସାହୁ ବାଳିକାମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ। କ୍ରିଡ଼ା ଶିକ୍ଷକ ଆଲୋକ କୁମାର ଓ କ୍ରୀଡ଼ା ଶିକ୍ଷୟତ୍ରୀ ସୁଚିତ୍ରା ପ୍ରିୟଦର୍ଶିନୀ ପଟ୍ଟନାୟକ ଅତିଥି ପରିଚୟ କରିଥିଲେ।

# ଉତ୍ତରପଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅନୁଗୋଳ, ୧୬।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଉତ୍ତରପଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଶତପଥୀଙ୍କ ତତ୍ତ୍ୱାବଧାନରେ ଶନିବାର ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବରେ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୯ ନଂ ୱାର୍ଡ କାଉନସିଲର ବଳରାମ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସାରଦା ଦେବୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁର ସଭାପତି ବୃନ୍ଦାବନ ସ୍ୱାଇଁ ଉପସ୍ଥିତ ଥିଲେ।

# ଛେଣ୍ଡିପଦାରେ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର




ଛେଣ୍ଡିପଦା,୧୬।୨(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନ ସଭାଗୃହଠାରେ ରାଜ୍ୟ ମହିଳା କମିଶନ ଓ ଜିଲା ପ୍ରଶାସନର ଜିଲା ସମାଜ ମଙ୍ଗଳ ବିଭାଗଙ୍କ ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲା ପରିଷଦ ମୁଖ୍ୟ ଯଶୋବନ୍ତ ବେହେରା, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ ବିକ୍ରମ କୁମାର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୂପମା ପାଣି, ସମାଜ ମଙ୍ଗଳ ଅଧିକାରିଣୀ ପାର୍ବତୀ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଛେଣ୍ଡିପଦା ଅରବିନ୍ଦ ବେହେରା, ପୋଲିସ ଏସ୍‌ଆଇ ଶୁଭଲକ୍ଷ୍ମୀ, ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରୀ ସଙ୍ଘମିତ୍ରା ଦାସ ପ୍ରମୁଖ ଅଂଶଗ୍ରହଣ କରି ଲିଙ୍ଗଗତ ବିଷମତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ମତାମତ ପ୍ରଦାନ କରିଥିଲେ। ବିଧାୟକ ବେହେରା ବର୍ତ୍ତମାନ ପରିସ୍ଥିତିରେ ସମାଜରେ ଘଟୁଥିବା ଲିଂଗ ଭିତ୍ତିକ ହିଂସା, ବାଲ୍ୟବିବାହର ପ୍ରଭାବ ଉପରେ ଆଲୋକପାତ କରିବା ସହ ଶିଶୁ ସୁରକ୍ଷା ପାଇଁ ସାମୁହିକ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଗୁରୁ ଶିକ୍ଷକ ମଦନ ସୁନ୍ଦର ପ୍ରଧାନ ଓ ବାଲ୍ୟ ବିବାହ ନିରାକରଣ ଜିଲା ସଂଯୋଜକ ସନ୍ତୋଷ କୁମାର ବେହେରା ଅଂଶଗ୍ରହଣ କରି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ଲିଙ୍ଗ ବିଷୟରେ ବୁଝାଇବା, ମହିଳା ଅଧିକାର ସମତା, ବାଲ୍ୟ ବିବାହ, ଯୌତୁକ, ଘରୋଇ ହିଂସା, କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନନିର୍ଯାତନା, ଡାହାଣୀ ପ୍ରଥା, ପୋକସୋ ଆଇନ, ମାନବ ତସ୍କରି ଆଇନ, ବିଭିନ୍ନ ସରକାରୀ ଯୋଜନା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ଯୋଜନା, ମହିଳା ମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା, ମମତା ଯୋଜନା, ଜନନୀ ସୁରକ୍ଷା ଯୋଜନା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଆହ୍ୱାନ ଏଣ୍ଡ ଜିଲା ସଂଯୋଜକ (ବାଲ୍ୟ ବିବାହ ନିରାକରଣ) ସନ୍ତୋଷ କୁମାର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ସଂଯୋଜକ ମିଶନ ଶକ୍ତି ହବ ବିଦ୍ୟାଧର ପ୍ରଧାନ ଓ ଜିଲା ମମତା ସଂଯୋଜକ ତାପଜ କୁମାର ପାଣି ସମନ୍ୱିତ ଶିଶୁ ବିକାଶ ବିଭାଗର ସମସ୍ତ ମଣ୍ଡଳ ପରିଦର୍ଶକ, ମମତା ସହାୟକ ଡିଲେଶ୍ୱର ବିଶ୍ୱାଳ, ସନ୍ଦୀପ ସାହୁ, ତ୍ରିପୁର ନାଏକ, ନରେନ୍ଦ୍ର ମହାପାତ୍ର, ଲିପିକା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁଷମା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ମହିଳା ଯଥା ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଦଳର ସଭ୍ୟା, କଲେଜ ଛାତ୍ରୀଛାତ୍ର, ପଞ୍ଚାୟତିରାଜ ପ୍ରତିନିଧି, ସଖିୱାନ ସ୍ଟପ୍ ସେଣ୍ଟରର କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ, ଯୁବ ପ୍ରତିନିଧି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସୁପରଭାଇଜ୍‌ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବେଆଇନ ଭାବେ ରାସ୍ତା ଖୋଳୁଛି ଠିକାସଂସ୍ଥା

ବଇଣ୍ଡା, ୧୬।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଓ ଆଠମଲ୍ଲିକ ବ୍ଲକକୁ ମେଗା ଜଳଯୋଗାଣ ପ୍ରକଳ୍ପ ଜରିଆରେ ପିଇବା ପାଣି ଯୋଗାଇ ଦେବାପାଇଁ ସରକାରଙ୍କ ପକ୍ଷରୁ ଆଠମଲ୍ଲିକ ବ୍ଲକରେ ଦୁଇଟି ପ୍ରକଳ୍ପ ନିର୍ମାଣ କରାଯାଉଛି । ଏଥି ପାଇଁ ପ୍ରକଳ୍ପ ଦାୟିତ୍ୱ ନେଇଥିବା ଅଣଓଡ଼ିଆ ଠିକାସଂସ୍ଥା ପକ୍ଷରୁ ପାଣି ପାଇପି ବିଛା କାମ କରାଯାଉଛି । ବିଶେଷ କରି ଆଠମଲ୍ଲିକ ବ୍ଲକର ଅନେକ ପଞ୍ଚାୟତରେ ପାଇପ୍ ବିଛା ଯାଉଥିବାବେଳେ ଅନେକ ପୂର୍ତ୍ତ ଓ ଆର୍‌ଡି ବିଭାଗ ରାସ୍ତାକୁ ଠିକାସଂସ୍ଥା ଖୋଳି କଦର୍ଯ୍ୟ କରୁଥିବା ଜଣାପଡିଛି। କନ୍ତପଡା ପଞ୍ଚାୟତ କନ୍ତପଡା ଓ କେଞ୍ଝୁଆନାଳି ଅଞ୍ଚଳରେ ପାଣି ପାଇପି ବିଛା ଯାଉଥିବାବେଳେ ଠିକାସଂସ୍ଥା ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଖୋଳି ନଷ୍ଟ କରିଦିଆଯାଉଛି । ବିଶେଷକରି, ରାସ୍ତା ପାର୍ଶ୍ୱରେ ପାଇପି ଗୁଡିକ ପୋତା ଯାଉଥିବା ଯୋଗୁ ପିଚୁରାସ୍ତାକୁ ଠିକାସଂସ୍ଥା ଖୋଳିଦେଉଛି । ରାସ୍ତାରୁ ଦେଢ ମିଟର ଦୂରରେ ଖୋଳିବା ପାଇଁ ନିୟମ ଥିଲେ ମଧ୍ୟ ଠିକାସଂସ୍ଥା ମନଇଛା ଖୋଳିବାରେ ଲାଗିଛି । ଏପରିକି ବିଳମ୍ବିତ ରାତିରେ କଂକ୍ରିଟ ରାସ୍ତାକୁ ଖୋଳି ପାଇପ୍ ପକାଇବା ପରେ ମାଟି ପକାଇ ରାସ୍ତାକୁ ସମତଳ କରିଦେଉଥିବା ଅଭିଯୋଗ ହୋଇଛି । ଅନେକ ରାସ୍ତା ମଝିରେ ଖୋଳି ପାଇପ୍ ପକାଯାଉଥିବା ଜଣାପଡିଛି । ଏନେଇ କେଞ୍ଝୁଆନାଳି ଗ୍ରାମବାସୀ ବିରୋଧ କରିଥିଲେ ମଧ୍ୟ ଠିକାସଂସ୍ଥା ନ ମାନି ରାସ୍ତା ଖୋଳିବା ସହ ମାଟି ଗୁଡିକ ରାସ୍ତା ରେ ୨ରୁ ୩ ଦିନ ଗଦାଉଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଆର୍‌ଡି ଏସଡିଓ ମଧୁସ୍ମିତା ଦଳେଇ କହିଛନ୍ତି, ବିଭାଗ ପକ୍ଷରୁ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ।



(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| Sl No. | Name of the Applicant | Father's Name | Village |
|---|---|---|---|
| 366 | Bhuban Behera | Petra Behera | Raijharan B1 |
| 367 | Paban Behera | Petra Behera | Raijharan B1 |
| 368 | Shantilata Naik | Bachhia Naik | Raijharan B1 |
| 369 | Bachana Behera | Jaga Behera | Raijharan B1 |
| 370 | Pradeep Naik | Suresh Naik | Raijharan B1 |
| 371 | Parshuram Naik | Suresh Naik | Raijharan B1 |
| 372 | Sanjaya Kuduai | Bandhua Kuduai | Raijharan B1 |
| 373 | Suneli Behera | Kina Behera | Raijharan B1 |
| 374 | Anil Behera | Kina Behera | Raijharan B1 |
| 375 | Basanti Behera | Manguli Behera | Raijharan B1 |
| 376 | Karishma Sahu | Ananga Sahu | Raijharan B1 |
| 377 | Laxman Behera | Chandra Behera | Raijharan B1 |
| 378 | Barun Behera | Chandra Behera | Raijharan B1 |
| 379 | kedara behera | Arkhita behera | Raijharan B1 |
| 380 | Nabina behera | Dutia behera | Raijharan B1 |
| 381 | Sanjaya kumar behera | Dutia behera | Raijharan B1 |
ସମ୍ବଲପୁର ଜିଲା ରେଢାଖୋଲ ଥାନା ଘୁଙ୍ଗିନାଳି ଗ୍ରାମରେ ସାମାନ୍ୟ ଘଟଣାକୁ ନେଇ ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅ ମନୋଜ ଲୋଇ (୨୨) ଗୁରୁତର ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ବାପ, ପୁଅଙ୍କ ମଧ୍ୟରେ ବଚସା ହେବା ପରେ ଏହି ଘଟଣା ଘଟିଛି। ମନୋଜଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନା ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଆକ୍ରମଣ ପରେ ବାପା ରାଜେନ୍ଦ୍ର ଲୋଇ (୫୬) ଫେରାର ହୋଇ ଯାଇଛନ୍ତି। ଏ ନେଇ ରେଢାଖୋଲ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ବ୍ୟବହାରରେ ଅତିଷ୍ଠ ହୋଇ ପୁଅକୁ ୫ଖଣ୍ଡ କଲେ ମା'

ନୂଆଦିଲ୍ଲୀ, ୧୬।୨



ମା' ପାଇଁ ପିଲା ହେଉଛନ୍ତି ଜୀବନ। ହେଲେ ଏମିତି କିଛି ଘଟଣା ଘଟୁଛି, ଯେଉଁଥିରେ ମା' ଆଗରେ ପିଲା ତୁଚ୍ଛ ହୋଇଯାଉଛନ୍ତି। ଆନ୍ଧ୍ରପ୍ରଦେଶ ପ୍ରକାଶମ୍ ଜିଲାରେ ଜଣେ ୫୭ ବର୍ଷୀୟା ମହିଳା ନିଜର ୩୫ ବର୍ଷୀୟ ପୁଅଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ପରିବାର ଲୋକଙ୍କ ସହଯୋଗରେ ତାଙ୍କୁ ହତ୍ୟା କରିଛନ୍ତି। ଏପରି କି ପୁଅ ଉପରେ ମା' ଏତେମାତ୍ରାରେ କ୍ଷୁବ୍ଧ ଥିଲେ ଯେ, ତାଙ୍କୁ ହତ୍ୟା ପରେ ୫ଖଣ୍ଡ କରି ହାଣିଛନ୍ତି। ମହିଳା ଜଣକ ହେଉଛନ୍ତି କେ. ଲକ୍ଷ୍ମୀଦେବୀ। ମୃତ ପୁଅ ହେଉଛନ୍ତି କେ.ଶ୍ୟାମ ପ୍ରସାଦ। ଏହିଭଳି ଏକ ଜଘନ୍ୟ ଘଟଣା ଗତ ଗୁରୁବାର ଘଟିଥିବାବେଳେ ଶନିବାର ପୋଲିସ ଏନେଇ ସୂଚନା ଦେଇଛି। ପୁଅର ଦୁଃଚରିତ୍ର ଏବଂ ଅମାନୁଷିକ ବ୍ୟବହାରରେ ଅତିଷ୍ଠ ହୋଇ ଲକ୍ଷ୍ମୀଦେବୀ ଏଭଳି କଠୋର ପଦକ୍ଷେପ ନେଇଛନ୍ତି ଏବଂ ଏଥିରେ ତାଙ୍କୁ ପରିବାର ଲୋକ ମଧ୍ୟ ସହଯୋଗ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି ଏ.ଆର୍. ଦାମୋଦର ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଶ୍ୟାମ ପ୍ରସାଦ ଜଣେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ସେ ବେଙ୍ଗାଲୁରୁ, ଖମାମ୍ ଓ ହାଇଦ୍ରାବାଦରେ ରହୁଥିବା ସମ୍ପର୍କୀୟଙ୍କୁ ଅତ୍ୟନ୍ତ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିଲେ। ଏପରିକି ସେ ହାଇଦ୍ରାବାଦ ଏବଂ ନରସରଓପେଟାରେ ରହୁଥିବା ତାଙ୍କ ମାଈଁଙ୍କୁ ବଳାତ୍କାର ଉଦ୍ୟମ ମଧ୍ୟ କରିଥିଲେ। ଶ୍ୟାମପ୍ରସାଦଙ୍କ ଏଭଳି କାର୍ଯ୍ୟରେ ମା' ଲକ୍ଷ୍ମୀଦେବୀ ଏବଂ ପରିବାର ଲୋକ ଅତିଷ୍ଠ ହୋଇପଡ଼ିଥିଲେ। ତେଣୁ ତାଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ହତ୍ୟା ପରେ ମରଶରୀରକୁ ୫ଖଣ୍ଡ କରି ଅଖାବସ୍ତାରେ ଭର୍ତ୍ତି କରିଥିଲେ। ସେହି ଅଖାବସ୍ତାକୁ କ୍ୟାମ୍ବୁନ୍ ଗ୍ରାମର ନକଲାଗଣ୍ଡି କେନାଲରେ ପକାଇ ଦେଇଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ଫେରାର ଥିବାରୁ ତାଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ ଜାରି ରଖିଛି।

## ମୁଖ୍ୟ ଷଡ଼ଯନ୍ତ୍ରକାରୀ ରମାଙ୍କ ଆତ୍ମସମର୍ପଣ

ଭୁବନେଶ୍ୱର, ୧୬।୨ (ସତ୍ୟଜିତ୍ ରାଉତ)

**ସହଦେବ ନାୟକ ହତ୍ୟା ମାମଲା**



ରମା ନାୟକ

ରସୁଲଗଡ଼ ଓଭରବ୍ରିଜ୍ ଉପରେ ସଫେଇ କର୍ମଚାରୀ ସଂଘ ସଭାପତି ସହଦେବ ନାୟକଙ୍କୁ ହତ୍ୟା ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ମଞ୍ଚେଶ୍ୱର ଥାନାରେ ରବିବାର ଆତ୍ମସମର୍ପଣ କରିଛନ୍ତି । ସେ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିର ରମା ନାୟକ। ରମାଙ୍କୁ ଗିରଫ ପରେ ପୋଲିସ ତାଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ରମାଙ୍କୁ ଝାରପଡ଼ା ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି। ତେବେ ରମାଙ୍କୁ ମିଶାଇ ଏଯାଏ ମାମଲାରେ ଗିରଫ ସଂଖ୍ୟା ୭ରେ ପହଞ୍ଚିଛି। ହତ୍ୟାକାଣ୍ଡ ପରେ ପୋଲିସ କେଦାରପଲ୍ଲୀ ବସ୍ତିରେ ରହୁଥିବା ଲକ୍ଷ୍ମୀଧର ନାୟକ, ତାଙ୍କ ସ୍ତ୍ରୀ ଲିପିକା ନାୟକ, ଫତେଗଡ଼ ଅଞ୍ଚଳର ରାକେଶ ନାୟକ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନାୟକ ଏବଂ ପାତ୍ରପଡାରେ ରହୁଥିବା ରକି ନାୟକଙ୍କୁ ଗିରଫ କରିଥିଲା। ଏହାପରେ ଫେବୃଆରୀ ୧୧ରେ ଖୋର୍ଦ୍ଧା ଜିଲା ଜଙ୍କିଆ ଅଞ୍ଚଳର ପିଙ୍କି ନାୟକଙ୍କୁ ଗିରଫ କରିଥିବାବେଳେ ସମସ୍ତେ ଏବେ ଜେଲରେ ଅଛନ୍ତି। ଏହି ମାମଲାରେ ରମାଙ୍କ ଦୁଇପୁଅ ନିଲୁ ଓ ସୁଶାନ୍ତ ଏବଂ ଆଉ କେତେଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବାବେଳେ ସେମାନଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି କରୁଛି। ନିଶା କାରବାରକୁ ବିରୋଧ କରିବାରୁ ବ୍ୟକ୍ତିଗତ ଶତ୍ରୁତା ପାଇଁ ଅପରାଧୀମାନେ ଏହି କାଣ୍ଡ ଘଟାଇଥିଲେ। କେଦାରପଲ୍ଲୀ ବସ୍ତିର ସହଦେବଙ୍କୁ ଗତ ଜାନୁଆରୀ ୮ରେ ବାଣୀବିହାର ରେଲ୍‌ୱେ ଓଭରବ୍ରିଜ୍ ଉପରେ ହତ୍ୟା କରାଯାଇଥିଲା। ୭ ତାରିଖ ସନ୍ଧ୍ୟାରେ ସୁଶାନ୍ତଙ୍କ ଡୁମୁଡୁମାସ୍ଥିତ ଘରେ ଅଭିଯୁକ୍ତମାନେ ଷଡ଼ଯନ୍ତ୍ର କରିଥିଲେ। ଗୋଟିଏ ବାଇକରେ ରକି ଓ ସୁଶାନ୍ତ ଏବଂ ଲକ୍ଷ୍ମୀଧର ଓ ଲିପିକା ଅନ୍ୟ ଏକ ବାଇକ୍‌ରେ ସହଦେବଙ୍କୁ ପିଛା କରି ନୃଶଂସ କାଣ୍ଡ ଘଟାଇଥିଲେ। ତେବେ ଏହି ଘଟଣାରେ ଖୁବ୍‌ଶୀଘ୍ର ତଦନ୍ତ କରି ତଥ୍ୟ ପ୍ରମାଣ ସହ ଚାର୍ଜସିଟ୍ ଦାଖଲ କରିବୁ ବୋଲି ଡିସିପି ପିନାକ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଉଦୟଗିରି ପାହାଡ଼ରୁ ମହିଳାଙ୍କ ମୃତଦେହ ଜବତ

ଭୁବନେଶ୍ୱର, ୧୬।୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଉଦୟଗିରି ପାହାଡ଼ ପରିସରରୁ ଜଣେ ମହିଳାଙ୍କ ମୃତଦେହ ରବିବାର ଅପରାହ୍ନରେ ମିଳିଛି। ମୃତା ମହିଳା ହେଲେ ତମାଣ୍ଡୋ ଥାନା ଅଞ୍ଚଳର ଗୁନି ପାତ୍ର (୫୦) । ମହିଳାଙ୍କ କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହାର କାରଣ ଜଣାପଡ଼ି ନାହିଁ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ପୋଲିସ କହିଛି।

# ମୃତଦେହ ନେଲେନାହିଁ ପରିବାର ସଦସ୍ୟ

ଢେଙ୍କାନାଳ, ୧୬।୨ (ରତନ ନାୟାର)

**ବାପା, ଝିଅ, ନାତି ମୃତ୍ୟୁ ମାମଲା**

■ ପୌରାଞ୍ଚଳରେ ପୋଲିସ ସହାୟତାରେ ପୋତି ଦିଆଗଲା

ଢେଙ୍କାନାଳ ଜିଲା ସଦର ଥାନା ତରଭା ଫାଣ୍ଡି ଚାଉଳିଆ ଖମାର ଗ୍ରାମରେ ଶନିବାର ଏକ ବନ୍ଦ ଘରୁ ବାପା, ଝିଅ, ନାତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଥିଲା। ରବିବାର ପୋଲିସ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା । ପରେ ଆର୍ଥିକ ପରିସ୍ଥିତି ଦର୍ଶାଇ ପରିବାର ସଦସ୍ୟମାନେ ୩ ମୃତଦେହକୁ ଅନ୍ତିମ ସଂସ୍କାର ପାଇଁ ଗ୍ରାମକୁ ନେବାଲାଗି ରାଜି ହୋଇ ନ ଥିଲେ। ସଦର ଥାନା ପୋଲିସ ଢେଙ୍କାନାଳ ପୌରସଂସ୍ଥା ସହଯୋଗରେ ୮ନଂ ୱାର୍ଡ ବାଞ୍ଛୁକୁସୁମଠାରେ ମୃତଦେହଗୁଡ଼ିକୁ ପୋତିଦେଇଛି। ସୂଚନାଯୋଗ୍ୟ, ଖବାର ଗ୍ରାମର ଶଙ୍କର୍ଷଣ ଦାସ (୭୦), ତାଙ୍କର ସ୍ୱାମୀ ପରିତ୍ୟକ୍ତା ଝିଅ ସୁବର୍ଣ୍ଣା ଦାସ (୪୦) ଓ ନାତି ସନ୍ତୋଷ କୁମାର ଦାସ ବୁଧବାର ବିଳମ୍ବିତ ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଶନିବାର ସେହି ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ଘଟଣା ପଦାକୁ ଆସିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ କରିଥିଲା।



ନିରାଶ୍ରୟ ହୋଇପଡିଛନ୍ତି ପୁଷ୍ପାଞ୍ଜଳି।

ରବିବାର ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ପରେ ଆର୍ଥିକ ପରିସ୍ଥିତି ଦର୍ଶାଇ ପରିବାର ସଦସ୍ୟମାନେ ୩ଟିଯାକ ମୃତଦେହକୁ ଅନ୍ତିମ ସଂସ୍କାର ପାଇଁ ନେବାକୁ ରାଜି ହେଲେନାହିଁ । ଶେଷରେ ସଦର ଥାନା ପୋଲିସ ଢେଙ୍କାନାଳ ପୌରସଂସ୍ଥା ସହଯୋଗରେ ପୌରାଞ୍ଚଳର ୮ନଂ ୱାର୍ଡ ବାଞ୍ଛୁକୁସୁମଠାରେ ଜେସିବିରେ ନେଇ ମୃତଦେହଗୁଡ଼ିକୁ ପୋତିଦେଇଛି। ଗ୍ରାମ ସଭାପତି କାଳନ୍ଦୀ ବାରିକ କହିଛନ୍ତି, ବହୁବର୍ଷ ପୂର୍ବରୁ ଏହି ପରିବାର ସଦର ଥାନା ଅସନବାହାଳି ଗ୍ରାମରୁ ଆସି ଆମ ଗ୍ରାମରେ ରହିଥିଲେ। ସେମାନଙ୍କ ମାନସିକ ସ୍ଥିତି ଭଲ ନଥିଲା। ଗ୍ରାମର କାହା ସହ ମିଶୁ ନ ଥିଲେ । ମୃତଦେହ ବ୍ୟବଚ୍ଛେଦ ପାଇଁ ୫ହଜାର ଟଙ୍କା ଦେଇଥିଲୁ । ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ କହିଛନ୍ତି, ଫୋରେନସିକ୍ ଟିମ୍ ତଦନ୍ତ କରିବା ପରେ ଏହା ଆତ୍ମହତ୍ୟା ବୋଲି ସ୍ପଷ୍ଟ ହୋଇଛି। ସଦର ଥାନାରେ ପୃଥକ ଭାବରେ ୩ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଆଜିଠାରୁ ରିମାଣ୍ଡରେ ଆସିବେ ସ୍ପାଇଡର ସତୀଶ

ଭୁବନେଶ୍ୱର, ୧୬।୨ (ସୂର୍ଯ୍ୟକାନ୍ତ ବେହେରା)

**କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ଚୋରି ଘଟଣା**

**ଝାରପଡ଼ା ଜେଲର ସ୍ୱତନ୍ତ୍ର କୋଠରିରେ ରହୁଛନ୍ତି**

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ ଆନ୍ଧ୍ରପ୍ରଦେଶ ବିଜୟନଗରମ୍‌ରୁ ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ଆନ୍ତଃରାଜ୍ୟ ଲୁଟେରା ସତୀଶ ରେଡ୍ଡି ଓରଫ୍ ସ୍ପାଇଡର ସତୀଶଙ୍କୁ ସୋମବାରଠାରୁ ୫ ଦିନିଆ ରିମାଣ୍ଡରେ ନେବ କମିଶନରେଟ ପୋଲିସ। ରିମାଣ୍ଡରେ ନେଇ ଚୋରି ସଂକ୍ରାନ୍ତରେ ଜେରା କରି ବହୁ ତଥ୍ୟ ହାସଲ କରିବ। ତେବେ ଅଭିଯୁକ୍ତ କେବଳ କମିଶନରେଟ ପୋଲିସ ନୁହେଁ ବାହାର ରାଜ୍ୟରୁ ମଧ୍ୟ ବହୁ ଚୋରି କରି ସମ୍ପତ୍ତି ହାତେଇଛନ୍ତି। ତେଣୁ ଏହି ଚୋରି ଟଙ୍କା କେଉଁଠି ବିନିଯୋଗ କରିଛନ୍ତି ତାହାର ତଥ୍ୟ ହାସଲ କରିବ ପୋଲିସ। ସତୀଶ ଫ୍ଲାଟ କିଣିଥିବା ପୋଲିସକୁ ସୁରାକ୍ ମିଳିଥିବାରୁ , ସେନେଇ ମାରାଥନ ଜେରା କରିପାରେ। ଏଥିସହିତ ସତୀଶଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରି ଅଧିକ ଖୋଳତାଡ଼ କରି ଅଧିକ ରହସ୍ୟ ଉନ୍ମୋଚନ କରିବ। ସତୀଶ ଆନ୍ଧ୍ରପ୍ରଦେଶ ଓ କେରଳ ପୋଲିସ ପାଇଁ ମୋଷ୍ଟ ୱାଣ୍ଟେଡ ଏବଂ ସେ ସ୍ପାଇଡର ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଥିବାରୁ ତାଙ୍କୁ ଝାରପଡ଼ା ଜେଲର ସ୍ୱତନ୍ତ୍ର କୋଠରି ଭିତରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଥିବା ସୂଚନା ମିଳିଛି।

ସୂଚନାନୁସାରେ ଜାନୁୟାରୀ ୨୫ତାରିଖ ବିଳମ୍ବିତ ରାତିରେ କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ସତୀଶ ଚୋରି କରିବାପରେ ଏକ ଭଡ଼ା କାରରେ ଫେରାର ହୋଇଯାଇଥିଲେ। ୧୮ ଦିନ ପରେ କମିଶନରେଟ୍ ପୋଲିସ ବିଜୟନଗରମ୍‌ରୁ ତାଙ୍କୁ ଗିରଫ କରି ତାଙ୍କଠାରୁ ଗୋଟିଏ କାର୍, ବହୁ ସୁନା ଅଳଙ୍କାର, ମୋବାଇଲ ଫୋନ, ନଗଦ ୭ଲକ୍ଷ ଟଙ୍କା, ଅପରାଧ ବେଳେ ବ୍ୟବହୃତ ପୋଷାକ, ଟର୍ଚ୍ଚ ଲାଇଟ ଆଦି ସାମଗ୍ରୀ ଜବତ କରିଥିଲା। ଏହା ପୂର୍ବରୁ ସେ ୨୦୨୩ ଅକ୍ଟୋବର ୧୫ରେ ନୟାପଲ୍ଲୀସ୍ଥିତ ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟ ଲିମିଟେଡ କମ୍ପାନୀର ମାଲିକଙ୍କ ଘରୁ ମଧ୍ୟ ପ୍ରାୟ ୨ କୋଟି ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରିଥିଲେ ବୋଲି ଜଣାପଡ଼ିଛି।



ସତୀଶ ରେଡ୍ଡି ଓରଫ୍ ସ୍ପାଇଡର ସତୀଶ

## ହୋଟେଲ ରୁମ୍‌ରେ ମହିଳାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୬।୨ (ସତ୍ୟଜିତ୍ ରାଉତ)



ରାଧେଶ୍ୟାମ ପାଢଶାଣୀ

ଭୁବନେଶ୍ୱର ୟୁନିଟ-୩ ଅଞ୍ଚଳର ଏକ ହୋଟେଲ ରୁମ୍‌ରେ ଜଣେ ମହିଳାଙ୍କୁ ଅଟକ ରଖି ବଳାତ୍କାର କରିବା ଘଟଣାରେ ଖାରବେଳନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ପିପିଲି ଅଞ୍ଚଳର ରାଧେଶ୍ୟାମ ପାଢଶାଣୀ (୨୯)। ରାଧେଶ୍ୟାମଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏତଲା ଅନୁଯାୟୀ, ଜଗନ୍ନାଥନଗରରେ ରହୁଥିବା ପୀଡ଼ିତା ମହିଳା ବିୟୁଟି ପାର୍ଲର ଓ ଅନ୍ୟାନ୍ୟ ବ୍ୟବସାୟ କରିବାକୁ ପୂର୍ବରୁ ଅଭିଯୁକ୍ତ ରାଧେଶ୍ୟାମଙ୍କ ସହ କଥା ହୋଇଥିଲେ। ଏହି ବ୍ୟବସାୟରେ ଉଭୟ ଅଧା ଅଧା ନିବେଶ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଗୁରୁବାର ରାତିରେ ପୀଡ଼ିତା ବ୍ୟବସାୟ ବିଷୟରେ କଥା ହେବା ପାଇଁ ଉକ୍ତ ହୋଟେଲକୁ ଯାଇଥିଲେ। ହୋଟେଲ ରୁମ୍‌ରେ ପହଞ୍ଚିବା ପରେ ଅଭିଯୁକ୍ତ ତାଙ୍କ ସହ ଅଶ୍ଳୀଳ ଇଙ୍ଗିତ କରିବା ସହ ବିଭିନ୍ନ ଲୋଭ ଦେଖାଇଥିଲେ। ଏଥିସହ ତାଙ୍କୁ ରାତି ବିତେଇବାକୁ ବାଧ୍ୟ କରିଥିଲେ। ପୀଡ଼ିତା ମହିଳା ଏଥିରେ ରାଜି ନ ହେବାରୁ ରାଧେଶ୍ୟାମ ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇ ରୁମ୍‌ରେ ବନ୍ଦ କରିଦେଇଥିଲେ। ରାତିସାରା ବିଭିନ୍ନ ଧମକ ଦେଇ ପୀଡ଼ିତାଙ୍କୁ ବଳାତ୍କାର କରିବା ସହ ନିର୍ଯାତନା ଦେଇଥିଲେ। ମହିଳା କୌଣସି ମତେ ଅଭିଯୁକ୍ତଙ୍କ କବଳରୁ ଖସି ଆସି ସ୍ୱାମୀ ଓ ଭାଇଙ୍କୁ ଜଣାଇଥିଲେ। ଏନେଇ ପୀଡ଼ିତାଙ୍କ ପକ୍ଷରୁ ଶୁକ୍ରବାର ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୬୦/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଛାତ୍ରଙ୍କୁ ଅପହରଣ ପରେ ଗାଡ଼ି ଭିତରେ ଉଲଗ୍ନ କରି ପିଟି ସହରସାରା ବୁଲାଇଲେ

ଭୁବନେଶ୍ୱର, ୧୬।୨ (ସୂର୍ଯ୍ୟକାନ୍ତ ବେହେରା)

**ରାଜଧାନୀରେ ଅମାନବୀୟ ଘଟଣା**

**ଜଣେ ଗିରଫ, ସହଯୋଗୀ ଫେରାର**

ପୂର୍ବ ବିବାଦକୁ କେନ୍ଦ୍ର କରି ବସ୍ ଷ୍ଟାଣ୍ଡରୁ କେତେଜଣ ଯୁବକ ଜଣେ ଛାତ୍ରଙ୍କୁ ପ୍ରଥମେ ଅପହରଣ ଏବଂ ପରେ ଗାଡ଼ି ଭିତରେ ଦୀର୍ଘ ୪ ଘଣ୍ଟା କାଳ ଉଲଗ୍ନ କରି ମାଡ଼ମାରିବା ସହ ସହରସାରା ବୁଲାଇଲେ। ରାଜଧାନୀ ଭୁବନେଶ୍ୱର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଯୁବକଙ୍କ ଆକ୍ରମଣରେ ରାହୁଲ ଚୌଧୁରୀ ନାମକ ଛାତ୍ର ଆହତ ହୋଇଛନ୍ତି। ତଙ୍କ ଅଭିଯୋଗ ପରେ ନୟାପଲ୍ଲୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଖଣ୍ଡଗିରି ଡୁମୁଡୁମା ଅଞ୍ଚଳରେ ରହୁଥିବା ବାଲେଶ୍ୱରର ଏମ୍‌ଡି. ଜୁନେଦ। ତାଙ୍କଠାରୁ ଗୋଟିଏ ବୁଲେଟ ଜବତ ହୋଇଛି। ଏହି ମାମଲାରେ ଅଭିଯୁକ୍ତଙ୍କ ସହଯୋଗୀମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ସୂଚନାଯୋଗ୍ୟ, ଅଭିଯୋଗକାରୀ ରାହୁଲ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୩ ଅଞ୍ଚଳରେ ରହୁଥିବାବେଳେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ବାଣିଜ୍ୟରେ ସ୍ନାତକ ଶିକ୍ଷା ଗ୍ରହଣ କରୁଛନ୍ତି। ସେ ଗତ ୫ତାରିଖ ଅପରାହ୍ନରେ କଲେଜ ବସ୍‌ରେ ଆସି ୟୁନିଟ-୮ ନିକଟରେ ଓହ୍ଲାଇ ତାଙ୍କ ବାପାଙ୍କୁ ଅପେକ୍ଷା କରିଥିଲେ। ଠିକ୍ ଏହି ସମୟରେ ନମ୍ବର ପ୍ଲେଟ ନ ଥିବା ଏକ ଫର୍ଚ୍ଚୁନର କାର୍‌ରେ ୪ଜଣ ଏବଂ ଏକ ବୁଲେଟ ମୋଟରସାଇକେଲରେ ୨ ଜଣ ଆସି ସେଠାରେ ପହଞ୍ଚିଥିଲେ। ପୂର୍ବରୁ ଥିବା ଏକ ବିବାଦକୁ କେନ୍ଦ୍ର କରି ସମସ୍ତ ଅଭିଯୁକ୍ତ ସେଠାରେ ରାହୁଲଙ୍କୁ ଘେରିଯାଇ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଏଥିସହ ତାଙ୍କୁ ଜୋରଜବରଦସ୍ତ ଉକ୍ତ କାର୍‌ରେ ଉଠାଇ ନେଇ ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେବା ସହିତ ଉଲଗ୍ନ କରି ଦୀର୍ଘ ଚାରିଘଣ୍ଟା କାଳ ସହର ସାରା ବୁଲାଇଥିଲେ। ପରେ ରାହୁଲଙ୍କୁ ଜାଗମରାସ୍ଥିତ ଏକ ଶିକ୍ଷାନୁଷ୍ଠାନ ପଛ ପାଖ ଏକ ନିଛାଟିଆ ସ୍ଥାନକୁ ନେଇ ଆଉ କିଛି ସହଯୋଗୀଙ୍କ ଜରିଆରେ ମିଳି ମିଶି ମାଡ଼ ମାରିବା ସହିତ ଭୁଲ ମାଗିବା ଲାଗି ବାଧ୍ୟ କରିଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ମଧ୍ୟରୁ ପିନ୍ଧିଥିବା କଡ଼ାରେ ବାରମ୍ବାର ତାଙ୍କ କାନକୁ ଆକ୍ରମଣ କରିବା ଫଳରେ ସେ ସେଠାରେ ଅଚେତ ହୋଇଯାଇଥିଲେ। ଏହାପରେ ଅଭିଯୁକ୍ତମାନେ ରାହୁଲ ମରିଯାଇଥିବା ଭାବି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।



ଅଭିଯୁକ୍ତ ଏମ୍‌ଡି. ଜୁନେଦ୍



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାଳି ମାଙ୍କୁ ଏ ଡାଳ ସେ ଡାଳ ଡେଉଁଛି ଖାଲି।**

ସାଧାରଣତଃ ଗାଁ ଗହଳିରେ ଝିଅ ବୋହୂମାନେ ବରଗଛ ଓହଳରେ ଡାଳି ମାଙ୍କୁ ଖେଳ ଖେଳିଥାନ୍ତି। ପରୋକ୍ଷରେ ଚଞ୍ଚଳ ସ୍ୱଭାବ ବିଶିଷ୍ଟା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡାହାଣୀ ହୋଇ ଲାଗିବା, ଗୁଣିଆ ହୋଇ ଝାଡ଼ିବା।**

କିଛି ବ୍ୟକ୍ତି ଏପାଖରେ କ୍ଷତି କରି ସେପାଖରେ ସମାଧାନ ବା ତା'ର ପ୍ରତିକାର ବାହାର କରୁଥିବା ଦେଖିବାକୁ ମିଳିଥାଏ। ଏପରି ଦୁଇ ପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମହାସୂର୍ଯ୍ୟଯନ୍ତ୍ର ଲାଙ୍ଗୁଳା ନରସିଂହଦେବଙ୍କୁ ବିଭୋର କରିଥିଲା

ଡ. ସୁରେନ୍ଦ୍ର କୁମାର ମିଶ୍ର




ଆମେ ପୂର୍ବରୁ ସୂଚିତ କରିଥିଲୁ ଯେ, ସେହିଦିନ ରାତିରେ ଲାଙ୍ଗୁଳା ନରସିଂହଦେବ ଶିବେଇ ସାମନ୍ତରାୟଙ୍କ କୁଟୀରକୁ ପଦାର୍ପଣ କରିଥିଲେ । ସେହିଠାରେ ଶିବେଇ ନିର୍ମାଣ କରୁଥିଲେ ଶ୍ରୀସୂର୍ଯ୍ୟନାରାୟଣଙ୍କ ପୂଜା ବିଗ୍ରହ। ପଛୁଆରରେ ସେ ପହଞ୍ଚିଥିଲେ। ସେହିଦିନ ରାତିରେ ଆଉ ଗୋଟିଏ ଘଟଣା ଘଟିଥିଲା। ଦ୍ୱାଦଶ ଆଭରଣ ମହାସୂର୍ଯ୍ୟଯନ୍ତ୍ର ନିର୍ମାଣ ସରିଥିଲା। ରକ୍ତଚନ୍ଦନ କାଠ ଉକ୍ତ ଯନ୍ତ୍ର ସହିତ ସଂଯୋଗ ହୋଇ ନ ଥିଲା। ସେହିଦିନ ସଂଯୋଗ ହେଲା, ଦୁଇ ହାତରେ ଧାତୁପାତ୍ର ରହିଲା। ସିଂହାସନ ତଳେ ତାଙ୍କୁ ନେଇ ବିଜେ କରାଇଲେ ପଣ୍ଡିତ ଭୁବନେଶ୍ୱର ରାଜଗୁରୁ ବେଦପୁରର ଆନନ୍ଦ ରଥେ ଓ ନିଧି ରଥେ।

ସେତିକିବେଳେ ସେହି ଦିନଗୁଡ଼ିକରେ ନିର୍ମାଣ ହୋଇଥିଲା 'କୌତୁକ ବନ୍ଧ' ବିଗ୍ରହ। ସିଂହ ସହିତ ମଣିଷ ମୁଣ୍ଡର ମୂର୍ତ୍ତି। ସାତୋଟି ବିରଳ ମୂର୍ତ୍ତି। ଆରମ୍ଭ ହୋଇଥିଲା ଆମଳକରେ ଖପୁରି ନିର୍ମାଣ।

ମହାସୂର୍ଯ୍ୟଯନ୍ତ୍ରର ଶିଳ୍ପୀ କାଶୀ ଓଝା ମହାଶ୍ରମଙ୍କ ଶିବିର ବାରଣ୍ଡାରେ ଖୋଦେଇ କରିଥିଲେ ଯନ୍ତ୍ର। ଏହାର ଖୋଦେଇ ସହଜ ବ୍ୟାପାର ନ ଥିଲା। ଅସମ୍ଭବକୁ ସମ୍ଭବ କରିଥିଲେ କାଶୀ ଓଝା। ମହାଶ୍ରମ ନିଜେ ଆସି ଦେଖିଲେ। ଖୁସି ହୋଇଗଲେ ଗୋଟିଏ ସିଲ୍‌କି ଧୋତି ଓ ଗୋଟିଏ ମାଢ଼ ସୁନା ଉପହାର ଦେଇଥିଲେ।

ଶିଳ୍ପୀଙ୍କୁ ସମ୍ମାନ ଦେବାରେ ତତ୍କାଳୀନ ରାଜକୀୟ ଶାସନ କୃପଣ ନ ଥିଲେ। ଯିଏ ଭଲ କାମ କରୁଥିଲେ, ତାଙ୍କୁ ପୁରସ୍କୃତ କରାଯାଉଥିଲା। ଉତ୍ସାହିତ ହେଉଥିଲେ ଶିଳ୍ପୀକୁଳ। ରହିବା, ଖାଇବା ଓ ପାଉଣା ବ୍ୟବସ୍ଥା କଲେ ସଫଳ କାମ ହୁଏ ନାହିଁ। ସେମାନଙ୍କୁ ଉତ୍ସାହିତ କରିବା, ସମ୍ମାନିତ କରିବା ଆବଶ୍ୟକ ହୁଏ। ତାହା ହୋଇଥିବାର ଅନୁଭବ ହୁଏ।

ନାଟମନ୍ଦିରର ଏକ ଅଂଶବିଶେଷ ହେଉଛି ରଙ୍ଗପୀଠ। ତେଇଶି ଜଣ ପଥୁରିଆଙ୍କ ଦ୍ୱାରା ରଙ୍ଗପୀଠର ନିର୍ମାଣ ଚାଲିଥାଏ। ସେଣେ ବେଦପୁର ମହାଜନ 'ବେକିଭୈରବ'ଙ୍କୁ ସଂସ୍କାର କରୁଥାନ୍ତି। ବେକିଭୈରବ ଉପରେ ଫାଶୀକାଠ ଭାରା ଦେଇ ଗର୍ଭ ଉପରକୁ। କଠିନ କାର୍ଯ୍ୟ। ମୂଳ ମନ୍ଦିରର ଚାରିପଟ ଭୂମି ମଧ୍ୟ ସଂସ୍କାରିତ କରୁଥାନ୍ତି ବେଦପୁର ମହାଜନ। ସିଂହ ଓ ଭୈରବଙ୍କୁ ଉପରକୁ ଉଠାଇବା ଏକ କଠିନ କାର୍ଯ୍ୟ ଥିଲା। ଶହେ ତିନିଜଣ ଶିଳ୍ପୀ ଓ ପଥୁରିଆ ୧୮ଦିନରେ ଉଠାଇବାରେ ସଫଳ ହୋଇଥିଲେ। ନାରାୟଣ ମହାପାତ୍ରଙ୍କ ପଥର ଖଳାରେ ମୁଣ୍ଡେଇ ସିଂହ ନିର୍ମାଣ ଚାଲିଥିବାବେଳେ ଗଙ୍ଗା ମହାପାତ୍ର ଥାନ୍ତି ସିଂହାସନ ଉପରେ। ନିହାଣରେ ଚାଲିଥାଏ ସୂକ୍ଷ୍ମ କାରୁକାର୍ଯ୍ୟ। ସୂକ୍ଷ୍ମକାମ ସରିବା ପରେ ତାହା ଧୁଆଯାଇଥିଲା। ଏଗାର ହାତ ଧଳାକନାରେ ଘୋଡ଼େଇ ଦିଆଯାଇ ସିଂହାସନ ଥିବା ଘରର ଦ୍ୱାର ବନ୍ଦ କରିଦିଆଯାଇଥିଲା।



କୋଣାର୍କ ମନ୍ଦିରର ବଜନ୍ତରୀ କନ୍ୟାମୂର୍ତ୍ତି।
**(ଫଟୋ ସୌଜନ୍ୟ: ଡ. କୁମାର ଅରଜ୍ୟୋତି)**

ଏହାପରେ ଗୋଟିକ ପରେ ଗୋଟିଏ କାମ ଶୃଙ୍ଖଳିତ ଭାବରେ ଆଗେଇ ଚାଲିଥାଏ। ମୁଖଶାଳାର ଚଟାଣ ଓ ଗର୍ଭଗୃହର ଚଟାଣ ପଲିସି କାର୍ଯ୍ୟ ଆରମ୍ଭ ହୋଇଥିଲା। ପଲିସି ପାଇଁ ରେଗେଡ଼ା ପଥର ଓ ନଡ଼ିଆକତା ବ୍ୟବହାର ହୋଇଥିଲା। ତେତିଶ ଜଣ ମହିଳା ଆଠଦିନ ଧରି ପଲିସି କାମରେ ନିଯୁକ୍ତ ଥିଲେ। ସୂତ୍ରଧର ଶିବେଇ ସାମନ୍ତରାୟଙ୍କର ଲକ୍ଷ୍ୟ ଥାଏ ପଦ୍ମ ଆକୃତିର ଖପୁରି କିପରି କାର୍ତ୍ତିକ ମାସ ସୁଦ୍ଧା ଖଞ୍ଜା ସରିବ। ଏହା ଆଠ ଭାଗରେ ଖଞ୍ଜା ହେବାକୁ ନିଷ୍ପତ୍ତି ହୋଇଥାଏ। କିନ୍ତୁ ଖପୁରି ଉଠିବା ପୂର୍ବରୁ ମୁଦପୀଢ଼ର ନିହଣକାମ ସରିବା କଥା। ତିନି ହାତ ଉଚ୍ଚତାର ୮ଟି ବଜନ୍ତରୀ କନ୍ୟାମୂର୍ତ୍ତି ନିର୍ମାଣ ହେବା କଥା। ଗୟା ମହାରଣା ଥାଆନ୍ତି ଦାୟିତ୍ୱରେ। ସେ ଦଶଜଣ ପଥୁରିଆଙ୍କୁ ସାଙ୍ଗରେ ନେଇ କାମଟି ସାରିବା ପାଇଁ ଦିନରାତି ଏକ କରିଦେଇଥାନ୍ତି।

■ ଖପୁରି ତଳକୁ ଲାଗିଥିଲା ୩ ହାତ ଉଚ୍ଚତାର ୮ଟି ବଜନ୍ତରୀ କନ୍ୟାମୂର୍ତ୍ତି

■ ଖପୁରି ଆଠ ଭାଗରେ ବିଭକ୍ତ ହୋଇ ଦଶଦିନରେ ଲାଗିଥିଲା

କାର୍ତ୍ତିକମାସ କୃଷ୍ଣ ତ୍ରୟୋଦଶୀ ଦିନ ଏସବୁ କାମ ସମାପ୍ତ ହେଲା।

ସେହିଦିନ ଖପୁରି ଉଠିଲା ଫାଶିକାଠର ଭାରା ଉପରକୁ। ଦଶଦିନ ଧରି ୮୮ଜଣ ପଥୁରିଆ ଓ ଶିଳ୍ପୀ ସାବଧାନତାର ସହ ଉପରକୁ ଉଠାଇଲେ। ଆଠ ଭାଗରେ ତାହା ଖଞ୍ଜାଗଲା। ଅଢ଼େଇ ମାସ ପରେ ଆସିଲା ପୌଷ ମାସ ପୂର୍ଣ୍ଣିମା। ମହାଶ୍ରମଙ୍କର ପୁଷ୍ୟାଭିଷେକ ନୀତି ହେବ। କଥା ଥିଲା ମହାଶ୍ରମଙ୍କର ପୁଷ୍ୟାଭିଷେକ ଉତ୍ସବର ମୂର୍ତ୍ତି ମୁଖଶାଳା ଉପରେ ଲାଗିବ। ସେହିଦିନଠାରୁ ମହାଶ୍ରମଙ୍କର ଚାଲିବ ଅ୧୫ଙ୍କ। ପୌଷ ପୂର୍ଣ୍ଣିମା ପୂର୍ବଦିନ ଅଭିଷେକ ଉତ୍ସବ ମୂର୍ତ୍ତି ସମାପ୍ତ ହେଲା ବୋଲି ଘୋଷଣା କଲେ ନାରାୟଣ ମହାପାତ୍ର। ପୁଷମାସ ପୁନିଁଅଁଦିନ ତାହା ଯଥାସ୍ଥାନରେ ସ୍ଥାନିତ ହୋଇଥିଲା।

## ଗୁରୁଗାଁଓ ସାପିଏନ୍ସ ଚାମ୍ପିୟନ

**ବନ୍ତ, ୧୬।୨ (ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ଟିଲୋ କପ୍‌ର ଫାଇନାଲ ମ୍ୟାଚ୍‌ରେ ରବିବାର ୟୁନିୟନ ସ୍ପୋର୍ଟିଂ କଟକକୁ ହରାଇ ଗୁରୁଗାଁଓ ସାପିଏନ୍ସ ଚାମ୍ପିୟନ ହୋଇଛି। ଗୁରୁଗାଁଓ ସାପିଏନ୍ସ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ୍ କରିଥିଲା। ଦଳ ପକ୍ଷରୁ ଆଶିଷ ଲାଡୁ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଶୁଭମ୍ ପ୍ରିୟଦର୍ଶୀ ୪ ଉଇକେଟ୍ ନେଇଥିଲେ। ୧୨୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ୟୁନିୟନ ସ୍ପୋର୍ଟିଂ ୧୭ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ପ୍ରଧାନ ୩୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର କୁଳଦୀପ ଯାଦବ ୩ ଓ ଅଭିଷେକ ଖଣ୍ଡେଲୱାଲ ୩ ଉଇକେଟ ନେଇଥିଲେ। ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ।




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ପ୍ରୋ ଲିଗ୍‌ରେ ରବିବାର ସ୍ପେନ୍ ବିପକ୍ଷରେ ଗୋଲ୍ ଦେବା ପରେ ଉଲ୍ଲସିତ ଭାରତୀୟ ପୁରୁଷ ଦଳର ମନଦୀପ ସିଂ ଓ ଦିଲପ୍ରୀତ ସିଂ (ଫଟୋ: ବିକାଶ ନାୟକ)।

# ସ୍ପେନ୍‌କୁ ହରାଇଲା ଭାରତ

**ଭୁବନେଶ୍ୱର, ୧୬।୨ (ତପନ ସ୍ୱାଇଁ)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଚଳିତ ସିଜନରେ ଭାରତୀୟ ପୁରୁଷ ହକି ଦଳ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଭାରତ ୨-୦ ଗୋଲରେ ସ୍ପେନ୍‌କୁ ହରାଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ଦେଇଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଭାରତ ୧-୩ ଗୋଲରେ ସ୍ପେନ୍‌ଠାରୁ ହାରି ଯାଇଥିଲା। ମାତ୍ର ଗୋଟିଏ ଦିନ ପରେ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଛି ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ।

ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଆକ୍ରମଣକୁ ଜୋରଦାର କରିଥିଲେ ହେଁ ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ନ ହେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୨ତମ ମିନିଟରେ ମନଦୀପ ସିଂ ଏକ ଗୋଲ ଦେଇ ଭାରତକୁ ବହୁ ପ୍ରତିକ୍ଷୀତ ଅଗ୍ରଣୀ କରିଥିଲେ। ଏହାର ୭ ମିନିଟ ପରେ ଦିଲପ୍ରୀତ ସିଂ ୩୯ତମ ମିନିଟରେ ଆଉ ଏକ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଏହାପରେ ଭାରତୀୟ ରକ୍ଷଣଭାଗ ଅତି ସତର୍କତାର ସହ ବିପକ୍ଷ ଦଳର ଆକ୍ରମଣକୁ ପ୍ରତିହତ କରିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ସ୍ପେନ୍ ଗୋଲ ପରିଶୋଧ କରି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇ ନ ଥିଲା। ଏଠାରେ ବିଜୟ ଫଳରେ ଭାରତ ପୂରା ୩ ପଏଣ୍ଟ ପାଇ ଖାତା ଖୋଲିଛି। ଏଥିସହ ଦଳ ୯ ଦଳ ବିଶିଷ୍ଟ ଟେବୁଲର ୮ମ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଜର୍ମାନୀ ବିପକ୍ଷରେ ଖେଳିବ।



ବାରବାଟୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ସେଲିବ୍ରିଟି କ୍ରିକେଟ ଲିଗ୍ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବଲିଉଡ୍ ଚଳଚ୍ଚିତ୍ର ନିର୍ମାତା ବୋନି କପୁର ଓ ଅନ୍ୟମାନେ।

## ନେଟ୍ସରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ

**ଦୁବାଇ, ୧୬।୨ (ପି.ଟି.):** ଚାମ୍ପିୟନ୍ସ ଟ୍ରଫି ଖେଳିବା ଲାଗି ଦୁବାଇ ଯାଇଥିବା ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ସେଠାରେ ରବିବାର ନେଟ୍ସରେ ଜୋରଦାର ଅଭ୍ୟାସ କରିଛନ୍ତି। ସ୍ଥାନୀୟ ଆଇସିସି ଏକାଡେମୀ ପ୍ରାକ୍ଟିସ ଗ୍ରାଉଣ୍ଡରେ ବୋଲିଂ କୋଚ୍ ମୋର୍ନି ମୋର୍କେଲଙ୍କ ତତ୍ତ୍ୱାବଧାନରେ ପେସର ମହମ୍ମଦ ଶାମି ବହୁ ସମୟ ଧରି ଅଭ୍ୟାସ କରିଥିଲେ। ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର (ଏସ୍‌ଓପି) ଅନୁସାରେ ଅତିରିକ୍ତ ସେସନର ପ୍ରଶ୍ନ ଉଠୁ ନାହିଁ। ଅଧିନାୟକ ରୋହିତ ଶର୍ମାଙ୍କଠାରୁ ଆରମ୍ଭ କରି ସର୍ବକନିଷ୍ଠ ହର୍ଷିତ ରାଣା ପର୍ଯ୍ୟନ୍ତ ସମସ୍ତ ଖେଳାଳି ନେଟ୍ସରେ ଉପସ୍ଥିତ ଥିଲେ। ନିକଟରେ ଇଂଲଣ୍ଡ ବିପକ୍ଷ ଉଭୟ ଅନ୍ତର୍ଜାତୀୟ ଟି୨୦ ଓ ଦିନିକିଆକୁ ପ୍ରତ୍ୟାବର୍ତ୍ତନ କରିଥିବା ଶାମି 'ଷ୍ଟ୍ରେଚେବଲ ନି କ୍ୟାପ୍' ଲଗାଇ ନେଟ୍ସକୁ ଆସିଥିଲେ। ସ୍ଥାନୀୟ କଣ୍ଡିଶନ ସହିତ ଅଭ୍ୟସ୍ତ ହେବା ଲାଗି ପ୍ରଥମେ ସେ ଏକ ଶର୍ଟ ରନ୍ ସହ କେତୋଟି ଡେଲିଭରି ବୋଲିଂ କରିଥିଲେ। କେତେଜଣ ଫିଜିକାଲ ଡ୍ରିଲ୍ କରିଥିବା ବେଳେ ଅନ୍ୟ କେତେକ ସେମାନଙ୍କ ଦକ୍ଷତାରେ ଉନ୍ନତି ଆଣିବା ଲାଗି ଥଟ୍ଟାମଜା ସହ ଖେଳ ଗତିବିଧିରେ ଲିପ୍ତ ଥିଲେ। କଟକରେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ ମ୍ୟାଚ ବିଜୟୀ ଶତକ ହାସଲ କରିବାପରଠାରୁ ରୋହିତଙ୍କ ମିଜାଜ ଭଲ ଥିବା ପରିଲକ୍ଷିତ ହେଉଛି।

# ଶୁଟ୍ ଆଉଟରେ ଇଂଲଣ୍ଡ ବିଜୟୀ



ବଲ୍ ପାଇଁ ଭାରତ ଓ ଇଂଲଣ୍ଡ ମହିଳା ଖେଳାଳିଙ୍କ ମଧ୍ୟରେ ଲଢ଼େଇ।

**ଭୁବନେଶ୍ୱର, ୧୬।୨ (ତପନ ସ୍ୱାଇଁ)**

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ରବିବାର ଭାରତୀୟ ମହିଳା ହକି ଦଳ ଶୁଟ୍‌ଆଉଟ ୧-୨ ଗୋଲରେ ଇଂଲଣ୍ଡଠାରୁ ପରାଜିତ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିବାରୁ ଫଳାଫଳ ପାଇଁ ଶୁଟ୍‌ଆଉଟ ଏବଂ ପରେ ସଡନ୍ ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ଇଂଲଣ୍ଡ ପକ୍ଷରୁ ପାଇଗେ ଗିଲୋଟ ୪୦ ଓ ଟେସା ହୋୱାର୍ଡ ୫୬ତମ ମିନିଟରେ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ନଭନୀତ କୌର ୫୩ ଓ ରୁତୁଜା ଦାଦାସୋ ପିସାଲ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚଟି ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଗୋଲଶୂନ୍ୟ ରହିଥିଲା। ଇଂଲଣ୍ଡ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଭାରତକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ ଜରିଆରେ ଗୋଲ ଦେଇ ନଭନୀତ ମ୍ୟାଚକୁ ରୋମାଞ୍ଚକ କରିଥିଲେ। ଶୁଟ୍ ଆଉଟ ପର୍ଯ୍ୟାୟରେ ନଭନିତ କୌର ଗୋଲ ଦେଇଥିବାବେଳେ ଅଧିନାୟିକା ସାଲିମା ଟେଟେ, ସୁନେଲିତା ଟପ୍ପୋ, ଲାଲରେମସିଆମି ଓ ନେହା ମିସ୍ କରିଥିଲେ। ସେହିପରି ଇଂଲଣ୍ଡ ପକ୍ଷରୁ କେବଳ ଲିଲି ୱାକର ଗୋଲ ଦେଇଥିଲେ ଏବଂ ଅନ୍ୟ ୪ ଖେଳାଳି ମିସ୍ କରିଥିଲେ। ୫ ଶୁଟ୍ ପରେ ଗେମ୍ ୧-୧ରେ ରହିବାରୁ ସଡନ୍ ଡେଥ୍ ପର୍ଯ୍ୟାୟକୁ ଯାଇଥିଲା। ଏଥିରେ ନଭନିତ କୌର ଓ ଲାଲରେମସିଆମି ମିସ୍ କରିଥିଲେ। ଅନ୍ୟପକ୍ଷରେ ଇଂଲଣ୍ଡ ପକ୍ଷରୁ ଅଧିନାୟିକା ସୋଫି ହାମିଲଟନ ସ୍କୋର କରିଥିଲେ। ଫଳରେ ବିଜୟୀ ହୋଇ ଇଂଲଣ୍ଡ ୨ ଓ ଭାରତ ୧ ପଏଣ୍ଟ ପାଇଥିଲା। ଏଥିସହ ୨ ମ୍ୟାଚରୁ ଭାରତର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଭାରତ ୩-୨ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଥିଲା।

### ସ୍ପେନ୍‌ର କ୍ରମାଗତ ଦ୍ୱିତୀୟ ବିଜୟ

ସ୍ପେନ୍ ମହିଳା ହକି ଦଳ କଳିଙ୍ଗରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶନିବାର ଜର୍ମାନୀକୁ ୨-୧ ଗୋଲରେ ହରାଇଥିବା ସ୍ପେନ୍ ରବିବାର ମଧ୍ୟ ସମାନ ବ୍ୟବଧାନରେ ସେହି ଜର୍ମାନୀକୁ ହରାଇ ଦେଇଛି। ମ୍ୟାଚର ୫ମ ମିନିଟରେ ସ୍ପେନ୍‌ର ସୋଫିଆ ରୋଗୋସ୍କି ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୧୨ଶ ମିନିଟରେ ଆଇନା କ୍ରେସ୍କେନଙ୍କ ଗୋଲ ମାଧ୍ୟମରେ ଜର୍ମାନୀ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ୩୮ତମ ମିନିଟରେ ସ୍ପେନ୍‌ର ଲୁସିଆନା ମୋଲିନାଙ୍କ ଗୋଲ ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚ ଶେଷ ପର୍ଯ୍ୟନ୍ତ ଜର୍ମାନୀ ଗୋଲ ପରିଶୋଧ କରିପାରି ନ ଥିଲା।

## ରାଜ୍ୟ ଓପନ ଚେସ୍: ଓମ୍ ଆଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୧୬।୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବଡଗଡସ୍ଥିତ ଓଁ ଗୁରୁକୂଳ ପବ୍ଲିକ ସ୍କୁଲରେ ୬ଷ୍ଠ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଅପରାଜିତ ରହି ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡ଼ଙ୍ଗା ଚାମ୍ପିୟନ ହୋଇଛନ୍ତି। ରବୀନ୍ଦ୍ର କୁମାର ଓଝା, ତନ୍ମୟ ତ୍ରିପାଠୀ, ଦୀପ୍ତି ରଞ୍ଜନ ନାୟକ, ସତ୍ୟ ସୁନ୍ଦର ନାୟକ, ପ୍ରତ୍ୟୁଷ ମହାପାତ୍ର, ସୁରେନ୍ଦ୍ର ପ୍ରଧାନ, ପ୍ରାଂଶୁ ଦାଶ, ଲରେନ୍ସ ପ୍ରଧାନ ଓ ଦିୟା ଦାସ ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ଏଜ୍‌ଗ୍ରୁପ୍ ଏବଂ ପ୍ରତିଭା ସମ୍ପନ୍ନ ଚେସ୍ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ୭୬ ବର୍ଷୀୟ ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ଓଁ ଗୁରୁକୂଳ ସ୍କୁଲ୍‌ର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଜେନେରାଲ ମ୍ୟାନେଜର (ଫାଇନାନ୍ସ) ରବି ଶଙ୍କର ପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଭୁବନେଶ୍ୱର ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦୀପକ କୁମାର ପଲାଇ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

## ବାପୁଜୀ କ୍ରିକେଟ କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୧୬।୨ (ତପନ ସ୍ୱାଇଁ)**

ମୁନ୍‌ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଅନୁଷ୍ଠିତ ୮ମ ନବ ଦାଶ ଏବଂ ୪ର୍ଥ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ବାପୁଜୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ବାପୁଜୀ କ୍ଲବ ୧୨୬ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ବାପୁଜୀ କ୍ଲବ ୨୦ ଓଭରରେ ୭ ଉଇକେଟ ହରାଇ ୨୧୦ ରନ କରିଥିଲା। ଦଳ ପକ୍ଷରୁ ସିଦ୍ଧାନ୍ତ ଜେନା ୪୨, ଅତୁଲ ୪୩ ଓ ରଶ୍ମି ରଞ୍ଜନ ୪୫ ରନ କରିଥିଲେ। ବିପକ୍ଷ ଦଳର ବିଶ୍ୱଜିତ ମଲିକ ୩ଟି, ବିଘ୍ନେଶ ବେହେରା ୨ଟି ଓ ଆଶୁତୋଷ ନାୟକ ଗୋଟିଏ ଉଇକେଟ ନେଇଥିଲେ। ୨୧୧ ରନ ବିଜୟ ଲକ୍ଷ୍ୟରେ ରାମେଶ୍ୱର ୧୮.୫ ଓଭରରେ ୮୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଅତୁଲ ଓ ପ୍ରଦୀପ ପ୍ରଧାନ ୩ଟି ଲେଖାଏ ଏବଂ ଶୁଭମ୍ ଶେଖର ୨ଟି ଉଇକେଟ ନେଇଥିଲେ। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁନ୍ ଲାଇଟ୍ ୟୁଥ୍ କ୍ଲବ ସମ୍ପାଦକ ନରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।




ଚାମ୍ପିୟନ ବାପୁଜୀ କ୍ରିକେଟ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ବଲିଉଡ୍ କଳାକାର, ପ୍ରୋ-କବାଡ଼ି ଖେଳାଳି ମୁଖ୍ୟ ଆକର୍ଷଣ

**କଟକ,୧୬।୨ (କାର୍ତ୍ତିକ ସାହୁ)**

ଓଡ଼ିଶା କବାଡ଼ି ସଂଘ ଆନୁକୂଲ୍ୟରେ ତଥା ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଫେବୃଆରୀ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ କଟକର ଇନ୍‌ଡୋର ଷ୍ଟାଡିୟମ୍‌ରେ ଜାତୀୟ ସିନିୟର ପୁରୁଷ କବାଡ଼ି ପ୍ରତିଯୋଗିତା-୨୦୨୫ ଆୟୋଜନ ହେବ। ଓଡ଼ିଶା କବାଡ଼ି ସଂଘର କର୍ମକର୍ତ୍ତାମାନେ ରବିବାର ବାରବାଟୀ କବାଡ଼ି କମ୍ପ୍ଲେକ୍ସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି।

ପ୍ରଥମ ଥର ପାଇଁ ଭାରତର ଆମେଚର କବାଡ଼ି ଫେଡେରେଶନ ଦିଗ୍‌ଦର୍ଶନରେ ଓଡ଼ିଶାରେ ଏହି କବାଡ଼ି ମହାକୁମ୍ଭ ଆୟୋଜନ କରାଯାଉଛି। ଏଥିରେ ୩୦ଟି ରାଜ୍ୟ ଓ ୪ ବିଭାଗୀୟ ଦଳ ଅଂଶଗ୍ରହଣ କରିବେ। ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ୪୫୦ରୁ ଊର୍ଦ୍ଧ୍ୱ ପ୍ରତିଭାବାନ କବାଡ଼ି ଖେଳାଳି ଓ ୫୦ରୁ ଊର୍ଦ୍ଧ୍ୱ ପ୍ରୋ-କବାଡ଼ି ଖେଳାଳି ଅଂଶଗ୍ରହଣ କରିବେ। ପୂର୍ବରୁ ୨୦୧୭ରେ ଜୁନିୟର୍ କବାଡ଼ି ସଫଳତାର ସହିତ ଆୟୋଜନ ହୋଇପାରିଥିଲା। ଉଦ୍‌ଘାଟନୀ ଉତ୍ସବକୁ ବେଶ୍ ଚିତ୍ତାକର୍ଷକ ଓ ରଙ୍ଗାରଙ୍ଗ କରାଯିବାର ସମସ୍ତ ପ୍ରୟାସ କରାଯାଉଛି। ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିବେ ବଲିଉଡ୍ ତାରକା ଶଶୀକାନ୍ତ ପୋଦ୍ଦାର (ଡୁପ୍ଲିକେଟ୍ ଅମିତାଭ ବଚ୍ଚନ)। ସେହିପରି 'ଆମ ଅସ୍ମିତା ଆମର ଗର୍ବ' ନୃତ୍ୟ ପରିବେଷଣ କରିବେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଫେଟ୍ ଫାଇଟର୍ସ ଗ୍ରୁପ ଓ ସାଥି। ସତ୍ୟଜିତ୍ ଓ ଆଶୁତୋଷ ଚଳିତ ବର୍ଷର ଥିମ୍‌ସଙ୍ଗ ପରିବେଷଣ କରିବେ। ସମସ୍ତ ଦଳର ଆୟୋଜକଙ୍କ ଦ୍ୱାରା ଜାତୀୟ ସିନିୟର ଟ୍ରଫି ଉନ୍ମୋଚନ କରାଯିବ। ଚଳିତ ବର୍ଷ




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଜାତୀୟ ସିନିୟର କବାଡ଼ି ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଉଛନ୍ତି।

**ଜାତୀୟ ସିନିୟର କବାଡ଼ି**

ଏକ ସ୍ୱତନ୍ତ୍ର ମାର୍ଚ୍ଚପାଷ୍ଟ ଉପର ବାଲିଯାତ୍ରା ପଡ଼ିଆଠାରୁ ଇନ୍‌ଡୋର ଷ୍ଟାଡିୟମ୍ ପର୍ଯ୍ୟନ୍ତ କରାଯିବ। ଏଥିରେ ସମସ୍ତ ଦଳର ଖେଳାଳି ଅଂଶଗ୍ରହଣ କରିବେ। ଖେଳାଳି, ପ୍ରଶିକ୍ଷକ ଓ ପ୍ରବନ୍ଧକମାନେ କଟକ ଓ ଭୁବନେଶ୍ୱରଠାରେ ୫ ଦିନ ରହିବାର ବ୍ୟବସ୍ଥା କରାଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଏହି ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ସହଯୋଗ କରୁଛି। କବାଡ଼ି ଟୁର୍ନାମେଣ୍ଟ ଦେଖିବା ପାଇଁ ଇଚ୍ଛୁକ ଦର୍ଶକ, କ୍ରୀଡ଼ାପ୍ରେମୀମାନେ ଇନ୍‌ଡୋର ଷ୍ଟାଡିୟମ୍, ବାରବାଟୀ କବାଡି କମ୍ପ୍ଲେକ୍ସ, ଓଡ଼ିଶା କବାଡ଼ି ସଂଘ, ରୁଚି ଫ୍ରୋଜିଟ ଆଉଟଲେଟ୍‌ଠାରେ ପାସ୍ ସଂଗ୍ରହ କରିପାରିବେ। ଏହାଛଡ଼ା କଟକର ବିଭିନ୍ନ ସ୍ଥାନରେ ପ୍ରଚାର ପ୍ରସାରରେ ନିୟୋଜିତ ସ୍ୱତନ୍ତ୍ର କବାଡ଼ି ଭ୍ୟାନ୍‌ରୁ ମଧ୍ୟ ପାସ୍ ସଂଗ୍ରହ କରିପାରିବେ।

ଓଡ଼ିଶା କବାଡ଼ି ସଂଘର ସଭାପତି ଡ. ଶରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ସଂଘର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅଜୟ ବେହେରା, ରୁଚି ମସଲାର ନିର୍ଦ୍ଦେଶିକା ରଶ୍ମି ସାହୁ, ଯୁଗ୍ମ ସମ୍ପାଦିକା ଜୟଶ୍ରୀ ସ୍ୱାଇଁ,ଚଳଚ୍ଚିତ୍ର ଅଭିନେତା ତଥା ଚଳିତ ବର୍ଷ କବାଡ଼ିର ବ୍ରାଣ୍ଡ ଆମ୍ବାସାଡର ଶ୍ରୀତମ୍ ଦାସ, ଅନ୍ତର୍ଜାତୀୟ କବାଡି ଖେଳାଳି ତଥା ଓଡ଼ିଶା କବାଡି ଦଳର ପ୍ରଶିକ୍ଷକ ଭୀମ ବରଦା, ଓଡ଼ିଶା ଅଲିମ୍ପିକ ସଂଘର ସମ୍ପାଦକ ଅଭିଜିତ ପାଲ, କବାଡ଼ି ସଂଘର ବରିଷ୍ଠ ସଭ୍ୟ ଜ୍ଞାନ ରଞ୍ଜନ ପରିଡ଼ା, ମହମ୍ମଦ ସହିଦ ଜବ୍ବାର, ପ୍ରଶାନ୍ତ ଜେନା ଏବଂ ଚଳିତ ବର୍ଷର ଇଭେଣ୍ଟ କମିଟି ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା, ସଦସ୍ୟ ସତ୍ୟବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାମଚନ୍ଦ୍ର ବେହେରା ଓ ଶାରଳା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଣିତରେ ଅଧିକ ଜ୍ଞାନ ଆହରଣ କରିବା ଓ ଦକ୍ଷତା ବିକାଶ ଜରୁରୀ



**ଢେଙ୍କାନାଳ କଲେଜରେ ଗଣିତ ବିଭାଗର ରାଜ୍ୟସ୍ତରୀୟ ପାଠଚକ୍ର**

ଢେଙ୍କାନାଳ,୧୬।୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଗଣିତ ବିଭାଗ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତରଞ୍ଜନ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ପାଠଚକ୍ରରେ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ (ନାଇସର) ଭୁବନେଶ୍ୱରର ଗଣିତ ବିଭାଗ ପ୍ରଫେସର ଡ. ବୃନ୍ଦାବନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭବିଷ୍ୟତରେ ଗଣିତ ସମ୍ବନ୍ଧରେ ଅଧିକରୁ ଅଧିକ ଜ୍ଞାନ ଆହରଣ କରିବା ଓ ଦକ୍ଷତା ବିକାଶ ନିତ୍ୟାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରି ଛାତ୍ରୀଛାତ୍ରମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ତୁଷାରକାନ୍ତି ନାୟକ ଗ୍ରୁପ୍ ଥିଓରୀକୁ ଆଧାର କରି ନିଜସ୍ୱ ଗବେଷଣାରୁ ପ୍ରାପ୍ତ ଅନେକ ମୂଲ୍ୟବାନ ସିଦ୍ଧାନ୍ତଗୁଡିକ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଦେବାଶିଷ ମହାନ୍ତି ଓ କମ୍ପ୍ୟୁଟର ବିଜ୍ଞାନ ମୁଖ୍ୟ ଡ.ଦିଲୀପ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ସୋନାମନି ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣପଦକ ହାସଲ କରିଥିବା ବିଗତ ବର୍ଷରେ ମହାବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବରପ୍ରାପ୍ତ କରିଥିବା ଗଣିତ ବିଭାଗର ଦୁଇ ଛାତ୍ରୀ ରଶ୍ମିତା ସାହୁ ଓ ସୁପ୍ରିୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗଣିତ ବିଭାଗ ଅଧ୍ୟାପିକା ପୁଷ୍ପାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଧ୍ୟାପକ ତୁଷାରକାନ୍ତ ସେନାପତି, ଅମନ ପ୍ରଧାନ, ଅଧ୍ୟାପିକା ଲୈଲାରଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଅଧ୍ୟାପିକା ବିଦୂଷୀ ମଧୁସ୍ମିତା ଧନ୍ୟବାଦ ପ୍ରଦାନ କରିଥିଲେ ।।

# ପରୀକ୍ଷା ପରିଚାଳନାରେ ତ୍ରୁଟି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷା ସୁପରିଚାଳନା ପାଇଁ ସମୀକ୍ଷା**



ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷା ସୁପରିଚାଳନା ପାଇଁ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଢେଙ୍କାନାଳ,୧୬।୨(ରତନ ନାୟାର)

ଢେଙ୍କାନାଳ ଜିଲାରେ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ ପରୀକ୍ଷାର ସୁପରିଚାଳନା ନିମନ୍ତେ ରବିବାର ମଧ୍ୟାହ୍ନରେ ଜିଲା କାର୍ଯ୍ୟାଳୟ ସଦଭାବନା ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ପରୀକ୍ଷା ବ୍ୟବସ୍ଥା ପରିଚାଳନା ସମୀକ୍ଷା କରି ପରୀକ୍ଷା ପରିଚାଳନାରେ ଯେପରି କୌଣସି ବ୍ୟତିକ୍ରମ ନ ହେବ, ସେଥିପାଇଁ ସମ୍ପୃକ୍ତ ଅଧିକାରୀ ଶୃଙ୍ଖଳିତ ଓ ଦାୟିତ୍ୱବୋଧତାର ସହ ନିଜର କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସୁପରିଟେଣ୍ଡ ଅଫିସରମାନେ ପରୀକ୍ଷା ପୂର୍ବରୁ କେନ୍ଦ୍ରଗୁଡିକୁ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବେ। ପରୀକ୍ଷା ସମୟରେ ବରିଷ୍ଠ ଅଧିକାରୀମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ତଦାରଖ କରିବେ। ଜିଲାରେ ଚଳିତମାସ ୨୧ ତାରିଖରୁ ୯୪ଟି କେନ୍ଦ୍ରରେ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ । ସମସ୍ତ ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ଚାଲିବ । କେବଳ ଗଣିତ ପରୀକ୍ଷା ସକାଳ ୯ଟାରୁ ୧୧ଟା ୪୫ମିନିଟ ପର୍ଯ୍ୟନ୍ତ ଚାଲିବ । ପ୍ରଶ୍ନପତ୍ର ରଖାଯିବା ନିମନ୍ତେ ୧୦ଟି ନୋଡାଲ ସେଣ୍ଟର କରାଯାଇ ସେଠାରେ ସିସିଟିଭି ଓ ପୋଲିସ ବ୍ୟବସ୍ଥା କରାଯାଇଛି । ଏଥିସହିତ ସମସ୍ତ ପରୀକ୍ଷା କେନ୍ଦ୍ରଗୁଡିକରେ ସିସିଟିଭି ବ୍ୟବସ୍ଥା କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ସୂଚନା ଦେଇଥିଲେ। ପରୀକ୍ଷାର୍ଥୀମାନଙ୍କୁ କୌଣସି ପ୍ରକାର ଘଣ୍ଟା ନେବାକୁ ଅନୁମତି ନଥିବାରୁ ପ୍ରତ୍ୟେକ କେନ୍ଦ୍ରରେ କାନ୍ଥଘଣ୍ଟା ଲଗାଯିବ ବୋଲି ପ୍ରକାଶ କରିଥିଲେ । ସେହିପରି ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ ପରୀକ୍ଷା ଜିଲାର ୪୩ଟି କେନ୍ଦ୍ରରେ ଚଳିତମାସ ୧୮ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପରୀକ୍ଷା ସୁପରିଚାଳନାରେ କୌଣସି ଅଧିକାରୀ, କର୍ମଚାରୀ ଅସଦ୍‌ଉପାୟ କିମ୍ବା ବିଶୃଙ୍ଖଳା ଆଚରଣ କଲେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଚେତାବନୀ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଗୁଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ନିରଞ୍ଜନ ପାଢୀ, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ, ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ପରିଡାଙ୍କ ସମେତ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅଧ୍ୟକ୍ଷ, ବିଭାଗୀୟ ଅଧିକାରୀ, ସମସ୍ତ ତହସିଲଦାର ଓ ବିଡିଓମାନେ ଉପସ୍ଥିତ ଥିଲେ ।

# ହୃଦ୍‌ଘାତରେ ବନାଞ୍ଚଳ ଅଧିକାରୀଙ୍କ ମୃତ୍ୟୁ

ବନ୍ତଲା,୧୬।୨ (ସୁଶିତ ସାହୁ)

ଦୀର୍ଘଦିନ ଧରି ସାତକୋଶିଆ ବନଖଣ୍ଡର ବିଭିନ୍ନ ବନାଞ୍ଚଳରେ କାର୍ଯ୍ୟରତ ଥିବା ରେଞ୍ଜର ଜୟନ୍ତ ପଟ୍ଟନାୟକଙ୍କ ରବିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସକାଳେ ସେ ଅଫିସରେ କାମ କରୁଥିଲାବେଳେ ତାଙ୍କର ବାନ୍ତି ହେବା ସହ ଅସୁସ୍ଥ ଲାଗୁଥିବା ପ୍ରକାଶ କରିଥିଲେ। କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅତି ମେଳାପୀ ଥିବାରୁ ତାଙ୍କ ବିୟୋଗରେ ବନବିଭାଗ କର୍ମଚାରୀ ଓ ସାତକୋଶିଆ ବନଖଣ୍ଡ ଅଧୀନସ୍ଥ ଅଞ୍ଚଳବାସୀ ଶୋକ ପ୍ରକାଶ କରିଛନ୍ତି।

# ମହିମାଗାଦୀରେ ଐତିହ୍ୟ ପଦଯାତ୍ରୀ ଦଳ




**ପଦଯାତ୍ରାର ୨୨ତମ ସଂସ୍କରଣ**

ଢେଙ୍କାନାଳ,୧୬।୨(ରତନ ନାୟାର)

ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୨୨ତମ ସଂସ୍କରଣ ମହିମାଧର୍ମର ମୁଖ୍ୟଧାମ ଯୋରନ୍ଦା ମହାମାଗାଦିଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପଦଯାତ୍ରୀମାନେ ମହିମାଗାଦିରେ ପହଁଚିବା ପରେ ମହିମା ମଣ୍ଡଳ ପରିସରରେ ମହିମା ସତ୍ୟଧାମ ବିକାଶ ପରିଷଦ, ଯୋରନ୍ଦା ବରିଷ୍ଠ ନାଗରିକ ମଞ୍ଚ ଓ ମହିମାଗାଦି ଆଞ୍ଚଳିକ ପରଷଦ ତରଫରୁ ଆନନ୍ଦ ଚନ୍ଦ୍ର ମହାନ୍ତି, ପୀତବାସ ରାଉତ, ଗୋକୁଳଚନ୍ଦ୍ର ସାହୁ, ସୁଧାଂଶୁ ଶେଖର ରାଉତ ଓ ନେତ୍ରାନନ୍ଦ ରାଉତ ପ୍ରମୁଖ ପଦଯାତ୍ରୀ ଦଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ବଲ୍କଲଧାରୀ ମହିମା ସମାଜର ସଭାପତି ବାବା ନିତ୍ୟାନନ୍ଦ ଦାସ, ମହିମାଧର୍ମର ଉତ୍ପତି ଓ ଇତିହାସ ସମ୍ପର୍କରେ ଐତିହ୍ୟ ପଦଯାତ୍ରୀମାନଙ୍କୁ ସୂଚନା ପ୍ରଦାନ କରି ମହିମାଧର୍ମ ଏକ ସାମାଜିକ ଆନ୍ଦୋଳନ ଓ ଏହାର ସହାବସ୍ଥାନକୁ ଗୁରୁତ୍ୱ ଦେଇଥାଏ ବୋଲି କହିଥିଲେ। ଏହା ନିରାକାର, ନିର୍ବିକାର ଓ ବ୍ରହ୍ମବାଦ ଉପରେ ପ୍ରତିଷ୍ଠିତ ଜଗତ କଲ୍ୟାଣ ଏହାର ମୁଖ୍ୟ ଆବେଦନ । ପରା, ଅପରା ସନ୍ନ୍ୟାସ ମାଧ୍ୟମରେ ମହିମାଧର୍ମ ସତ୍ୟ, ଅହିଂସା ଓ ବ୍ୟକ୍ତିର ଆତ୍ମୀୟ ଶୁଦ୍ଧତାକୁ ଗୁରୁତ୍ୱ ପ୍ରଦାନ କରିଥାଏ ବୋଲି ବାବା ନିତ୍ୟାନନ୍ଦ ଦାସ କହିଥିଲେ। ଏହି ଅବସରରେ ନଟବର ବାବା ମହିମାଧର୍ମର ଆଧ୍ୟାତ୍ମିକ ଦର୍ଶନ ସମ୍ପର୍କରେ ପଦଯାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ପଦଯାତ୍ରୀମାନଙ୍କୁ ଆଶ୍ରମରେ ଅନ୍ନ ପ୍ରସାଦରେ ଆପାୟିତ କରାଯାଇଥିଲା । ପରେ ପରେ ପଦଯାତ୍ରୀମାନେ ଗାଦୀମନ୍ଦିର, ନୀତି ମନ୍ଦିର, ଘଣ୍ଟାଘର, ଧୂନୀ ମନ୍ଦିର, ଶୂନ୍ୟମନ୍ଦିର, ଅଖଣ୍ଡବତୀ ମନ୍ଦିର, ଏକୋଇଶ ହାତିଆ ଟୁଙ୍ଗୀ, ମହିମା ସ୍ୱାମୀଙ୍କ ଭିକ୍ଷାସ୍ଥଳ ଓ ଅନ୍ୟାନ୍ୟ ଆଶ୍ରମ ବୁଲି ଦେଖିଥଲେ । ଐହିତ୍ୟ ପଦଯାତ୍ରାର ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ରମେଶଚନ୍ଦ୍ର ପତି, ବିପିନ ବିହାରୀ ପାଣି, ବଦ୍ରିନାଥ ଜେନା, ବରିଷ୍ଠ ଫଟୋଗ୍ରାଫର ହୃଦାନନ୍ଦ ବେହେରା, ରାଉରକେଲାରୁ ଆସିଥିବା ସୁବ୍ରତ କୁମାର ବଳ, ପିୟୁଷ ଅଗ୍ରୱାଲ, ବିଶ୍ୱଜିତ ଶତପଥୀ, ନାରାୟଣ ପଟ୍ଟନାୟକ, ବିକାଶ ପ୍ରଧାନ, ବିଶ୍ୱରଞ୍ଜନ ସାହୁ, ଚନ୍ଦ୍ରଶେଖର ରାଉତ, କ୍ଷମାମୟୀ ବେହେରା, ଅର୍ଚ୍ଚନା ବେଜ, ମେଘା ମୌସୁମୀ ସାହୁ, ପିୟୁଷ ମାଟି, ଆଶୁତୋଷ ସାହୁ, ରାହୁଲ ନାୟକ, ଶିବ ପ୍ରସାଦ ସାହୁ, ବିକାଶ ରାଉତ, ଗୋପାଳ ସାସମଲ ଏବଂ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ ।

# ନୂତନ ପିସିସି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତି



ଢେଙ୍କାନାଳ,୧୬।୨(ରତନ ନାୟାର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନବ ନିଯୁକ୍ତ ସଭାପତି ଭକ୍ତ ଚରଣ ଦାସଙ୍କୁ ଆସନ୍ତା ୧୮ ତାରିଖ ଦିନ ଭୁବନେଶ୍ୱରଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ରବିବାର ଗାନ୍ଧିମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଭାପତି ସୁନିଲ ଦାଶ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଦଳ ପକ୍ଷରୁ ବରିଷ୍ଠ ନେତା ସସ୍ମିତା ବେହେରା, ବିପ୍ରବର ସାହୁ, ରଣଜିତ କୁମାର ସାହୁ, ଶାନ୍ତନୁ ସାହୁ, ଡ. ତୁଷାରକାନ୍ତି ନାୟକ, ବେଣୁଧର ସାହୁ, ରୁଦ୍ର ପ୍ରକାଶ ଶରଣ, ନିଶାକର ସାହୁ, ବିଜୟ ସ୍ୱାଇଁ, ଛବିରାଜ ବିଶ୍ୱାଳ, ଶିଳ୍ପୀଶ୍ରୀ ହରିଚନ୍ଦନ, ମହମ୍ମଦ ଏର୍ସାଦ୍, ମହମ୍ମଦ ସମୀର, ଫକିର ଚରଣ ବେହେରା, ଜିତେନ୍ଦ୍ର କୁମାର ସାହୁ, ନଗେନ ବିନାୟକ, ଅଖିଳ ମହାପାତ୍ର, ପ୍ରମୋଦ ମହାପାତ୍ର, ପ୍ରିୟବ୍ରତ ଗଡନାୟକ, ସରୋଜ ଶତପଥୀ, ସୁଶାନ୍ତ କୁମାର ଧଳ ଓ ଅବିନାଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଓଡିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ମହାସଂଗ୍ରାମ କରିବା ସଂକଳ୍ପ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଲାଭ ନିମନ୍ତେ ଶ୍ରୀକ୍ଷେତ୍ର ଧାମ ପୁରୀକୁ ପ୍ରସ୍ତାବିତ ସଂକଳ୍ପ ଯାତ୍ରା ଜିଲାସ୍ତରରେ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିବା ବେଳେ ଆଗକୁ କଂଗ୍ରେସ ସଂଗଠନ ସୁଦୃଢ ହୋଇପାରିବ ବୋଲି ଦଳୀୟ ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ ।

# ସ୍ୱାସ୍ଥ୍ୟ ଓ ସ୍ୱଚ୍ଛ ଭାରତ ସଚେତନତା

ଢେଙ୍କାନାଳ,୧୬।୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ କାଙ୍କଡପାଳ ପଞ୍ଚାୟତ ସରଖିଆ ଆଶ୍ରମ ସ୍କୁଲ୍ ଠାରେ ପିପିଏଚ୍‌ଏଫ୍ ଦ୍ୱାରା ଚାଳିତ ମୋବାଇଲ୍ ମେଡିକାଲ୍ ୟୁନିଟି ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ଓ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରର ୨୦୦ ରୁ ଅଧିକ ବାଳକ ଓ ବାଳିକାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରିବା ସହ ସେମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ସ୍ୱାସ୍ଥ୍ୟ ଶିବିରରେ ପିପିଏଚ୍‌ଏଫ୍‌ର କର୍ମକର୍ତ୍ତା ମେଡିକାଲ୍ ଅଫିସର୍ ଡା. ସୁଧାଂଶୁ ବାଳା ପାଣିଗ୍ରାହୀ, ଫାର୍ମାଶିଷ୍ଟ ପ୍ରତାପ କୁମାର ଶୁକ୍ଲା, ଏଲ୍.ଟି. ସନ୍ତୋଷ ସେଠୀ, ଏଏନ୍‌ଏମ୍. ସୁଭଦ୍ରା ବେହେରା, ବିନୋଦ ମଲ୍ଲିକ ଏବଂ ଆର୍‌ବିଏସ୍‌କେ. ଟିମ୍‌ର ଡା. ଓମ୍ ପ୍ରକାଶ ବରାଳ, ଡା. ଚିନ୍ମୟୀ ଦେବୀ, ଫାର୍ମାସିଷ୍ଟ ଅରବିନ୍ଦ ଶତପଥୀ, ଏଏନ୍‌ଏମ୍. ରଶ୍ମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଶ୍ରମ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଅନିଲ୍ ରଞ୍ଜନ ଦାସ, ଶିକ୍ଷୟିତ୍ରୀ ମମତା ସାହୁ, ସୁଫଳା ସ୍ୱାଇଁ, ବିଦ୍ୟୁଲତା ସାମଲ, କନିଷ୍ଠ ଶିକ୍ଷକ ଦିବାକର ସମାଡ, ଡବ୍ଲୁଇଓ. ଅୟେସ୍‌କାନ୍ତ ଦାସ, ନନ୍ଦିନୀ ନାୟକ, ସୁଷମା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜିତା ସାହୁ, ମମତା ଦେବୀ ପ୍ରମୁଖ ସ୍ୱାସ୍ଥ୍ୟ ଶିବିରରେ ସହଯୋଗ କରିଥିଲେ । ବିଦ୍ୟାଳୟ ପରିସର ସଫା କରିବା ସହ ଏହି ଏସ୍‌ବିଆଇଏଫ୍ ସଞ୍ଜୀବନୀ କ୍ଲିନିକ୍ ଅନ୍ ହ୍ୱିଲସ୍ ପ୍ରକଳ୍ପଟି ଏସ୍‌ବିଆଇ ଫାଉଣ୍ଡେସନ୍ ତରଫରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱରେ ଢେଙ୍କାନାଳ ଜିଲାରେ ସଂଚାଳିତ ହେଉଛି । ସ୍ୱାସ୍ଥ୍ୟ ସୁବିଧା ଓ ସଚେତନତା ବୃଦ୍ଧି କରିବା ସହ ଜନସମୁଦାୟକୁ ସ୍ୱାସ୍ଥ୍ୟ ସୁବିଧା ଦେବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ।



ବିଦ୍ୟାଳୟରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇଥିବା ଡାକ୍ତର ଓ ଛାତ୍ରୀଛାତ୍ର ।

# ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଢେଙ୍କାନାଳ,୧୬।୨(ରତନ ନାୟାର)

ଢେଙ୍କାନଳ ପୌରାଞ୍ଚଳ ବଳରାମ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୫ଦିନ ଧରି ଆୟୋଜିତ ପଞ୍ଚଦିବସୀୟ ଏକ ଶିକ୍ଷକ ପ୍ରଶିକ୍ଷଣ ଶିବିର ରବିବାର ଉଦଯାପିତ ହୋଇଯାଇଛି। ଶିବିରରେ ପିଲାଙ୍କର ମନସ୍ତତ୍ତ୍ୱକୁ ବୁଝିବା, ପିଲାମାନଙ୍କର ଜ୍ଞାନ ଆହରଣ ପ୍ରକ୍ରିୟା, ଶ୍ରେଣୀ ପରିଚାଳନା, ପାଠ୍ୟ ଯୋଜନା ପ୍ରସ୍ତୁତି, ମାନ ନିର୍ଦ୍ଧାରଣ, ଶିକ୍ଷା ଅଧିକାର ଆଇନ୍, ଶିକ୍ଷା ସମ୍ପର୍କିତ ସୂଚକାଙ୍କ ଓ ଶିକ୍ଷକତା ବୃତି ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଗଲା। ସଦର ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ୫୧ଜଣ ସ୍କିମାଟିକ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ପାଢୀ, ଡ. ପଞ୍ଚାନନ ସୁନ୍ଦର ପାଣୀ ଓ ଶିକ୍ଷୟିତ୍ରୀ ଅସୀମାରାଣୀ ଆଚାର୍ଯ୍ୟ ସାଧନକର୍ମୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କଲେ। ବିଆରସିସି ଦେବବ୍ରତ ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଇଓ ବ୍ରହ୍ମାନନ୍ଦ ରାଉତ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ଶତ୍ରୁଘ୍ନ ଖଣ୍ଡା ଯୋଗଦେଇ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ଓ ପେନ୍‌ଡ୍ରାଇଭ ପ୍ରଦାନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷଣଲବ୍ଧ ଜ୍ଞାନକୁ ଶ୍ରେଣୀ କକ୍ଷରେ ରୂପାୟନ କରିପାରିଲେ ଶିବିର ଆୟୋଜନ ସାର୍ଥକ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କ ତରଫରୁ ଅତିଥି ଓ ସାଧନକର୍ମୀମାନଙ୍କୁ ଫୁଲକୁଣ୍ଡ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସିଆରସିସି ପ୍ରିୟବ୍ରତ ସାହୁ ଓ ପ୍ରିୟମ୍ବଦା ପଣ୍ଡା ସହଯୋଗ କରିଥିଲେ।

# ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଏକ ସମୀକ୍ଷା ବୈଠକ

ଢେଙ୍କାନାଳ,୧୬।୨(ରତନ ନାୟାର)



ଢେଙ୍କାନାଳ ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ସଭାପତି ପଙ୍କଜ କୁମାର ନାୟକଙ୍କ ନେତୃତ୍ୱରେ ଶନିବାର ଆମ ଆଦମୀ ପାର୍ଟି ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ସମ୍ପାଦକ ଭରତ କୁମାର ଦାସ ଯୋଗଦେଇ ଦିଲ୍ଲୀରେ ଆପ୍ ଦଳର ପରାଜୟ କାରଣ ସମ୍ପର୍କରେ ମତଦେଇ ଦିଲ୍ଲୀରେ ଅସତ୍ୟ ଓ ଅଧର୍ମର ବିଜୟ ହୋଇଛି । ଏହା ବେଶିଦିନ ତିଷ୍ଠିବ ନାହିଁ ବୋଲି କହିଥିଲେ । ଦିଲ୍ଲୀରେ ବିଦ୍ୟୁତ କାଟ, ମହିଳାମାନଙ୍କୁ ଫ୍ରି ବସ୍ ସେବା ବନ୍ଦ କରିବା ଏବଂ ମେଟ୍ରୋ ଟିକେଟ ଦାମ ବଢିବା ନେଇ ଅସନ୍ତୋଷ ବୃଦ୍ଧି ପାଉଛି ବୋଲି ଜିଲା ସଭାପତି କହିଥିଲେ । ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ପ୍ରଶାସନ ପାଖରେ ଦାବି କରାଯିବ ବୋଲି କହିଥିଲେ । ଗାଁଗାଁରେ ବୈଠକ କରି ପାନୀୟଜଳର ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲା ଉପସଭାପତି ଜିତେନ୍ଦ୍ର ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହେବ । କାର୍ଯ୍ୟକାରୀ ସଭାପତି ରମେଶଚନ୍ଦ୍ର ପଣ୍ଡା କହିଲେ, ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବନ୍ୟଜନ୍ତୁଙ୍କ ପାଇଁ ପାନୀୟଜଳ କେବଳ କାଗଜ କଲମରେ ହେଉଛି । ଏଥିପାଇଁ ଆରଟିଆଇ ମାଧ୍ୟମରେ ମଗାଯିବା ସହିତ ବନ ଅଧିକାରୀଙ୍କ ସହିତ ଆଲୋଚନା ପାଇଁ ଦାୟିତ୍ୱ ପ୍ରଦାନ କରାଗଲା । ଆଇନଜୀବୀ ସରୋଜ ଧଳ ଆଇନ କାନୁନ ସମ୍ପର୍କରେ ସହାୟତା ପ୍ରଦାନ କରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ସାମଲ, ପ୍ରସନ୍ନ ବରାଳ, ରୁନୁବାଳା ଟିନାରା, ରଚିତା ନାଏକ ପ୍ରମୁଖ ନିଜର ମତ ରଖିଥିଲେ । ଶେଷରେ ପୌରାଞ୍ଚଳ ଅଧ୍ୟକ୍ଷ ଦେବାଶିଷ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ ।

# କପିଳାସ ପ୍ରମୋଟର୍ସ ଲିମିଟେଡ୍ ଉଦ୍‌ଘାଟିତ

ଢେଙ୍କାନାଳ,୧୬।୨(ରତନ ନାୟାର)

ଢେଙ୍କାନାଳ ମହାବୀର ବଜାରସ୍ଥିତ ଦିଶା ହସପିଟାଲ ସମ୍ମୁଖରେ କପିଳାସ ପ୍ରମୋଟର୍ସ ଲିମିଟେଡ୍ ନିମନ୍ତେ ଜମିଜମା ବିକ୍ରି ପାଇଁ ଏକ କାର୍ଯ୍ୟାଳୟ ରବିବାର ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗ୍ୟ ବାସସ୍ଥାନ ଯୋଗାଇ ଦେବା ଅନୁଷ୍ଠାନର ଲକ୍ଷ୍ୟ । ଏଥିସହିତ ସାମାଜିକ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରାଯିବ ବୋଲି କପିଳାସ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ ପରଚାଳନା ନିର୍ଦ୍ଦେଶକ ହୃଦାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି । ମହମ୍ମଦ ସାଗିର, ସତ୍ୟାନନ୍ଦ ରାଉଳ, ରଞ୍ଜନ କୁମାର ସାହୁ ଓ ଦିଲୀପ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



# ଢେଙ୍କାନାଳକୁ ହରାଇ ସେମି ଫାଇନାଲରେ କଲିକତା

**ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ ଉଦ୍‌ଘାଟିତ**



ମୁଖ୍ୟ ଅତିଥି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଦୁଇ ଦଳର ଖେଳାଳି ।

ଢେଙ୍କାନାଳ,୧୬।୨(ରତନ ନାୟାର)

ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମଠାରେ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ରବିବାର ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଭାଜପା ମିଡିଆସେଲ ପ୍ରଭାରୀ ବରିଷ୍ଠ ଆଇନଜୀବୀ ନବ କିଶୋର ଗୁରୁ, ବିଷ୍ଣୁ ପ୍ରସାଦ ଲେଙ୍କା, ଅକ୍ଷୟ କୁମାର ମହାନ୍ତି, ମାତୃ ପ୍ରସାଦ ନନ୍ଦ, ସନ୍ତୋଷ କୁମାର ରାଉତ, ରୁଦ୍ର ନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଉଦଘାଟନୀ ମ୍ୟାଚରେ କଲିକତାର ସିଏଲ୍‌ଡବ୍ଲୁଦଳ ରାମେଶ୍ୱର ସ୍ପୋର୍ଟିଂ ଢେଙ୍କାନାଳ ଦଳକୁ ୫ ୱିକେଟରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛନ୍ତି । ଟସ ଜିତି ରାମେଶ୍ୱର ସ୍ପୋର୍ଟିଂ ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୧ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅନିଲ ରାଉତ ୨୦ଟି ବଲରେ ୪୩ ଓ ଅଧିନାୟକ ତନ୍ମୟ ମହାନ୍ତି ୧୬ଟି ବଲରେ ୨୨ରନ ସଂଗ୍ରହ କରିଥିଲେ । ସିଏଲ୍‌ଡବ୍ଲୁକଲିକତା ପକ୍ଷରୁ ଆଜାଦ ହାନସାରୀ ୪ ଓଭର ବୋଲିଂ କରି ୧୫ରନରେ ୨ଟି ୱିକେଟ ନେଇଥିଲେ । ଜବାବରେ ସିଏଲ୍‌ଡବ୍ଲୁ କଲିକତା ଦଳ ୧୭.୪ ଓଭରରେ ୫ ୱିକେଟ ହରାଇ ୧୪୨ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ସାହିର ମୋଇନଉଦ୍ଦିନ ୪୦ଟି ବଲରୁ ୫୩ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ସେହିପରି ତନୁଜିତ୍ ଆଚାର୍ଜୀ ୧୯ଟି ବଲରୁ ୩୧ରନ ସଂଗ୍ରହ କରିଥିଲେ । ରାମେଶ୍ୱର ସ୍ପୋର୍ଟିଂ ଢେଙ୍କାନାଳ ଦଳ ପକ୍ଷରୁ ଆକାଶ ପ୍ରଧାଣ ୨ଟି ୱିକେଟ ଅକ୍ତିଆର କରିଥିଲେ । ଏହି ମ୍ୟାଚକୁ ଅମ୍ପାୟାର ସୋମନାଥ ସେଠୀ, ସୁଜିତ କୁମାର ପ୍ରଧାନ ପରିଚାଳନା କରିଥିଲେ । ଉଦଘାଟନୀ ଉତ୍ସବରେ ପୂର୍ବତନ ବରିଷ୍ଠ କ୍ରିକେଟ ଖେଳାଳି ତାପସ ମିଶ୍ର ଓ ରତନ ନାୟାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରୟାସ ଅନୁଷ୍ଠାନ ପକ୍ଷରୁ ରଣଜିତ୍ ବିଶାଳ, ଏମ୍‌ଜେ ମହିମାଙ୍କ ସମେତ ସଦସ୍ୟମାନେ ମ୍ୟାଚ ପରଚାଳନା କରିଥିଲେ । ସୋମବାର ମ୍ୟାଚରେ ସୋଲାର କ୍ରିକେଟ କ୍ଲବ କଟକ ଦଳ ସେଫସା ରାଞ୍ଚିକୁ ଭେଟିବ ।



ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆଇପିଏଲ୍ ଟ୍ରଫି ପୂଜାର୍ଚ୍ଚନା କରାଯାଉଛି।

# ମାର୍ଚ୍ଚ ୨୨ରୁ ଆଇପିଏଲ୍

## କୋଲକାତା ନାଇଟ ରାଇଡର୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉଦ୍‌ଘାଟନୀ ମ୍ୟାଚ

ନୂଆଦିଲ୍ଲୀ, ୧୬।୨ (ପି.ଟି.)

ଇଣ୍ଡିଆନ ପ୍ରିମିୟମର ଲିଗ୍ (ଆଇପିଏଲ୍)ର ୧୮ତମ ସଂସ୍କରଣ ମାର୍ଚ୍ଚ ୨୨ରୁ ଆରମ୍ଭ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ରବିବାର ଘୋଷଣା କରିଛି। ଦେଶର ୧୩ଟି ଭେନ୍ୟୁରେ ମୋଟ ୭୪ ମ୍ୟାଚ ଖେଳାଯିବ। ତିନୋଟି ଫ୍ରାଞ୍ଚାଇଜ ଅତିକମ୍‌ରେ ସେମାନଙ୍କ ଦୁଇଟି ହୋମ୍ ଗେମ୍ ସେମାନଙ୍କ ନିର୍ଦ୍ଧାରିତ ଦ୍ୱିତୀୟ ହୋମ ଭେନ୍ୟୁରେ ଖେଳିବେ। ଇଡେନ ଗାର୍ଡେନ୍ସରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ କୋଲକାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ମଧ୍ୟରେ ମାର୍ଚ୍ଚ ୨୨ରେ ଖେଳାଯିବ। ସମାନ ଭେନ୍ୟୁରେ ଫାଇନାଲ ମେ ୨୫ରେ ଖେଳାଯିବ। ଆଇପିଏଲ୍ ୨୦୨୫ ସିଜନରେ ୧୨ଟି ଡବଲ୍ ହେଡର ମ୍ୟାଚ ରହିଛି। ଧର୍ମଶାଳା, ଗୁଆହାଟୀ ଓ ବିଶାଖାପାଟଣା ଆଦି ପ୍ରତ୍ୟେକ ଭେନ୍ୟୁ ଦୁଇଟି ଲେଖାଏଁ ମ୍ୟାଚର ଆୟୋଜନ କରିବେ। ନିୟମାନୁସାରେ ମୁଲାନପୁର (ନ୍ୟୁ ଚଣ୍ଡିଗଡ଼) ସହିତ ଧର୍ମଶାଳାକୁ ଦ୍ୱିତୀୟ ହୋମ୍ ଭେନ୍ୟୁ ଭାବେ ବ୍ୟବହାର କରିବ। ପଞ୍ଜାବ କିଙ୍ଗ୍ସ। ଅନ୍ୟପକ୍ଷରେ ଜୟପୁରକୁ ଛାଡ଼ି ଦେଲେ ଗୁଆହାଟୀକୁ ଏହାର ଦ୍ୱିତୀୟ ଆସ୍ଥାନ ଭାବେ ବ୍ୟବହାର କରିବ ରାଜସ୍ଥାନ ରୟାଲ୍ସ। ବିଶାଖାପାଟଣା ଦିଲ୍ଲୀ କ୍ୟାପିଟାଲ୍ସର ଦ୍ୱିତୀୟ ହୋମ୍ ଭେନ୍ୟୁ ଭାବେ କାର୍ଯ୍ୟକରିବ। ଦଳ ମାର୍ଚ୍ଚ ୨୪ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଖେଳି ଏହାର ଲିଗ୍ ଅଭିଯାନ ଆରମ୍ଭ କରିବ। ଗୁଆହାଟୀ ଓ ବିଶାଖାପାଟଣା ପ୍ରତ୍ୟେକ ଦୁଇଟି ଲେଖାଏଁ ମ୍ୟାଚ ଆୟୋଜନ କରିବାକୁ ଥିବା ବେଳେ ଧର୍ମଶାଳାରେ ୩ଟି ମ୍ୟାଚ ହେବ। ସିଜନର ପ୍ରଥମ ଡବଲ ହେଡର ମାର୍ଚ୍ଚ ୨୩ରେ ଖେଳାଯିବ। ସେଦିନ ଅପରାହ୍ଣରେ ସନରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯିବାକୁଥିବା ବେଳେ ଚେନ୍ନାଇସ୍ଥିତ ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ପରେ ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ ହେବ। ଲିଗ୍ ପର୍ଯ୍ୟାୟ ପରେ ପ୍ଲେ-ଅଫ୍ ଗୁଡ଼ିକ ହାଇଦ୍ରାବାଦ ଓ କୋଲକାତାରେ ଖେଳାଯିବ। ହାଇଦ୍ରାବାଦରେ କ୍ୱାଲିଫାୟର-୧ ଓ ଏଲିମିନେଟର ଯଥାକ୍ରମେ ମେ ୨୦ ଓ ମେ ୨୧ରେ ଖେଳାଯିବ। ପରେ ମେ ୨୩ରେ କୋଲକାତାରେ କ୍ୱାଲିଫାୟର-୨ ହେବ। ୨୦୨୨ରେ ଆଇପିଏଲ୍‌କୁ ୧୦ ଦଳିଆ ଫର୍ମାଟରେ ପରିଣତ କରାଯିବାପରେ ଏହା ଦୁଇ ଗ୍ରୁପ୍ ଢାଞ୍ଚାରେ ଖେଳାଯାଇ ଆସୁଛି। ଗ୍ରୁପ୍-୧ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ହେଲେ: କୋଲକାତା ନାଇଟ ରାଇଡର୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ। ସେହିପରି ଅନ୍ୟ ଗ୍ରୁପ୍ ଟିରେ ସନରାଇଜର୍ସ ହାଇଦ୍ରାବାଦ, ଦିଲ୍ଲୀ କ୍ୟାପିଟାଲ୍ସ, ଗୁଜରାଟ ଟାଇଟନ୍ସ, ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ପ୍ରତ୍ୟେକ ଦଳ ସେମାନଙ୍କ ଗ୍ରୁପ୍‌ରେ ଅନ୍ୟ ଦଳ ସହିତ ଦୁଇଥର ଲେଖାଏଁ ଖେଳିବେ। ଏହାଛଡ଼ା ଏକ ପୂର୍ବ ନିର୍ଦ୍ଧାରିତ ଦଳ ସହିତ ଅନ୍ୟଦଳର ଶେଷ ୩ଟି ଦଳ ସହିତ ଥରେ ଲେଖାଏଁ ମ୍ୟାଚ ଖେଳିବେ।

# ଆନିସିମୋଭା ଜିତିଲେ କାତାର ଓପନ ଟାଇଟଲ

ଦୋହା, ୧୬।୨ (ଏପି)

ଆମାଣ୍ଡା ଆନିସିମୋଭା କାତାର ଓପନ ଟେନିସ ଟାଇଟଲ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ତୃତୀୟ ଏବଂ ୨୦୨୨ ପରେ ପ୍ରଥମ ଟାଇଟଲ। ଫାଇନାଲରେ ସେ ପୂର୍ବତନ ଫ୍ରେଞ୍ଚ ଓପନ ଚାମ୍ପିୟନ ଜେଲେନା ଓଷ୍ଟାପେଙ୍କୋଙ୍କୁ ୬-୪, ୬-୩ରେ ହରାଇ ଦେଇଛନ୍ତି। ବର୍ଷା ଯୋଗୁ ମ୍ୟାଚ ଦୁଇଥର ବାଧାପ୍ରାପ୍ତ ହୋଇଥିଲା। ୨୦୦୨ରେ ମୋନିକା ସେଲେସଙ୍କ ପରେ ଦୋହା ଟାଇଟଲ ହାସଲ କରିବାରେ ଆନିସିମୋଭା ହେଉଛନ୍ତି ପ୍ରଥମ ଆମେରିକୀୟ। ୪୧ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଆନିସିମୋଭା ଟପ୍ ୨୦ ନିକଟବର୍ତ୍ତୀ ହୋଇଛନ୍ତି। ଅନ୍ୟପକ୍ଷରେ ୩୭ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଲାଟ୍‌ଭିଆର ଓଷ୍ଟାପେଙ୍କୋଙ୍କର ଏହାଥିଲା ୧୭ତମ ଫାଇନାଲ। ସେ ତାଙ୍କ କ୍ୟାରିୟରର ୧୭ତମ ଟାଇଟଲ ହାତଛଡ଼ା କରିଛନ୍ତି।

# ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆଇପିଏଲ୍ ଟ୍ରଫିର ପୂଜାର୍ଚ୍ଚନା

ପୁରୀ, ୧୬।୨ (ଅଜିତ୍ କୁମାର ମହାନ୍ତି)

ଆସନ୍ତା ମାର୍ଚ୍ଚ ୨୨ରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ତେବେ ଏହା ପୂର୍ବରୁ ଟ୍ରଫି ଟୁର୍ ପ୍ରୋଗ୍ରାମରେ ଆଇପିଏଲ ଟ୍ରଫିକୁ ଦେଶର ବିଭିନ୍ନ ପ୍ରମୁଖ ସ୍ଥାନକୁ ନିଆଯାଇ ପ୍ରଦର୍ଶନ କରାଯାଉଛି। ସେହିପରି ଦେଶର ପ୍ରମୁଖ ପୀଠସ୍ଥଳକୁ ଟ୍ରଫି ନିଆଯାଇ ପୂଜାର୍ଚ୍ଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ଆଇପିଏଲ୍ ଟ୍ରଫିକୁ ପୁରୀ ଅଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରଦର୍ଶିତ କରାଯିବା ସହ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରାଯାଇଛି। ଗତବର୍ଷର ବିଜେତା ଦଳ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ଅଫିସିଆଲମାନେ ଆଇପିଏଲ୍ ଟ୍ରଫିକୁ ଆଣିଥିଲେ। ଟ୍ରଫିକୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଗହଳି ହୋଇଥିଲା। ଗତବର୍ଷ କୋଲକାତା ନାଇଟ୍ ରାଇଡର୍ସ ଆଇପିଏଲ୍ ଟ୍ରଫି ହାତେଇଥିବାବେଳେ ଚଳିତବର୍ଷ କିପରି ଏହାକୁ ପୁଣି ନିଜ କବ୍‌ଜାରେ ରଖିବ ସେନେଇ ଅଫିସିଆଲମାନେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା ସୂଚନା ମିଳିଛି। ଏହି ଅବସରରେ ଫଟୋଶୁଟ୍ କରାଯାଇଥିଲା। ଆଇପିଏଲ୍ ଟ୍ରଫିକୁ ପୂଜା କରିଥିବା ସେବାୟତ ଚନ୍ଦ୍ରଶେଖର ଖୁଣ୍ଟିଆ କହିଛନ୍ତି, ୨୦୨୪ରେ କେକେଆର୍ ଟିମ୍ ଆଇପିଏଲ୍ ଟ୍ରଫି ଜିତିଥିଲା। ଚଳିତ ବର୍ଷ ପୁଣି ଟ୍ରଫି ଜିତିବା ପାଇଁ କେକେଆର ଟିମ୍ ଆଶା ରଖିଛି। ତେଣୁ ଏଠାକୁ ଆଣି ପୂଜାର୍ଚ୍ଚନା କରାଯାଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିରକୁ ଟ୍ରଫି ଆସିବା ପୂର୍ବରୁ ଆସାମର ପ୍ରସିଦ୍ଧ ମା' କାମାକ୍ଷା ମନ୍ଦିରରେ ତାହାକୁ ପୂଜା କରାଯାଇଥିଲା, ଯାହାର ଏଭ ଭିଡିଓ କେକେଆର୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଛି।

# ଚାମ୍ପିୟନ୍ସ ଟ୍ରଫି ଓପନର ପାଇଁ ଉପଲବ୍ଧ ହେବେ ହାରିସ

**କରାଚୀ, ୧୬।୨ (ପି.ଟି.):** ପାକିସ୍ତାନ ଫାଷ୍ଟ ବୋଲର ହାରିସ ରୌଫ ଆଘାତଜନିତ ସମସ୍ୟାରୁ ମୁକ୍ତି ପାଇଛନ୍ତି। ତେଣୁ ସେ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ନ୍ୟୁଜିଲାଣ୍ଡ ବିପକ୍ଷ ଓପନିଂ ମ୍ୟାଚ ପାଇଁ ଉପଲବ୍ଧ ହେବେ। ଚଳିତ ତ୍ରିରାଷ୍ଟ୍ରୀୟ ସିରିଜ ଟୁର୍ନାମେଣ୍ଟରେ ତାଙ୍କ ଛାତି ନିମ୍ନ ଭାଗ ମାଂସପେଶୀରେ ସମସ୍ୟା ଦେଖା ଦେଇଥିଲା। ହାରିସ ହେଉଛନ୍ତି ପାକିସ୍ତାନର ଅନ୍ୟତମ ପ୍ରମୁଖ ବୋଲର। ମିଡଲ ଓଭରରେ ଉଇକେଟ ନେବାର ସାମର୍ଥ୍ୟ ତାଙ୍କ ନିକଟରେ ରହିଛି। ଆଘାତପ୍ରାପ୍ତ ଥିବା ସତ୍ତ୍ୱେ ଚୟନକର୍ତ୍ତାମାନେ ହାରିସଙ୍କୁ ଦଳରେ ସ୍ଥାନ ଦେଇଥିଲେ। କେବଳ ସେତିକି ନୁହେଁ ତାଙ୍କର ବିକଳ୍ପ ଭାବେ ସେମାନେ ଆକିଫ୍ ଜାଭେଦଙ୍କୁ ରଖିଥିଲେ। ହାରିସ ୪୬ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଖେଳି ୮୩ ଉଇକେଟ ଅକ୍ତିଆର କରିଛନ୍ତି। ଏହାଛଡ଼ା ୭୯ ଅନ୍ତର୍ଜାତୀୟ ଟି୨୦ରେ ସେ ୧୧୦ ଉଇକେଟ ହାସଲ କରିଛନ୍ତି। ସେ ନିଜକୁ ଜଣେ ହ୍ୱାଇଟ୍ ବଲ ସ୍ପେଶାଲିଷ୍ଟ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ପାକିସ୍ତାନର ପୂର୍ବତନ ପେସ୍ ବୋଲର ମହମ୍ମଦ ଅମିର ଶନିବାର ଏକ ଟିଭି ଚ୍ୟାନେଲକୁ ତାଙ୍କର ଏକ ସାକ୍ଷାତ୍‌କାରରେ ଚାମ୍ପିୟନ୍ସ ଟ୍ରଫି ଦୃଷ୍ଟିରୁ ହାରିସଙ୍କ ଫିଟ୍‌ନେସକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ପେସ୍ ବୋଲର ଜଣକ ଯଦି ପାର୍ଶ୍ୱ ଯନ୍ତ୍ରଣାର ଶିକାର ହୋଇଥାନ୍ତି ତେବେ ତାଙ୍କୁ ସୁସ୍ଥ ହେବା ଲାଗି ୫ରୁ ୬ ସପ୍ତାହ ସମୟ ଲାଗିବ।

# ଗଜନଫରଙ୍କ ସ୍ଥାନରେ ମୁଜିବୁର

**ମୁମ୍ବାଇ, ୧୬।୨ (ପି.ଟି.):** ଇଞ୍ଜୁରୀ ଯୋଗୁ ଆଲ୍ଲା ଗଜନଫର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ରୁ ବାହାର ହୋଇଥିବାରୁ ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କ ସ୍ଥାନରେ ଆଫଗାନିସ୍ଥାନ ଅଫ୍-ସ୍ପିନର ମୁଜିବୁର୍ ରହମନଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ କରିଛି। ଆଫଗାନିସ୍ତାନର ଏହି ୧୮ ବର୍ଷୀୟ ସ୍ପିନର ଆସନ୍ତା ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ଖେଳିପାରିବେ ନାହିଁ। ନିକଟରେ ଜିମ୍ବାୱେ ଟୁର୍ ବେଳେ ଗଜନଫର ଆଘାତପ୍ରାପ୍ତ ହୋଇଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ଗଜନଫରଙ୍କ ଦ୍ରୁତ ଆରୋଗ୍ୟ କାମନା କରିବା ସହ ମୁଜିବୁରଙ୍କୁ ସ୍ୱାଗତ କରିଛନ୍ତି। ଆଫଗାନିସ୍ତାନରୁ ପ୍ରତିନିଧିତ୍ୱ କରିଥିବା ସ୍ୱଳ୍ପ ବୟସ୍କ ଖେଳାଳିମାନଙ୍କ ମଧ୍ୟରେ ମୁଜିବୁର ଅନ୍ୟତମ। ମାତ୍ର ୧୭ ବର୍ଷ ବୟସରେ ସେ ଆଇପିଏଲ୍ ପଦାର୍ପଣ କରିଥିଲେ। ମୁଜିବୁର ୩୦୦ ଟି୨୦ (ଅନ୍ତର୍ଜାତୀୟ ଓ ଘରୋଇ) ଗେମ୍ ଖେଳି ୬.୫ ହାରରେ ୩୩୦ ଉଇକେଟ ନେଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍‌ର ମେଗା ନିଲାମିରେ ୧୮ ବର୍ଷୀୟ ଅଫ୍-ସ୍ପିନର ୪.୮୦ କୋଟି ଟଙ୍କାରେ ବିକ୍ରି ହୋଇଥିଲେ।










Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ